ଚିଠା ବିବରଣୀ

# ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ



ପ୍ରଦାନ କରାଗଲା :


**ରାଜ୍ୟ ଏସ୍ ଆଇ ଏ ୟୁନିଟ୍**

**ନବକୃଷ୍ଣ ଚୌଧୁରୀ ଉନ୍ନୟନ ଅଧ୍ୟୟନ କେନ୍ଦ୍ର,**

(ଓଡିଶା ସରକାରଙ୍କ ସହଯୋଗରେ ଗଠିତ ଆଇ ସି ଏସ୍ ଏସ୍ ଆର୍ ଗବେଷଣା ସଂସ୍ଥା)

ଭୁବନେଶ୍ୱର-୭୫୧୦୧୩, ଓଡିଶା, ଭାରତ


ପ୍ରଦାନ କଲେ


ଐରା

ଅରୁନ୍ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ

ଢେଙ୍କାନାଳ, ଓଡିଶା

*ଚିଠା ବିବରଣୀ*

# ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

*ପ୍ରଦାନ କରାଗଲା :*

**ରାଜ୍ୟ ଏସ୍ ଆଇ ଏ ୟୁନିଟ୍**

**ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର,**

(ଓଡିଶା ସରକାରଙ୍କ ସହଯୋଗରେ ଗଠିତ ଆଇ ସି ଏସ୍ ଏସ୍ ଆର୍ ଗବେଷଣା ସଂସ୍ଥା)

ଭୁବନେଶ୍ୱର- ୭୫୧୦୧୩, ଓଡିଶା, ଭାରତ

*ପ୍ରଦାନ କଲେ :*

ଅରୁନ୍ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ

*ଢେଙ୍କାନାଳ, ଓଡିଶା*

# କୃତଜ୍ଞତା

ଏହି ଅଧ୍ୟୟନଟିକୁ ସୁଚାରୁରୁପେ ଆଗେଇନେବା ପାଇଁ ସହାୟତା ପ୍ରଦାନ କରିଥିବାରୁ ଆମେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପମେଣ୍ଟ ଷ୍ଟଡିଜ ଭୁବନେଶ୍ୱରଙ୍କ ନିକଟରେ କୃତଜ୍ଞ। ଏନ୍ ସି ଡି ଏସ୍ ରାଜ୍ୟ ସଂଯୋଜକ ଡଃ ରାଜକୁମାର ଖୋଶଲା ଙ୍କୁ ତାଙ୍କର ସମୟୋଚିତ ବୈଷୟିକ ସହାୟତା ପ୍ରଦାନ ନିମନ୍ତେ ଆମେ ବିଶେଷ ଧନ୍ୟବାଦ ପ୍ରଦାନ କରୁଛୁ।

ଅଧ୍ୟୟନ କରିବାକୁ ଅନୁସନ୍ଧାନକାରୀ ଦଳର ସଦସ୍ୟମାନଙ୍କୁ ପ୍ରୋତ୍ସାହିତ କରି ଉପଦେଶ ପ୍ରଦାନ କରିଥିବାରୁ ଆମେ ଅନୁଗୁଳ ଜିଲ୍ଲାର ଜିଲ୍ଲାପାଳଙ୍କ ନିକଟରେ ଆମର ଗଭିର କୃତଜ୍ଞତା ଜ୍ଞାପନ କରୁଛୁ। ଅଧ୍ୟୟନ କାର୍ଯ୍ୟ ସମୟରେ ଉପାଦେୟ ଏବଂ ପ୍ରାସଙ୍ଗିକ ତଥ୍ୟ ପ୍ରଦାନ କରିଥିବାରୁ ଆମେ ବଅଁରପାଳ ତହସିଲର ତହସିଲଦାର ତଥା  ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଅନୁଗୁଳ ଏବଂ ଅନ୍ୟାନ୍ୟ ଜିଲ୍ଲା ଅଧିକାରୀ, ଅନୁଗୁଳଙ୍କୁ ଧନ୍ୟବାଦ ଜ୍ଞାପନ କରୁଅଛୁ।

ନିର୍ବାହୀ ଯନ୍ତ୍ରୀ, ଆର୍ ଆଣ୍ଡ ବି ଡିଭିଜନ (୧), ଅନୁଗୁଳ, ଅଧ୍ୟୟନ କାର୍ଯ୍ୟ ସମୟରେ ସମସ୍ତ ବୈଷୟିକ ଓ ବ୍ୟବସ୍ଥାଗତ ସହଯୋଗ ପ୍ରଦାନ କରିଥିବାରୁ ତାଙ୍କୁ ହାର୍ଦ୍ଦିକ ଧନ୍ୟବାଦ ପ୍ରଦାନ କରୁଛୁ। ଗ୍ରାମସ୍ତରରେ ସଭା ଆୟୋଜନ କରିବା ସହ ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ପରୋକ୍ଷ ତଥ୍ୟ ଯୋଗାଇ ଦେବାରେ ସହାୟତା ପ୍ରଦାନ କରିଥିବାରୁ, ଏସ୍ ଡି ଓ, ସହାୟକ ଯନ୍ତ୍ରୀ, ଆର୍ ଆଣ୍ଡ ବି ସବ୍‌ଡିଭିଜନ. ଅନୁଗୁଳଙ୍କୁ ଆମର ହାର୍ଦ୍ଦିକ ଧନ୍ୟବାଦ ଜ୍ଞାପନ କରୁଅଛୁ।

ପ୍ରଭାବିତ ଗ୍ରାମଗୁଡିକରେ ସମୟ ସମୟରେ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଆୟୋଜନ କରିବାରେ ସହଯୋଗ କରିଥିବାରୁ ସମ୍ପୃକ୍ତ ଅଞ୍ଚଳର ସରପଞ୍ଚଙ୍କ ସମେତ ପଞ୍ଚାୟତି ରାଜ ଅନୁଷ୍ଠାନର ସମସ୍ତ ସଦସ୍ୟ ଆମର ଧନ୍ୟବାଦର ପାତ୍ର ଅଟନ୍ତି।

ଅଧ୍ୟୟନ ନିମନ୍ତେ ବିଚାର ବିମର୍ଷ ସମୟରେ ଗ୍ରାମବାସୀମାନେ ସେମାନଙ୍କ ବହୁମୂଲ୍ୟ ସମୟ ପ୍ରଦାନ କରି ସହଯୋଗ କରିଥିବାରୁ ସମସ୍ତ ଗ୍ରାମବାସୀଙ୍କ ନିକଟରେ ଆମେ ସମପରିମାଣରେ କୃତଜ୍ଞ।

ଗବେଷଣା ଦଳର ସମସ୍ତ ସଦସ୍ୟ କ୍ଷେତ୍ର ଅଧ୍ୟୟନ ସମୟରେ ତାଙ୍କର ଅକୁଣ୍ଠ ସମର୍ଥନ ଯୋଗାଇ ଦେଇଥିବାରୁ ସେମାନେ ଆମର ପ୍ରଶଂସାର ଯୋଗ୍ୟ।

**ନିର୍ଦ୍ଦେଶକ**
**ଅରୁନ୍ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ, ଢେଙ୍କାନାଳ**

# ସୂଚୀପତ୍ର

କୃତଜ୍ଞତା ........................................................ iii
ସୂଚୀପତ୍ର ........................................................ iv
ସଂକ୍ଷିପ୍ତ ସୂଚୀ ........................................................ viii
ପ୍ରଥମ ଅଧ୍ୟାୟ ........................................................ 1
କାର୍ଯ୍ୟନିର୍ବାହୀ ସାରାଂଶ ........................................................ 1
୧.୧ ପ୍ରକଳ୍ପର ନାମ ........................................................ 1
୧.୨. ସାର୍ବଜନୀନ ଉଦ୍ଦେଶ୍ୟ ........................................................ 1
୧.୩. ପ୍ରକଳ୍ପର ଅବସ୍ଥିତି ........................................................ 1
୧.୪. ପ୍ରକଳ୍ପ ଅଞ୍ଚଳ ........................................................ 1
୧.୫. ବିକଳ୍ପର ବିଚାର ........................................................ 1
୧.୬ ପ୍ରଭାବିତ ଅଞ୍ଚଳ ତଥା ଗୋଷ୍ଠୀର ସାମାଜିକ ଅର୍ଥନୈତିକ ପାର୍ଶ୍ବଚିତ୍ର ........................................................ 2
୧.୭ ପ୍ରଶମନ ଉପାୟ ........................................................ 4
୧.୮.ସାମାଜିକ ଖର୍ଚ୍ଚ ଏବଂ ଲାଭର ଆକଳନ ........................................................ 6
ଦ୍ଵିତୀୟ ଅଧ୍ୟାୟ : ପ୍ରକଳ୍ପ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା ........................................................ 9
୨.୧ ପ୍ରକଳ୍ପର ପୃଷ୍ଠଭୂମି ଏବଂ ବିକାଶକାରୀଙ୍କ ପୃଷ୍ଠଭୂମି ଓ ନିୟନ୍ତ୍ରଣ ........................................................ 9
୨.୨ ପରିଚାଳନାର ଢାଞ୍ଚା ........................................................ 12
୨.୩ ପ୍ରକଳ୍ପର ଯୁକ୍ତିଯୁକ୍ତତା ସମେତ ଏହି ପ୍ରକଳ୍ପଟିର ସର୍ବସାଧାରଣ ଉଦ୍ଦେଶ୍ୟ ........................................................ 13
୨.୪ ପ୍ରକଳ୍ପର ଆକାର, ଅବସ୍ଥିତି, ସାମର୍ଥ୍ୟ, ଉତ୍ପାଦନ, ଉତ୍ପାଦନର ଲକ୍ଷ୍ୟ, ମୂଲ୍ୟ ଏବଂ ବିପଦ ସମ୍ପର୍କରେ ବିସ୍ତୃତ ବିବରଣୀ ........................................................ 16
ପ୍ରକଳ୍ପର ଅବସ୍ଥିତି ........................................................ 16
୨.୫.ବିକଳ୍ପର ପରୀକ୍ଷଣ ........................................................ 17
୨.୬. ପ୍ରକଳ୍ପ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ........................................................ 18
୨.୭. ମୂଳ ଡିଜାଇନ୍ ର ବୈଶିଷ୍ଟ୍ୟ ଆକାର ଏବଂ ବିଭିନ୍ନ ପ୍ରକାରର ସୁବିଧା ........................................................ 18
୨.୮. ଅତିରିକ୍ତ ଭିତ୍ତିଭୂମି ସୁବିଧା ର ଆବଶ୍ୟକତା ........................................................ 18
୨.୯. ଶ୍ରମବଳର ଆବଶ୍ୟକତା ........................................................ 18
୨.୧୦. ଯଦି ପୂର୍ବରୁ କୌଣସି ଏସ ଆଇ ଏ କିମ୍ବା ଇ ଆଇ ଏ ଏବଂ ବୈଷୟିକ ବିବରଣୀ ପ୍ରସ୍ତୁତ ହୋଇଥାଏ ତାହାର ବିସ୍ତୃତ ବିବରଣୀ ........................................................ 18
୨.୧୧. ପ୍ରଯୁଜ୍ୟ ଆଇନ କାନୁନ ........................................................ 19
୨.୧୨. ବିବରଣୀର ବିଷୟ ବସ୍ତୁ ........................................................ 28
ତୃତୀୟ ଅଧ୍ୟାୟ: ଦଳ ଗଠନ, କାର୍ଯ୍ୟପ୍ରଣାଳୀ, ପଦ୍ଧତି ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସମୟ ସାରଣୀ ........................................................ 29
୩.୧. ଉପକ୍ରମ ........................................................ 29

୩.୨. ଅଧ୍ୟୟନ ଦଳର ତାଲିକା ସମେତ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା.................29
୩.୩. ଆକଳନ ର ପରିସର ......................................................................30
୩.୪. ଆକଳନ ଅଧ୍ୟୟନର ଉଦ୍ଦେଶ୍ୟ ...........................................................32
୩.୫. ପ୍ରକଳ୍ପ ପାଇଁ ସୂଚନା ସଂଗ୍ରହ ପାଇଁ ବ୍ୟବହୃତ ପଦ୍ଧତି ଏବଂ କୌଶଳଗୁଡ଼ିକ ପାଇଁ ବର୍ଣ୍ଣନା ଏବଂ ଯୁକ୍ତିଯୁକ୍ତତା.............................................................................................33
୩.୫.୧. ବର୍ଣ୍ଣନା ଏବଂ ବ୍ୟବହୃତ କାର୍ଯ୍ୟପ୍ରଣାଳୀର ପ୍ରଯୁଜ୍ୟତା.....................................33
୩.୫.୨.ସାମାଜିକ ଆକଳନ ଅଧ୍ୟୟନ କାର୍ଯ୍ୟପନ୍ଥା ଓ ପ୍ରଣାଳୀ.......................................33
୩.୫.୩. ପ୍ରକଳ୍ପ ନିମନ୍ତେ ତଥ୍ୟ ସଂଗ୍ରହ ନିମନ୍ତେ ବ୍ୟବହୃତ କୌଶଳ ..........................34
୩.୫.୪ ବ୍ୟବହୃତ ନମୁନାପ୍ରସ୍ତୁତି ପଦ୍ଧତି .......................................................34
୩.୫.୫ ବ୍ୟବହୃତ ସୂଚନା କିମ୍ବା ତଥ୍ୟର ଉତ୍ସର ସମୀକ୍ଷା (ବିସ୍ତୃତ ରେଫରେନ୍ସ ଫର୍ମରେ ପୃଥକ ଭାବରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ).......................................................35
୩.୫.୬ ଜନ ପ୍ରତିନିଧୀ ଏବଂ ପ୍ରମୁଖ ଅଂଶୀଦାରମାନଙ୍କ ସହିତ ପରାମର୍ଶର କାର୍ଯ୍ୟସୂଚୀ...36
୩.୫.୭ ଅନୁଷ୍ଠିତ ହେବାକୁ ଥିବା ଜନଶୁଣାଣିର ସଂକ୍ଷିପ୍ତ ବର୍ଣ୍ଣନା ..............................38
୩.୬ ବିବରଣୀରେ ଅନ୍ତର୍ଭୁକ୍ତ ହୋଇଥିବା କିଛି ନିର୍ଦ୍ଦିଷ୍ଟ ମତାମତ ..............................39
ଚତୁର୍ଥ ଅଧ୍ୟାୟ: ଜମିର ଆକଳନ ..........................................................40
୪.୧ ପ୍ରକଳ୍ପ ଅଧୀନରେ ପ୍ରଭାବିତ ଅଞ୍ଚଳକୁ ଦର୍ଶାଉଥିବା ମାନଚିତ୍ର...........................40
୪.୨ ପ୍ରକଳ୍ପ ଅଧୀନରେ ପ୍ରଭାବିତ ଅଞ୍ଚଳକୁ ଦର୍ଶାଉଥିବା ମାନଚିତ୍ରଉଭୟ ଅଧିଗ୍ରହଣ ହେବାକୁ ଥିବା ଜମି ଏବଂ ପ୍ରକଳ୍ପର ପରିବେଶ, ସାମାଜିକ କିମ୍ବା ଅନ୍ୟାନ୍ୟ ପ୍ରଭାବ ଦ୍ୱାରା ପ୍ରଭାବିତ ଅଞ୍ଚଳ ସହିତ ପ୍ରସ୍ତାବିତ ପ୍ରକଳ୍ପ ଅଧୀନରେ ପ୍ରଭାବିତ କ୍ଷେତ୍ର ...............................................41
୪.୩ ଏହି ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ର ପରିମାଣ ଏବଂ ଅବସ୍ଥିତି...41
୪.୪ ଏହି ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ହେଉଥିବା ଜମି ସର୍ବନିମ୍ନ ଆବଶ୍ୟକତା ଅଟେ କି ।41
୪.୫ ଏହି ପ୍ରକଳ୍ପ ନିମନ୍ତେ ବିକଳ୍ପ ସ୍ଥାନର ଅନୁସନ୍ଧାନ ଏବଂ ତାହାର ଉପଯୁକ୍ତତା ସମ୍ବନ୍ଧରେ ପରୀକ୍ଷଣ 41
୪.୬ ଅନୁସୂଚିତ ଅଞ୍ଚଳରେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ସର୍ବଶେଷ ଉପାୟ କି ?......42
୪.୭ ଯଦି ପୂର୍ବରୁ କୌଣସି ଜମି, କ୍ରୟ, କିସମ ପରିବର୍ତ୍ତନ, ଲିଜ୍ କିମ୍ବା ଅଧିଗ୍ରହଣ ହୋଇଥାଏ ଏବଂ ପ୍ରକଳ୍ପ ପାଇଁ ଆବଶ୍ୟକ ପ୍ରତ୍ୟେକ ଜମି ପାଇଁ ଉଦ୍ଦିଷ୍ଟ ବ୍ୟବହାର ..............................42
୪.୮ ପ୍ରକଳ୍ପ ପାଇଁ ଆବଶ୍ୟକ ପ୍ରତ୍ୟେକ ଜମି ପାଇଁ ଉଦ୍ଦିଷ୍ଟ ବ୍ୟବହାର ଏହି ପ୍ରକଳ୍ପ ପାଇଁ ଯେ କୌଣସି ସାର୍ବଜନୀନ ଅବ୍ୟବହୃତ ଜମି ବ୍ୟବହାର ହେବାର ସମ୍ଭାବନା ଏବଂ ଏହିପରି କୌଣସି ଜମି କାହା ଦଖଲରେ ଅଛି କି ? ।..................................................................42
୪.୯ ଜମିର ପ୍ରକାର, ବର୍ତ୍ତମାନର ବ୍ୟବହାର ଏବଂ ଜମିର ବର୍ଗୀକରଣ ଏବଂ ଯଦି ଏହା ଏକ କୃଷି ଜମି, ଉକ୍ତ ଜମି ପାଇଁ ଜଳସେଚନର ବ୍ୟାପ୍ତି ଏବଂ ଫସଲ ଢାଞ୍ଚା | ...........................42
୪.୧୦ ପ୍ରସ୍ତାବିତ ଜମି ଅଧିଗ୍ରହଣରେ ଖାଦ୍ୟ ନିରାପତ୍ତାକୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ପାଳନ କରାଯାଇଛି କି ନାହିଁ.......................................................................................43
୪.୧୧ ଜମି ଧାରଣର ଆକାର, ମାଲିକାନା ଢାଞ୍ଚା, ଜମି ଆବଣ୍ଟନ, ଆବାସିକ ଘର ସଂଖ୍ୟା ଏବଂ ସରକାରୀ ଓ ବେସରକାରୀ ଭିତ୍ତିଭୂମି ଏବଂ ସମ୍ପତ୍ତି;............................................43

୪.୧୨ ଜମି ମୂଲ୍ୟ ଏବଂ ମାଲିକାନାରେ ପରିବର୍ତ୍ତନ ଗତ ତିନିବର୍ଷ ମଧ୍ୟରେ ଜମିର ମାଲିକାନା, ସ୍ଥାନାନ୍ତର ଏବଂ ବ୍ୟବହାରରେ ପରିବର୍ତ୍ତନ ....48
ପଞ୍ଚମ ଅଧ୍ୟାୟ: ପ୍ରଭାବିତ ପରିବାର ଏବଂ ସମ୍ପତ୍ତିର ଆକଳନ ଓ ଗଣନା ....51
୫.୧. ମୁଖବନ୍ଧ ....51
୫.୧.୧ ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡ଼ିକର ଜନସଂଖ୍ୟାର ପାର୍ଶ୍ୱଚିତ୍ର ....51
୫.୧.୨ ଲିଙ୍ଗଗତ ପାର୍ଶ୍ୱଚିତ୍ର ....52
୫.୧.୩ ବୟସ ସଂରଚନା ....53
୫.୧.୪ ସାକ୍ଷରତା ଏବଂ ଶିକ୍ଷାଗତ ଯୋଗ୍ୟତା ସ୍ଥିତି ....54
୫.୧.୫ ବୃତ୍ତି ଅନୁଯାୟୀ ଲୋକସଂଖ୍ୟାର ବିତରଣ ....55
୫.୧.୬ ଆୟ, ଦାରିଦ୍ର୍ୟତା ଓ ଋଣଗ୍ରସ୍ତତା ....56
୫.୧.୭ ଋଣ ....57
୫.୧.୮ ବୈବାହିକ ସ୍ଥିତି ....59
୫.୧.୯ ଦୁସ୍ଥ ବ୍ୟକ୍ତିମାନଙ୍କ ସ୍ଥିତି ....59
୫.୨. ବାସକରୁଥିବା ପରିବେଶର ଗୁଣବତ୍ତା ....60
୫.୨.୧ ବାସଗୃହର ଅବସ୍ଥା, ମୌଳିକ ସୁବିଧା ର ଉପଲବ୍ଧତା ଏବଂ ସମ୍ପତ୍ତିର ସ୍ଥିତି ....60
୫.୨.୨ ସ୍ୱାସ୍ଥ୍ୟର ସ୍ଥିତି ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଆଚରଣ ....62
୫.୩. ଜୀବିକା ହରାଉଥିବା ପରିବାର ଗଣନା ....62
୫.୪. ଅନୁସୂଚିତ ଜନଜାତିର ପରିବାର ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସିନ୍ଦା ଯେଉଁମାନେ ସେମାନଙ୍କର ଜଙ୍ଗଲ ଅଧିକାର ହରାଉଛନ୍ତି ସେମାନଙ୍କ ଗଣନା ....63
୫.୫. ବିଭିନ୍ନ ଯୋଜନା ଅଧୀନରେ ଦିଆଯାଇଥିବା ଜମି ହରାଉଥିବା ପରିବାରର ଗଣନା: .63
୫.୬. କୃଷି ଶ୍ରମିକଙ୍କ ପରିବାର, ଭଡାନେଇ ଜମି ଚାଷ କରୁଥିବା ବ୍ୟକ୍ତି କିମ୍ବା ଫଳଅଧିକାର ଦାବିଦାର ବ୍ୟକ୍ତି, ଭାଗଚାଷୀ କିମ୍ବା କାରିଗର କିମ୍ବା ଯେଉଁମାନେ ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ ଧରି ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରିଥିବେ ....63
୫.୭. ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ଯେ କୌଣସି ଯୋଜନା ଅଧୀନରେ ଯେଉଁ ପରିବାରମାନଙ୍କୁ ଜମି ଦେଇଛନ୍ତି ....63
୫.୮. ସହରାଞ୍ଚଳର ଯେ କୌଣସି ଜମିରେ ଯଦି ପରିବାରମାନେ ଜମି ଅଧିଗ୍ରହଣ ପୂର୍ବରୁ ୩ ବର୍ଷ କିମ୍ବା ତା'ଠାରୁ ଅଧିକ ପୂର୍ବରୁ ବସବାସ କରିଆସୁଛନ୍ତି; ....63
୫.୯ ପ୍ରକଳ୍ପ ହେତୁ ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ସାମାଜିକ ଆର୍ଥିକ ସ୍ଥିତି (ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହକାରୀ, ଶିକାରୀ, କେଉଟ, ଏବଂ ନାଉରିଆ) ....64
୫.୧୦. ଉତ୍ପାଦନକାରୀ ସମ୍ପତ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଜମିର ତାଲିକା ....65
ଷଷ୍ଠ ଅଧ୍ୟାୟ: ଅଧ୍ୟୟନ ଅଞ୍ଚଳର ପାର୍ଶ୍ୱଚିତ୍ର, ସାମାଜିକ ଅର୍ଥନୈତିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର ....66
୬.୧. ମୁଖବନ୍ଧ ....66
୬.୨ ଜିଲ୍ଲା ସମ୍ବନ୍ଧରେ ....66

୬.୩ ପ୍ରଭାବିତ ବ୍ଲକର ପାର୍ଶ୍ୱଚିତ୍ର ....73
୬.୪ ପ୍ରଭାବିତ ଅଞ୍ଚଳ ତଥା ଗୋଷ୍ଠୀର ସାମାଜିକ ଅର୍ଥନୈତିକ ପାର୍ଶ୍ୱଚିତ୍ର ....74
୬.୫. ପ୍ରକଳ୍ପ ପ୍ରଭାବିତ ଗ୍ରାମ ସମ୍ବନ୍ଧରେ ବିଷଦ ବିବରଣୀ ....74
୬.୬. ଜମି ବ୍ୟବହାର ଏବଂ ଜୀବିକାର ସ୍ଥିତି ....75
୬.୭. ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକ୍ରମ ....75
୬.୮. ଧର୍ମପିଠ ଏବଂ ପବିତ୍ର ସ୍ଥାନ ....75
୬.୯ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଏବଂ ମହିଳାମାନଙ୍କ ଭାଗୀଦାରୀତା ....76
ସପ୍ତମ ଅଧ୍ୟାୟ: ପ୍ରକଳ୍ପ ସମ୍ବନ୍ଧରେ ପରିବାରର ଧାରଣା ଏବଂ ପ୍ରକଳ୍ପର ପ୍ରଭାବ ....78
୭.୧. ପ୍ରକଳ୍ପ ସମ୍ବନ୍ଧରେ ସମ୍ୟକ ବିବରଣୀ ....78
୭.୨. ପ୍ରକଳ୍ପର ପ୍ରଭାବ ଚିହ୍ନଟ କରିବା ନିମନ୍ତେ ଗ୍ରହଣ କରାଯାଇଥିବା ପଦ୍ଧତି ....78
୭.୩ ପ୍ରକଳ୍ପ ପ୍ରଭାବ: ....79
୭.୪ ପ୍ରକଳ୍ପ ସମ୍ବନ୍ଧରେ ସଚେତନତା ....81
୭.୫ କ୍ଷତିପୂରଣ ପାଇଁ ପ୍ରଭାବିତ ପରିବାରଗୁଡିକର ଆଶା ଏବଂ ପସନ୍ଦ: ....81
୭.୬ ସାମାଜିକ ପ୍ରଭାବ ପରିଚାଳନା ଯୋଜନା: ....81
ଅଷ୍ଟମ ଅଧ୍ୟାୟ: ମୂଲ୍ୟ ସହ ଲାଭର ବିଶ୍ଳେଷଣ ଓ ସୁପାରିଶ ....86
୮.୧ ମୂଲ୍ୟ ସହ ଲାଭର ବିଶ୍ଳେଷଣ ....86
୮.୨ ସାର୍ବଜନୀନ ଉଦ୍ଦେଶ୍ୟର ଆକଳନ ....88
୮.୩ ଜମିର ସର୍ବନିମ୍ନ ଆବଶ୍ୟକତା ଏବଂ କମ୍ ବିସ୍ଥାପନ ନିମନ୍ତେ ବିକଳ୍ପର ଚୟନ ....89
୮.୪ ସାମାଜିକ ପ୍ରଭାବର ପ୍ରକୃତି ଏବଂ ତୀବ୍ରତା ....89
୮.୫ କ୍ଷତିକାରକ ପଦକ୍ଷେପଗୁଡ଼ିକର ବ୍ୟବହାର ଯୋଗ୍ୟତା ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବର୍ଣ୍ଣିତ ପ୍ରଶମନ ପଦକ୍ଷେପଗୁଡିକ ସାମାଜିକ ପ୍ରଭାବ ଏବଂ ପ୍ରତିକୂଳ ସାମାଜିକ ମୂଲ୍ୟର ସମ୍ପୂର୍ଣ୍ଣ ପରିସରକୁ ସମାଧାନ କରିବାରେ କିପରି ସାହାଯ୍ଯ କରିବା ....90
୮.୬ ଉପସଂହାର ଓ ସୁପାରିଶ ....90
ଅନୁସୂଚୀ ....93
ଅନୁସୂଚୀ-୧ ....94
ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ବିଜ୍ଞପ୍ତି ଏବଂ ଭୂମି ଅନୁସୂଚୀ ....94
ଅନୁସୂଚୀ- ୨ ....99
ସର୍ବେକ୍ଷଣ କରାଯାଇଥିବା ପରିବାରର ତାଲିକା ....99
ଫଟୋଗ୍ରାଫ ....108

# ସଂକ୍ଷିପ୍ତ ସୂଚୀ

| | | |
|---|---|---|
| ଏ ଆଇ ଆର୍ ଏ | : | ଅରୁନ୍ ଇନ୍‌ଷ୍ଟିଚ୍ୟୁଟ ଅଫ ରୁରାଲ ଆଫେୟାର୍ସ/ ଅରୁନ୍ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ |
| ସି ପି ଆର୍ | : | କମନ୍ ପ୍ରପର୍ଟି ରିସୋର୍ସ |
| ସି ଏସ୍ ଜି | : | କନ୍‌ସଲଟାନ୍ସି ସର୍ଭିସ ଗ୍ରୁପ |
| ସି ଏସ୍ ଆର୍ | : | କର୍ପୋରେଟ ସୋସିଆଲ୍ ରେସ୍‌ପନ୍‌ସିବିଲିଟି |
| ଡିସି | : | ଡିଷ୍ଟ୍ରିକ୍ଟ କଲେକ୍ଟର/ ଜିଲ୍ଲାପାଳ |
| ଡି ଏଫ୍ ଓ | : | ଡିଭିଜନାଲ ଫରେଷ୍ଟ ଅଫିସର୍ |
| ଡି ପି ଆର୍ | : | ବିସ୍ତୃତ ପ୍ରକଳ୍ପ ବିବରଣୀ |
| ଇ ଇ | : | ନିର୍ବାହୀ ଯନ୍ତ୍ରୀ |
| ଏଫ୍ ଜି ଡି | : | କେନ୍ଦ୍ରୀଭୁତ ଦଳଗତ ଆଲୋଚନା |
| ଜି ଓ ଆଇ | : | ଭାରତ ସରକାର |
| ଜିଓଭିଟ | : | ଗଭର୍ଣ୍ଣମେଣ୍ଟ |
| ଜି ପି | : | ଗ୍ରାମ ପଞ୍ଚାୟତ |
| କେ.ଏମ | : | କିଲୋମିଟର |
| ଏଲ୍ ଏ ଓ | : | ଭୂ-ଅର୍ଜନ ଅଧିକାରୀ |
| ଏମ୍ ଜି ଏନ୍ ଆର୍ ଇ ଜି ଏ | : | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା |
| ଏମ୍ ଓ ଇ ଆଣ୍ଡ ଏଫ୍ | : | ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରଣାଳୟ |
| ଏନ.ସି.ଡି.ଏସ | : | ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ |
| ପି ଏ ଏଫ୍ | : | ପ୍ରକଳ୍ପ ପ୍ରଭାବିତ ପରିବାର |
| ପି ଏ ପି | : | ପ୍ରକଳ୍ପ ପ୍ରଭାବିତ ଲୋକ |
| ପି.ଆର.ଏ | : | ପାଟିସିପେଟୋରୀ ରୁରାଲ ଆର୍ପ୍ରାଇଜାଲ |
| ପି.ଆର.ଆଇ | : | ପଞ୍ଚାୟତ ରାଜ ଇନିଷ୍ଟିଚ୍ୟୁସନ୍ |
| ପି ଏସ୍ ୟୁ | : | ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଙ୍ଗ |
| ପି ଡବ୍ଲ୍ୟୁ ଡି | : | ଭିନ୍ନକ୍ଷମ ବ୍ୟକ୍ତି |
| ଆର୍ ଆଣ୍ଡ ଡି ଏମ୍ | : | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା |
| ଆର.ଏଫ.ସି.ଟି.ଏଲ.ଏ.ଆର. ଆର. ଆଣ୍ଡ ଆର. | : | ନ୍ୟାୟ ସଂଗତ କ୍ଷତିପୂରଣ ଅଧିକାର ତଥା ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଏବଂ ଥଇଥାନ ଅଧିନିୟମ |
| ଏସ୍ ସି | : | ଅନୁସୂଚିତ ଜାତି |
| ଏସ୍ ଏଚ୍ ଜି | : | ସ୍ୱୟଂ ସହାୟକ ଦଳ |
| ଏସ୍ ଆଇ ଏ | : | ସାମାଜିକ ପ୍ରଭାବ ଆକଳନ |
| ଏସ୍ ଆଇ ଏମ୍ ପି | : | ସାମାଜିକ ପ୍ରଭାବ ପରିଚାଳନା ଯୋଜନା |
| ଏସ୍ ଟି | : | ଅନୁସୂଚିତ ଜନଜାତି |

# ପ୍ରଥମ ଅଧ୍ୟାୟ
# କାର୍ଯ୍ୟନିର୍ବାହୀ ସାରାଂଶ

**୧.୧ ପ୍ରକଳ୍ପର ନାମ - ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ**

**୧.୨. ସାର୍ବଜନୀନ ଉଦ୍ଦେଶ୍ୟ** - ନ୍ୟାୟୋଚିତ କ୍ଷତିପୂରଣ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ବଚ୍ଛତା ଆଇନ ୨୦୧୩ ର ଧାରା ୪(୧) ର ଏକ ବାଧ୍ୟତା ମୂଳକ ପ୍ରବଧାନ ହିସାବରେ ଏହି ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି । ବର୍ତ୍ତମାନ କ୍ଷେତ୍ରରେ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ବେସରକାରୀ ଜମି ଅଧିଗ୍ରହଣ କରାଯାଉଛି । ନିସନ୍ଦେହରେ ଏହା ସାର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି ବୋଲି କୁହାଯାଇପାରେ କାରଣ ଚାରି ଥାକିଆ ରାସ୍ତା ଏବଂ ଡ୍ରେନେଜ ନିର୍ମାଣ ପ୍ରକଳ୍ପ ଲୋକମାନଙ୍କ ଲାଭ ନିମନ୍ତେ ଉଦ୍ଦିଷ୍ଟ । ଏହି ପ୍ରକଳ୍ପ ଧାରା ୨ (ଖ) (୪) ଏବଂ (୫) ଅନୁଯାୟୀ ସାର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି । ତେଣୁ ଅଧିଗ୍ରହଣ କରାଯାଉଥିବା ଜମି ସାର୍ବଜନୀନ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛି ।

## ୧.୩. ପ୍ରକଳ୍ପର ଅବସ୍ଥିତି

ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପ୍ରକଳ୍ପ ଟି ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅବସ୍ଥିତ । ପ୍ରସ୍ତାବିତ ପ୍ରକଳ୍ପ ହେତୁ ଚାରିଖଣ୍ଡ ଗ୍ରାମ ପ୍ରଭାବିତ ହେବ । କିନ୍ତୁ ବର୍ତ୍ତମାନ ଏହି ଅଧ୍ୟୟନରେ କେବଳ ପ୍ରଭାବିତ ମଝିକା ଗ୍ରାମର ସାମାଜିକ ପ୍ରଭାବ ଆକଳନ କରାଯାଇଛି ।

## ୧.୪. ପ୍ରକଳ୍ପ ଅଞ୍ଚଳ

ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରୁ ୬.୨୫୫୪ଏକର ବେସରକାରୀ ଜମି ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଛି ।

## ୧.୫. ବିକଳ୍ପର ବିଚାର

ଜମି ଅଧିଗ୍ରହଣକୁ କମ୍ କରିବା ପାଇଁ ବିକଳ୍ପର ବିଶ୍ଳେଷଣ ବିଷୟରେ, ଅଧ୍ୟୟନରୁ ଜଣାପଡିଛି ଯେ ଭବିଷ୍ୟତରେ ଗ୍ରାମରେ ଜମି ଅଧିଗ୍ରହଣ ଏବଂ ବିଶୃଙ୍ଖଳାକୁ କମ୍ କରିବା ପାଇଁ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ଯୋଜନା କରାଯାଇଛି। ଗ୍ରାମବାସୀଙ୍କ ସହ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ସ୍ଥାନ ପରିବର୍ତ୍ତନ କରିବାକୁ ଅନ୍ୟ ସମ୍ଭାବ୍ୟ ବିକଳ୍ପଗୁଡିକ ପରୀକ୍ଷା କରିବାକୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ମଧ୍ୟ ଏକ ପ୍ରୟାସ କରିଥିଲେ, ଯାହା ଦ୍ଵାରା ଜମି ଅଧିଗ୍ରହଣକୁ କମ୍ କରାଯାଇପାରିବ | କିନ୍ତୁ ଏହା ସମ୍ଭବ ନୁହେଁ କାରଣ ଏକ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି ଏବଂ ପ୍ରସ୍ତାବିତ ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଜାତୀୟ ରାଜପଥ - ୫୫ ରେ ଆସୁଥିବା ଭାରୀ ଯାନଗୁଡ଼ିକୁ ରାଜ୍ୟ ରାଜପଥ -୬୩ ଅର୍ଥାତ - ଅନୁଗୁଳ –ଛେଣ୍ଡିପଦା-ସରପାଳ– ବୁଢାପଲା ରାସ୍ତାକୁ ଅଳ୍ପ ଦୂରତାରେ ରାସ୍ତାରେ ପହଞ୍ଚାଇବା | ଅବସ୍ଥାନରେ ଏପରି କୌଣସି ପରିବର୍ତ୍ତନ ନକାରାତ୍ମକ ପ୍ରଭାବ ପକାଇପାରେ | ଶେଷରେ, ଅଞ୍ଚଳ ସମ୍ବନ୍ଧରେ ସମସ୍ତ ବିକଳ୍ପଗୁଡିକ ପରୀକ୍ଷା କରିବା ପରେ

ଅଧ୍ୟୟନ ଦଳ ଜାଣିବାକୁ ପାଇଲେ ଯେ ମନୋନୀତ ସ୍ଥାନଟି ଯଥାର୍ଥ ଅଟେ ଏବଂ ବର୍ତ୍ତମାନ ପର୍ଯ୍ୟାୟରେ ସର୍ବନିମ୍ନ ଆବଶ୍ୟକତାକୁ ସୁନିଶ୍ଚିତ କରେ |

ବିଭିନ୍ନ କର୍ତ୍ତୃପକ୍ଷଙ୍କ ସହିତ ବିସ୍ତୃତ ଆଲୋଚନା ପରେ, ପ୍ରକଳ୍ପର ମାର୍ଗ ବାଛିବା ଏବଂ ଜମି ଅଧିଗ୍ରହଣ କରିବା ପାଇଁ କିଛି ବିକଳ୍ପର ତୁଳନାତ୍ମକ ଆକଳନ ପାଇଁ ଗ୍ରହଣ କରାଯାଇଥିବା ମାନଦଣ୍ଡ ଏବଂ ମୌଳିକ ବିଚାରଗୁଡ଼ିକ ନିମ୍ନ ପ୍ରକାର ଅଟେ,

(୧) ପ୍ରସ୍ତାବିତ ବାଇ-ପାସ୍ ରାସ୍ତାର ନିର୍ମାଣ ଉଦ୍ଦେଶ୍ୟ ହେଉଛି ଜାତୀୟ ରାଜପଥ - ୫୫ ରେ ଆସୁଥିବା ଭାରୀ ଯାନଗୁଡ଼ିକୁ ରାଜ୍ୟ ରାଜପଥ -୬୩ ଅର୍ଥାତ - ଅନୁଗୁଳ –ଛେଣ୍ଡିପଦା-ସରପାଳ– ବୁଢାପଲା ରାସ୍ତାକୁ ଅଳ୍ପ ଦୂରତାରେ ରାସ୍ତାରେ ପହଞ୍ଚାଇବା | ତେଣୁ ବର୍ତ୍ତମାନର ମାର୍ଗରେଖା ପରିବର୍ତ୍ତନ କରାଯାଇପାରିବ ନାହିଁ | ରାସ୍ତା ପାର୍ଶ୍ୱରେ ଥିବା ଜମିର ଭୌଗୋଳିକ ଅବସ୍ଥା ମଧ୍ୟ ନିର୍ମାଣର ମାନଦଣ୍ଡ ପୂରଣ କରିବାରେ ସକ୍ଷମ;

(୨) ନିର୍ମାଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ଏବଂ ସାମଗ୍ରୀ ପରିବହନ ପାଇଁ ସହଜରେ ଉପଲବ୍ଧତା;

(୩) କୌଣସି ଜଙ୍ଗଲ ନାହିଁ ଏବଂ କୌଣସି ଗଛ କଟାଯିବ ନାହିଁ;

(୪) ସମାଧାନ ଆବଶ୍ୟକ କରୁଥିବା କୌଣସି ପୁନର୍ବାସ ଏବଂ ଥଇଥାନ ସମସ୍ୟା ନାହିଁ |

(୫) ସମୁଦାୟ ଖର୍ଚ୍ଚ ତୁଳନାରେ ସାମାଜିକ ଏବଂ ଅର୍ଥନୈତିକ ଲାଭ |

ଏପରି ପରିସ୍ଥିତିରେ, ଏହା ସିଦ୍ଧାନ୍ତ ନିଆଯାଇଛି ଯେ ପ୍ରକଳ୍ପ ପାଇଁ ମନୋନୀତ ସ୍ଥାନ ଯଥାର୍ଥ ଅଟେ ଏବଂ ବର୍ତ୍ତମାନ ପର୍ଯ୍ୟାୟରେ ସର୍ବନିମ୍ନ ଆବଶ୍ୟକତା ନିଶ୍ଚିତ ହୋଇଛି | ତେଣୁ ଏଠାରେ କୁହାଯାଇପାରେ ଯେ ପ୍ରସ୍ତାବିତ ନିର୍ମାଣ ସ୍ଥାନ ଭଲ ଏବଂ ସମସ୍ତ ଆବଶ୍ୟକୀୟ ମାନଦଣ୍ଡକୁ ପୂର୍ଣ୍ଣ କରୁଛି | ତେଣୁ ବିକଳ୍ପ ଖୋଜିବା ପାଇଁ କୌଣସି ଆବଶ୍ୟକତା ନାହିଁ |

## ୧.୬ ପ୍ରଭାବିତ ଅଞ୍ଚଳ ତଥା ଗୋଷ୍ଠୀର ସାମାଜିକ ଅର୍ଥନୈତିକ ପାର୍ଶ୍ବଚିତ୍ର

ଜମି ଆବଶ୍ୟକ କରୁଥିବା ସଂସ୍ଥା ପ୍ରଦାନ କରିଥିବେ ଆର୍ ଓ ଆର୍ ଅନୁଯାୟୀ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ହେତୁ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ୨୪ ଟି ଖାତାର ୩୭ ଟି ପ୍ଲଟର  ୮୨ ଜଣ ଜମି ମାଲିକ ପ୍ରସ୍ତାବିତ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବାକୁ ଯାଉଛନ୍ତି କିନ୍ତୁ ସର୍ବେକ୍ଷଣ ସମୟରେ ଏହା ଦେଖାଗଲା ଯେ, ୧୪ ଟି ଜମି ମାଲିକଙ୍କ ନାମ ପୁନରାବୃତ୍ତି ହୋଇଛି ଏବଂ ୮ ଜଣ ଜମି ମାଲିକ  ଉପଲବ୍ଧ ହେଲେ ନାହିଁ/ ଅନ୍ୟତ୍ର ବସବାସ କରୁଛନ୍ତି । ଅବଶିଷ୍ଟ ୬୦ ଟି ପରିବାରର ବଂଶାବଳି ବିଶ୍ଳେଷଣ ସମୟରେ ୬୫ ଟି ବିସ୍ତାରିତ ପରିବାର ଚିହ୍ନଟ କରାଯାଇଥିଲା | ଶେଷରେ ଏହି ଉଦ୍ଦେଶ୍ୟ ରେ ୧୨୫ଟି  ପ୍ରଭାବିତ ପରିବାର ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଛି ଏବଂ ପ୍ରସ୍ତାବିତ ପ୍ରକଳ୍ପର ତୁଳନାତ୍ମକ ପ୍ରଭାବ ଆକଳନ ଖୋଜିବା ପାଇଁ, ଗ୍ରାମର ୧୦ ଟି ଅଣ ପ୍ରଭାବିତ ପରିବାର ମଧ୍ୟ ସର୍ବେକ୍ଷଣ କରାଯାଇଥିଲା ।

ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ କରାଯାଇଥିବା ୧୨୫ ଟି ପରିବାରର ତଥ୍ୟ ରୁ ଜଣାଯାଏ ଯେ, ସେମାନଙ୍କ ମଧ୍ୟରୁ ସମସ୍ତ ପରିବାର ହିନ୍ଦୁ ସଂପ୍ରଦାୟର ଏବଂ ସମସ୍ତ ୧୨୫ (୧୦୦%) ପରିବାର ଅନ୍ୟାନ୍ୟ ପଛୁଆ ବର୍ଗର ପରିବାର । ପ୍ରଭାବିତ ପରିବାର ମଧ୍ୟରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି, ସାଧାରଣ ବର୍ଗର ପରିବାର କେହି ନାହାନ୍ତି । ପରିବାର ମୁଖ୍ୟଙ୍କ ଲିଙ୍ଗ ବର୍ଗୀକରଣ ଦର୍ଶାଏ ଯେ, ପ୍ରଭାବିତ ପରିବାର ମୁଖ୍ୟମାନଙ୍କ ମଧ୍ୟରୁ ୯୭(୭୭.୬୦%) ପୁରୁଷ ଏବଂ ୨୮

(୨.୪୦%) ଜଣ ମହିଳା ଅଟନ୍ତି । ଏହା ସୂଚିତ କରେ ଯେ, ଅଧ୍ୟୟନ କରାଯାଇଥିବା ଅଞ୍ଚଳରେ ଥିବା ପ୍ରଭାବିତ ପରିବାରଗୁଡିକ ମଧ୍ୟରେ ପୁରୁଷମୁଖ୍ୟ ପରିବାର ଅଧିକ ଅଟନ୍ତି । କିନ୍ତୁ ଉତ୍ତରଦାତାମାନଙ୍କ ମଧ୍ୟରେ ମାତ୍ର ୯.୬୦% (୧୨ ଜଣ) ମହିଳା ସର୍ବେକ୍ଷଣ କରୁଥିବା ଦଳର ସଦସ୍ୟ ମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ ଏବଂ ସର୍ବେକ୍ଷଣରେ ଭାଗ ନେଇଥିଲେ । ଏହା ଆହୁରିମଧ ଅବଗତ ହେଲା ଯେ ଓବିସି ସମ୍ପ୍ରଦାୟ କ୍ଷେତ୍ରରେ ମହିଳା ମୁଖ୍ୟ ପରିବାର ଅଧିକ ।

ଜନସଂଖ୍ୟାର ଲିଙ୍ଗ ବର୍ଗୀକରଣରୁ ଏହା ଅବଗତ ହେଲା ଯେ, ପ୍ରଭାବିତ ପରିବାରର ମୋଟ ଜନସଂଖ୍ୟା ୫୮୫ ଅଟେ । ସେଥିମଧ୍ୟରୁ ୩୧୧ ଅର୍ଥାତ (୫୩.୧୬%) ପୁରୁଷ ଏବଂ ୨୭୪ (୪୬.୮୪%) ମହିଳା ଅଟନ୍ତି । ପରିବାରର ହାରାହାରି ଆକାର ୪.୬୮ ଏବଂ ଲିଙ୍ଗ ଅନୁପାତ ୮୮୧ ଅଟେ ।

ବୟସ ବିଶ୍ଳେଷଣରୁ ଅବଗତ ହେଲା ଯେ ସର୍ବାଧିକ ୨୯୬(୫୦.୬୦%) ଜଣ ବ୍ୟକ୍ତି ଉତ୍ପାଦନକାରୀ ବୟସ ବର୍ଗ (୧୯-୪୫ବର୍ଷ) ମଧ୍ୟରେ ଏବଂ ଦ୍ୱିତୀୟ ସର୍ବାଧିକ ବ୍ୟକ୍ତି ଉତ୍ପାଦନକାରୀ ବୟସ ବର୍ଗ ୪୬-୬୦ ବର୍ଷ ମଧ୍ୟରେ ୧୭୦ (୧୫.୨୧%) ଜଣ ବ୍ୟକ୍ତି ଅଛନ୍ତି । ଅନ୍ୟ ବୟସ ଶ୍ରେଣୀ ମଧ୍ୟରେ ୨୨ (୩.୭୬%) ଜଣ ବ୍ୟକ୍ତି ୦ ରୁ ୬ ବର୍ଷ ବୟସ ବର୍ଗ ମଧ୍ୟରେ, ୫୪ (୯.୨୩%) ଜଣ ବ୍ୟକ୍ତି ୬ ରୁ ୧୮ ବର୍ଷ ବୟସ ମଧ୍ୟରେ, ୪୩ (୭.୩୫%) ଜଣ ବ୍ୟକ୍ତି ୬୦ ରୁ ଉର୍ଦ୍ଧ୍ୱ ବୟସ ବର୍ଗ ମଧ୍ୟରେ ମିଳନ୍ତି । ବୟସ ଶ୍ରେଣୀ ବିଶ୍ଳେଷଣରୁ ଏହା ଜଣାପଡିଛି ଯେ କାର୍ଯ୍ୟକ୍ଷମ ଅର୍ଥାତ ୧୯-୬୦ ବର୍ଷ ବୟସ ବର୍ଗ ମଧ୍ୟରେ ଜନସଂଖ୍ୟାର ପ୍ରାୟ ୭୫% ବ୍ୟକ୍ତି ଅଛନ୍ତି ଯାହାକି ସେମାନଙ୍କ ଉପରେ ୨୫% ନିର୍ଭରଶୀଳତାର ଭାର ଦର୍ଶାଇଥାଏ ଯାହା ବହୁତ କମ ଅଟେ । ଜନସଂଖ୍ୟାର କାର୍ଯ୍ୟକ୍ଷମ ବୟସ ବର୍ଗ ଉପରେ କମ୍ ନିର୍ଭରଶୀଳତା ଭାର ପ୍ରଦର୍ଶିତ କରିଥାଏ, ଏଥିରୁ ଅବଗତହେଉଛି ଯେ, ଜମିଅଧିଗ୍ରହଣ ପ୍ରଭାବିତ ପରିବାରକୁ ଏକ କଷ୍ଟଦାୟକ ପରିସ୍ଥିତିରେ ପକାଇବ ନାହିଁ | ତଥାପି ପ୍ରଭାବିତ ଜନସଂଖ୍ୟାକୁ ସୁରକ୍ଷା ଦେବା ପାଇଁ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ସେହିପରି ଭାବରେ ପ୍ରସ୍ତୁତ ହେବା ଆବଶ୍ୟକ |

ସମୁଦାୟ ପ୍ରଭାବିତ ୫୮୫ ଜନସଂଖ୍ୟା ମଧ୍ୟରେ ୧୩ ପୁରୁଷ ଏବଂ ୯ ଜଣ ମହିଳା ସମୁଦାୟ ୨୨ ଜଣ ବ୍ୟକ୍ତିଙ୍କର ବିଦ୍ୟାଳୟକୁ ଯିବା ବୟସ ହୋଇନାହିଁ ଅର୍ଥାତ ସେମାନଙ୍କ ବୟସ (୦-୬ ବର୍ଷ) ବୟସ ମଧ୍ୟରେ । ଅବଶିଷ୍ଟ ୨୯୮ ଜଣ ପୁରୁଷ ଏବଂ ୨୬୫ ଜଣ ମହିଳା ସମୁଦାୟ ୫୬୩ ବୟସ୍କ ବ୍ୟକ୍ତି ଅଟନ୍ତି ଏବଂ ଶିକ୍ଷାର ସ୍ଥିତି ନିର୍ଣ୍ଣୟ କରିବା ପାଇଁ ଆକଳନ କରାଯାଇଛି | ପ୍ରଭାବିତ ବର୍ଗରେ ସର୍ବାଧିକ ଲୋକ ଅର୍ଥାତ ୧୭୯ (୩୧.୭୯%) ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଛନ୍ତି ଏବଂ ତା ପଛକୁ ୧୩୦ (୨୩.୦୯%) ହାଇସ୍କୁଲ ସ୍ତର ପର୍ଯ୍ୟନ୍ତ, ୭୪ (୧୩.୧୪%) ମାଟ୍ରିକ ପାସ କରିଛନ୍ତି , ୪୬ (୧୦.୫୩%) ଯୁକ୍ତ ଦୁଇ ଏବଂ ୪୬ (୧୦.୫୩%) ସ୍ନାତକ ପାସ କରିଛନ୍ତି | ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ନିରକ୍ଷରତା ସ୍ତର ୧୪ (୨.୪୯%) ଏବଂ ସାମାନ୍ୟ ସାକ୍ଷରଙ୍କ ସଂଖ୍ୟା ୧୨ (୨.୧୩%) ବୋଲି ଜଣାପଡିଛି |

ଲିଙ୍ଗ ଭିତ୍ତିରେ ଶିକ୍ଷାର ସ୍ତରର ଶ୍ରେଣୀକରଣ ଦର୍ଶାଏ ଯେ ପୁରୁଷ ସଦସ୍ୟଙ୍କ ମଧ୍ୟରେ ସର୍ବାଧିକ ଅର୍ଥାତ୍ ୧୫.୬୩% (୮୮ ଜଣ) ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷାଲାଭ କରିଛନ୍ତି ତା ପଛକୁ ୧୦.୪୮% (୫୯ ଜଣ) ସ୍ନାତକ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଛନ୍ତି ଏବଂ ୯.୫୯% (୫୪ ଜଣ) ହାଇସ୍କୁଲ୍ ଷ୍ଟାଣ୍ଡାର୍ଡ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଛନ୍ତି | ମହିଳା ସଦସ୍ୟଙ୍କ ମଧ୍ୟରେ ସର୍ବାଧିକ ଅର୍ଥାତ୍

୧୬.୧୬% (୯୧ ଜଣ) ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷିତ ଏବଂ ତା ପଛକୁ ୧୩.୫୦% (୭୬ ଜଣ) ହାଇସ୍କୁଲ୍ ଷ୍ଟାଣ୍ଡାର୍ଡ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଛନ୍ତି ଏବଂ ୫.୬୮% (୩୨ ଜଣ) ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ସାଧାରଣ କାର୍ଯ୍ୟକଳାପ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ ବିଷୟରେ ଆଲୋଚନା କରିବାର ଆବଶ୍ୟକତା ଅଛି, ଯାହାକି ଜୀବିକା ଉପରେ ଆଲୋଚନା କରିବା ପୂର୍ବରୁ ବିଭିନ୍ନ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ ହାର ଏବଂ ରୋଜଗାରର ସ୍ଥିତି ବିଷୟରେ ସ୍ୱଷ୍ଟ ଚିତ୍ର ପ୍ରଦାନ କରିଥାଏ ।

ସର୍ବେକ୍ଷଣ ରୁ ଅବଗତ ହେଲା ଯେ, ସାଧାରଣ କାର୍ଯ୍ୟକଳାପ ସ୍ଥିତି ଏବଂ ଅର୍ଥନୈତିକ  କାର୍ଯ୍ୟକଳାପରେ ଅଂଶଗ୍ରହଣ ଦର୍ଶାଏ ଯେ, ୫୮୫ ଜଣ ଜନସଂଖ୍ୟା ମଧ୍ୟରୁ ମୋଟ ଜନସଂଖ୍ୟାର ମାତ୍ର ୪୨.୦୫% କୌଣସି ନା କୌଣସି ନିଯୁକ୍ତି କାର୍ଯ୍ୟରେ ନିୟୋଜିତ ଅଛନ୍ତି ଯାହାର କି ବୟସ ଉତ୍ପାଦନକାରୀ ଗୋଷ୍ଠୀ, ଅର୍ଥାତ୍ ୧୮ ରୁ ୬୦ ବର୍ଷ ବୟସ ମଧ୍ୟରେ | ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ସମ୍ପୂର୍ଣ୍ଣ ବେକାରୀମାନଙ୍କ ସଂଖ୍ୟା ୯.୦୬% | ଏହା ବ୍ୟତୀତ ୨୨.୫୬% ଲୋକ ଗୃହିଣୀ ଏବଂ ୧୫.୨୧% ବ୍ୟକ୍ତି ଛାତ୍ର ଅଟନ୍ତି | ଯେଉଁମାନେ ଅର୍ଥନୈତିକ କାର୍ଯ୍ୟକଳାପରେ ଜଡିତ ଅଛନ୍ତି ଏବଂ ସେମାନେ ପରିବାରର ଆୟରେ ଯୋଗଦାନ ଦେଉଛନ୍ତି ସେମାନଙ୍କ ସଂଖ୍ୟା ୨୪୬(୪୨.୦୫%) | ରୋଜଗାରର ନମୁନାକୁ ବିଶ୍ଳେଷଣ କରିବାବେଳେ ଏହା ଅବଗତ ହେଲା ଯେ, ପ୍ରଭାବିତ ବର୍ଗର ଅର୍ଥନୈତିକ ସକ୍ରିୟ ଜନସଂଖ୍ୟା ମଧ୍ୟରୁ ସର୍ବାଧିକ ସଂଖ୍ୟକ ଅର୍ଥାତ ୯୫(୩୮.୬୨%) ବ୍ୟକ୍ତି ଚାଷ କାର୍ଯ୍ୟରେ ନିୟୋଜିତ, ୮ (୩.୨୫%) କୃଷି ସହଯୋଗୀ କାର୍ଯ୍ୟକଳାପରେ ନିୟୋଜିତ ଏବଂ ୨୬ (୧୦.୫୭%) କୃଷି ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି | ଏହାର ଅର୍ଥ ହେଉଛି ୫୦% ରୁ ଅଧିକ ପରିବାର କୃଷି କାର୍ଯ୍ୟରେ ନିୟୋଜିତ ଅଛନ୍ତି | ଏହି ସମ୍ବନ୍ଧରେ ସବିଶେଷ ତଥ୍ୟ ନିମ୍ନ ସାରଣୀରେ ପ୍ରଦାନ କରାଯାଇଛି ।

ଗୋଟିଏ ପରିବାରର ଆୟ ଦାରିଦ୍ର୍ୟତା ଓ ଋଣର ଅବସ୍ଥା ତାହାର ଆର୍ଥିକ ସ୍ଥିତିର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୂଚକ। ଲୋକମାନଙ୍କର ବୃତ୍ତି ଆୟ, ଦାରିଦ୍ର୍ୟ ଅବସ୍ଥା ଓ ଋଣ ଗ୍ରସ୍ତତା ଆଦିର ସୂଚନାମାନ ପ୍ରଭାବିତ ପରିବାର ଗୁଡ଼ିକ ନିମନ୍ତେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ ।

ପ୍ରଭାବିତ ପରିବାରର ପାରିବାରିକ ଆୟର ବିତରଣ ଦର୍ଶାଏ ଯେ ସର୍ବାଧିକ ସଂଖ୍ୟକ ପରିବାରର ଅର୍ଥାତ ୩୮ (୩୦.୪୦%) ପରିବାରର ଆୟ ବାର୍ଷିକ ଟଙ୍କା ୧,୫୧,୦୦୦ ରୁ ଟଙ୍କା ୨,୫୦,୦୦୦ ମଧ୍ୟରେ ରହିଛି । ଦ୍ୱିତୀୟ ସର୍ବାଧିକ ୨୮ (୨୨.୪୦%) ପରିବାରର ଆୟ ଟଙ୍କା ୬୧,୦୦୦ ରୁ ଟଙ୍କା ୧,୦୦,୦୦୦ ମଧ୍ୟରେ ଆୟ କରୁଛନ୍ତି ଏବଂ ତୃତୀୟ ସର୍ବାଧିକ ୨୩(୧୮.୪୦%) ପରିବାର ବାର୍ଷିକ ଟଙ୍କା ୧,୦୧,୦୦୦ ରୁ ଟଙ୍କା ୧,୫୦,୦୦୦ ମଧ୍ୟରେ ଆୟ କରୁଛନ୍ତି । ୧୯ (୧୫.୨୦%) ପରିବାରର ଆୟ ୨,୫୧,୦୦୦ ରୁ ଟଙ୍କା ୫,୦୦,୦୦୦ ମଧ୍ୟରେ ଆୟ କରୁଛନ୍ତି । ମାତ୍ର ୧୫ (୧୨.୦୦%) ପରିବାର ଆୟ ଟଙ୍କା ୬୦,୦୦୦ ରୁ କମ ଅଟେ ।

## ୧.୭ ପ୍ରଶମନ ଉପାୟ

- ଯେପରି ପୂର୍ବରୁ ଆଲୋଚନା ହୋଇଛି (ଅଧ୍ୟାୟ ୭.୪) ଅଧିକାଂଶ ପ୍ରଭାବିତ ପରିବାର ଏହି ପ୍ରକଳ୍ପ,ଏହାର ଉଦ୍ଦେଶ୍ୟ ଏବଂ ସ୍ଥାନୀୟ ଗ୍ରାମଗୋଷ୍ଠୀ ପାଇଁ ଲାଭ ବିଷୟରେ ଜାଣି ନାହାଁନ୍ତି ଏବଂ ନୂତନ ନିୟମ, ରେ ଅଧିକାର ଇତ୍ୟାଦି ବିଷୟରେ ମଧ

ଜାଣି ନାହାଁନ୍ତି, ଫଳସ୍ୱରୂପ ଭୁଲ ଏବଂ ପକ୍ଷପାତ ସୂଚନା ବିସ୍ତାର ହୋଇଛି | ଏବଂ ପରିଣାମ ସ୍ୱରୂପ ଲୋକ ଏହାକୁ ପ୍ରତିରୋଧ କରୁଛନ୍ତି |

- ପ୍ରକଳ୍ପ କର୍ତ୍ତୃପକ୍ଷଙ୍କର ପ୍ରଭାବିତ ପରିବାରମାନଙ୍କ ସହିତ ସଠିକ୍ ଯୋଗାଯୋଗ ହେବା ଆବଶ୍ୟକ ଯାହାଦ୍ୱାରା ସେମାନଙ୍କୁ ଉପଯୁକ୍ତ ସହାୟତା ପ୍ୟାକେଜ୍ ସମ୍ପର୍କରେ ଅବଗତ କରାଯାଇପାରିବ ।
- ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ନିୟମିତ ଯୋଗାଯୋଗ ରଖିବା ନିମନ୍ତେ ଏକ ସାମାଜିକ ପରିଚାଳନା ଦଳ ଗଠନ କରାଯାଇପାରେ ।
- ଅଧ୍ୟୟନରେ କୁହାଯାଇଛି ଯେ ସମସ୍ତ ପ୍ରଭାବିତ ପରିବାର ସେମାନଙ୍କର ଜମି ହରାଉଛନ୍ତି ଫଳସ୍ୱରୂପ ସେମାନଙ୍କର ଫସଲ ଉତ୍ପାଦନରୁ ହେଉଥିବା ଆୟ ମଧ୍ୟ ହରାଉଛନ୍ତି । ଏହି ଅବାଞ୍ଛିତ ପ୍ରଭାବକୁ ପ୍ରଶମନ କରିବା ପାଇଁ ଏକାଧିକ ଫସଲ ପାଇଁ ଜଳସେଚନ ଯୋଗାଣ ସହିତ ଉନ୍ନତ କୃଷି ଅଭ୍ୟାସକୁ ପ୍ରଚଳନ କରିବାକୁ, ଅଧିକ ଉତ୍ପାଦନ ପାଇଁ ବିନିଯୋଗ ଏବଂ କୃଷି ଯନ୍ତ୍ରପାତିର ପ୍ରୟୋଗକୁ ପ୍ରୋତ୍ସାହିତ କରା ଯାଇପାରେ ।
- ରୋଜଗାରର ପ୍ରୋତ୍ସାହନ ପାଇଁ ବେରୋଜଗାରୀ ଯୁବକ ଏବଂ ସ୍ୱୟଂ ସହାୟକ ଦଳ କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଇପାରେ |
- ଉତ୍ତମ ଆୟ ନିମନ୍ତେ ପନିପରିବା, ଡାଲି ଜାତୀୟ ଫସଲ, ଅର୍ଥକାରୀ ଫସଲ ଚାଷ କରିବାକୁ କୃଷକମାନଙ୍କୁ ଉତ୍ସାହିତ କରାଯିବ ଉଚିତ ।
- କୃଷକମାନଙ୍କୁ ତାଲିମ ଦେବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ଏବଂ ସମଭାବାପନ୍ନ ସରକାରୀ ବିଭାଗ କୁ ଯୋଗାଯୋଗ କରି ଆଣିବା ଉଚିତ
- ସାମାଜିକ ପରିଚାଳନା ଦଳ ପ୍ରଭାବିତ ପରିବାରର ମହିଳା ସଦସ୍ୟମାନଙ୍କୁ ସ୍ୱୟଂ ସହାୟକ ଦଳ ଗଠନ ପାଇଁ ଉତ୍ସାହିତ କରିବା ଆବଶ୍ୟକ ।
- ଆୟକାରୀ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ ଆର୍ଥିକ ସହାୟତା ନିମନ୍ତେ ଗ୍ରେଡ୍ ଦୁଇ ସ୍ଥିତି ପାଇବାକୁ ଏବଂ ବ୍ୟାଙ୍କ ସହିତ ସଂଯୁକ୍ତ ହେବା ପାଇଁ ସେମାନଙ୍କୁ ପୁଷ୍ଟ କରାଯିବ ।
- ଅଣୁଉଦ୍ୟୋଗୀ କାର୍ଯ୍ୟକଳାପ ଯେପରିକି ଘରର ପଛପଟେ କୁକୁଡ଼ା ଚାଷ, ରୋଷେଇ ବଗିଚା ଏବଂ ସାମୂହିକ ବିକ୍ରୟ ବ୍ୟବସ୍ଥା ହୋଇପାରେ ।
- ମହିଳା ସଦସ୍ୟମାନଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିପାରନ୍ତି ଏବଂ ସେମାନଙ୍କ ପରିବାର ପାଇଁ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇପାରନ୍ତି.
- ଯୁବକମାନଙ୍କୁ ତାଲିମ ପ୍ରଦାନ କରିବା ନିମନ୍ତେ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରଚଳିତ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା କାର୍ଯ୍ୟକ୍ରମ ସହିତ ସଂଯୋଗ ।
- ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ବିଭିନ୍ନ ମଜୁରୀ ଭିତ୍ତିକ କାର୍ଯ୍ୟରେ ପ୍ରାଥମିକତା ପ୍ରଦାନ, ପ୍ରଭାବିତ ସମ୍ପ୍ରଦାୟକୁ ସବ୍ କଣ୍ଟ୍ରାକ୍ଟ ଚାକିରି ପ୍ରଦାନ କରିବା ଆବଶ୍ୟକ ।

- ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଖୋଲା ଜମିରେ ସଡ଼କ ପାର୍ଶ୍ୱରେ ଅଧିକ ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଛି । ଏହା ଗ୍ରାମଗୁଡ଼ିକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ସହ ଫଳ ମଧ୍ୟ ପ୍ରଦାନ କରିଥାଏ
- ଗ୍ରାମବାସୀଙ୍କ ଅନୁଯାୟୀ ରାସ୍ତାରେ ପୋଲ ନିର୍ମାଣ ହେତୁ ପାରମ୍ପରିକ ଜଳ ନିଷ୍କାସନ ବ୍ୟବସ୍ଥା ବ୍ୟାହତ ହେବ । ତେଣୁ ଗାଁ ଏବଂ କୃଷି କ୍ଷେତ୍ରରେ ଜଳବନ୍ଦୀ ସମସ୍ୟା ଯେପରି ସୃଷ୍ଟି ନହୁଏ ସେଥିପାଇଁ ଗ୍ରାମରେ ଏବଂ କୃଷି କ୍ଷେତ୍ରରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି |
- ବିକାଶ ପ୍ରକଳ୍ପର ପୁନର୍ବାସ ଓ ଥଇଥାନ ହସ୍ତକ୍ଷେପକୁ ଦେଖିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ପ୍ରଶାସକ, ପୁନର୍ବାସ ଓ ଥଇଥାନ ନିଯୁକ୍ତ କରାଯାଇଛି । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ଅନୁଯାୟୀ RDM-RRC-Policy-୦୦୧୪-୨୦୧୪ / ୩୪୧୬୦ ତାରିଖ ୧୭/୧୧/୧୪, ଅନୁଯାୟୀ ଜିଲ୍ଲାରେ କାର୍ଯ୍ୟ କରୁଥିବା ସବ୍-କଲେକ୍ଟରଙ୍କୁ ସେମାନଙ୍କ ଅଧୀନରେ ଥିବା ସମସ୍ତ ପ୍ରକଳ୍ପର ପ୍ରଶାସକ, ପୁନର୍ବାସ ଓ ଥଇଥାନ ଦାୟିତ୍ୱ ପ୍ରଦାନ କରାଯାଇଛି।
- ଏହା ସହିତ, ସାମାଜିକ ପ୍ରଭାବ ପରିଚାଳନା ଯୋଜନା କୁ କାର୍ଯ୍ୟ କାରି କରିବା ପାଇଁ ସାମାଜିକ ପରିଚାଳନା ଦଳ (SMT) ସର୍ବନିମ୍ନ ତିନି ବର୍ଷ ପାଇଁ କାର୍ଯ୍ୟ କରିପାରେ । ସାମାଜିକ ପରିଚାଳନା ଦଳ (SMT) ର ଦରମା ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଏସ ଆଇ ଏମ ପି ବଜେଟରେ ଅନ୍ତର୍ଭୁକ୍ତ କରାଯିବା ଉଚିତ ।.

## ୧.୮.ସାମାଜିକ ଖର୍ଚ୍ଚ ଏବଂ ଲାଭର ଆକଳନ

ଜାତୀୟ ରାଜପଥ - ୫୫ ରେ ଆସୁଥିବା ଭାରୀଯାନଗୁଡ଼ିକୁ ରାଜ୍ୟ ରାଜପଥ - ୬୩ (ଅନୁଗୁଳ –ଛେଣ୍ଡିପଦା-ସରପାଳ – ବୁଢାପଲା) ରାସ୍ତାରେ ଯିବା ପାଇଁ ଅନୁଗୁଳ ସହରକୁ ଏକ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଓପନକାଷ୍ଟ କୋଇଲା ଖଣି ଏବଂ ଅନ୍ୟାନ୍ୟ ଜାତୀୟ ରାଜପଥ ସହିତ ସଂଯୋଗ ହେତୁ ଛେଣ୍ଡିପଦା ରାସ୍ତାରେ ଅନେକ ଶିଳ୍ପକେନ୍ଦ୍ର ଗଢି ଉଠିଛି । ଏହି ରାସ୍ତାଟି ନାଲକୋ, ଏନଟିପିସି (କଣିହାଁ), ତାଳଚେର ଏମସିଏଲ, ଭୂଷଣ ଷ୍ଟିଲ ଲିମିଟେଡ, ଶ୍ରୀ ମେଟାଲିକ୍ସ, ଜିନ୍ଦଲ ଷ୍ଟିଲ ଆଣ୍ଡ ଷ୍ଟ୍ରିପ୍ସ ଲିମିଟେଡ, ମୋନେଟ ଇସ୍ପାତ, ଉତ୍କଳ କୋଇଲା ଖଣି ଏବଂ କଳିଙ୍ଗ କୋଇଲା ଖଣି ପରି ଶିଳ୍ପ ସାମଗ୍ରୀ ପରିବହନ ତଥା ବ୍ୟବହାର ପାଇଁ ବ୍ୟବହୃତ ହେବ | ଆରଟିଓ କାର୍ଯ୍ୟାଳୟ ଠାରୁ ମଝିକା ଗ୍ରାମ ପର୍ଯ୍ୟନ୍ତ ବାଇପାସ ରାସ୍ତା ନିର୍ମାଣ ଦ୍ୱାରା ଅନୁଗୁଳ ସହର ଭିତରକୁ ଆସୁଥିବା ଭାରୀ ଯାନଗୁଡିକ ଅନୁଗୁଳ ସହର ଭିତରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ନକରି ଅନ୍ୟ ଏକ ବୁଲାଣି ରାସ୍ତାରେ ଯିବା ଉଦ୍ଦେଶ୍ୟରେ ବ୍ୟବହୃତ ହେବ, ଏହି ରାସ୍ତା ଅନୁଗୁଳ ସହର ଏବଂ ଶିଳ୍ପ ଅଞ୍ଚଳ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ହେବ |

ବର୍ତ୍ତମାନର ଏହି ପ୍ରକଳ୍ପରେ ପ୍ରଭାବଗୁଡିକ ଜମି ଅଧିଗ୍ରହଣ ହେତୁ ଜମିରୁ ଉଚ୍ଛେଦ, ପ୍ରକଳ୍ପର ନିର୍ମାଣ ଏବଂ କାର୍ଯ୍ୟ ସମ୍ପାଦନ ପର୍ଯ୍ୟାୟରେ ବାୟୁ-ଧୂଳି-ଶବ୍ଦ ପ୍ରଦୂଷଣ | ସଡକ ଉନ୍ନତି ଦ୍ୱାରା ଲୋକଏବଂ ଯାନବାହାନ ଚଳାଚଳର ଗତି ଏବଂ ପରିମାଣ ବୃଦ୍ଧି ହୋଇପାରେ, ଦ୍ରୁତ ଗତିରେ ଯାନବାହାନ ଏବଂ ବେପରୁଆ ଗାଡି ଚାଳନା ଦୁର୍ଘଟଣାର ଆଶଙ୍କା ବଢାଇପାରେ କିମ୍ବା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିପାରେ | ଅଧିକାଂଶ ପ୍ରଭାବିତ ପରିବାର ମତ ଦେଇଛନ୍ତି ଯେ ଏହି ପ୍ରକଳ୍ପ ଯୋଗୁଁ ଉପରୋକ୍ତ ସାମାଜିକ ମୂଲ୍ୟ ଅତ୍ୟଧିକ ହେବ, କାରଣ ପିତୃପୁରୁଷଙ୍କ ସମ୍ପତ୍ତି ଏବଂ ଘର ନଷ୍ଟ ହେବା କୌଣସି ପରିମାଣର ଆର୍ଥିକ କ୍ଷତିପୂରଣ ମାଧ୍ୟମରେ ପୂରଣ କରାଯାଇପାରିବ ନାହିଁ।

ବାଇପାସ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବିତ ପ୍ରକଳ୍ପର ଆର୍ଥିକ ଖର୍ଚ୍ଚ, ଜମି ଅଧିଗ୍ରହଣ, ରାସ୍ତା ନିର୍ମାଣ ମୂଲ୍ୟ ଏବଂ ସମସ୍ତ ପ୍ରକାର ପ୍ରଶାସନିକ ଖର୍ଚ୍ଚ | ସେହିଭଳି ଅର୍ଥନୈତିକ ଲାଭ ହେଉଛି ପ୍ରକଳ୍ପର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଲାଭ | ଏହି ଲାଭ ଏବଂ ଲାଭର ସଠିକ୍ ଆକଳନ କରିବା ସମ୍ଭବ ନୁହେଁ | ଜମି ଅଧିଗ୍ରହଣ ଏବଂ ପୁନର୍ବାସ ଅଧିନିୟମ ୨୦୧୩ ଏବଂ ଓଡ଼ିଶା ନିୟମ ୨୦୧୬ ରେ ଜମି କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଅଧୀନରେ ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତିର ମୂଲ୍ୟାଙ୍କନ କରାଯିବ ଏବଂ ରାସ୍ତା ଓ କୋଠା ବିଭାଗ ଦ୍ୱାରା ନିର୍ମାଣ କାର୍ଯ୍ୟର ମୂଲ୍ୟକୁ ବିଚାରକୁ ନିଆଯିବ | ଓଡ଼ିଶା ସରକାର, ଜିଲ୍ଲାର ଜିଲ୍ଲାପାଳ, ଯୋଗ୍ୟ ଅଧିକାରୀଙ୍କ ସହାୟତାରେ ଗୃହ, ନିର୍ମାଣ ଏବଂ ସମ୍ପତ୍ତିର ମୂଲ୍ୟ ଆକଳନ କରିବେ।

## ୧.୯. ଉପସଂହାର ଓ ସୁପାରିଶ

ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ନିଶ୍ଚିତ ଭାବରେ ଅନୁଗୁଳ ଜିଲ୍ଲାରେ ବସବାସ କରୁଥିବା ଲୋକ ତଥା ବାହାରୁ ଅନୁଗୁଳ ଜିଲ୍ଲାକୁ ଆସୁଥିବା ପରିଦର୍ଶକଙ୍କୁ ଲାଭଦାୟକ ହେବ । ପ୍ରଭାବିତ ଲୋକଙ୍କ ଦ୍ୱାରା ପ୍ରକାଶିତ ଆବଶ୍ୟକତା ଏବଂ ଇଚ୍ଛା ଅନୁଯାୟୀ କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାକୁ ସେମାନଙ୍କର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ପଡିବ । ଯେହେତୁ ଜନଗଣନା ଆଧାରରେ ଏହି ଅଧ୍ୟୟନ କରାଯାଇଥିଲା, ପ୍ରଭାବିତ ପରିବାର ତଥା ଗୋଷ୍ଠୀ ର ଭାବନା ଏବଂ ଧାରଣାକୁ ବୁଝିବା ଏବଂ ଲିପିବଦ୍ଧ କରିବାର ସୁଯୋଗ ରହିଥିଲା । ପ୍ରକଳ୍ପର କାର୍ଯ୍ୟକାରିତା ହେତୁ ସାମଗ୍ରିକ ଲାଭ ଏବଂ କ୍ଷତି ସମ୍ବନ୍ଧରେ ବ୍ୟକ୍ତିଗତ ମତ ବ୍ୟତୀତ; ଅନୁସନ୍ଧାନକାରୀ ଦଳ ମଧ୍ୟ ଦଳଗତ ଆଲୋଚନା ମାଧ୍ୟମରେ ବିଭିନ୍ନ ସ୍ତରର ଲୋକଙ୍କଠାରୁ ସୂଚନା ସଂଗ୍ରହ କରିଥିଲେ ଯାହା ଏହି ବିବରଣୀରେ ପ୍ରତିଫଳିତ ହୋଇଛି । ପ୍ରକଳ୍ପ ହେତୁ ଘଟିବାକୁ ଥିବା କ୍ଷତି ଏବଂ ନକାରାତ୍ମକ ପ୍ରଭାବକୁ ଧରିବା ପାଇଁ ସୁଗମ ପଦକ୍ଷେପଗୁଡିକ ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ରେ ଉଲ୍ଲେଖ କରାଯାଇଛି । ତେଣୁ କ୍ଷତି କେବଳ ଜମିଜମା ସମ୍ପତ୍ତି ଆକାରରେ ଅଛି ଯାହା ପ୍ରାୟତଃ ଖରିଫ ଚାଷ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ । ନିଷ୍କର୍ଷ କୁ ଦୃଷ୍ଟିରେ ରଖି ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯାଇପାରେ ।

- ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ପୂର୍ବରୁ ମଝିକା ଗ୍ରାମବାସୀଙ୍କ ସହିତ ପ୍ରକଳ୍ପ ସମ୍ବନ୍ଧରେ ଆଲୋଚନା କରଯାଇଥିଲା । ଗ୍ରାମବାସୀମାନେ ପ୍ରକଳ୍ପକୁ ସ୍ୱାଗତ କରିଥିଲେ । କିନ୍ତୁ ଦୀର୍ଘ ୪୦/୪୨ ବର୍ଷ ତଳେ ସରକାରଙ୍କ ଦ୍ୱାରା କନ୍ସୋଲେସନ ସେଟେଲମେଣ୍ଟ (ଚକବନ୍ଦୀ) କାର୍ଯ୍ୟ ସମ୍ପାଦନ କରାଯାଇ ଜମିର ନଥିପତ୍ରରେ ପରିବର୍ତ୍ତନ କରାଯାଇଥିଲା । ବିଡମ୍ବନା ବିଷୟ ଏହି କି ନୂତନ ବା ହାଲ ନଥିପତ୍ର ଅନୁସାରେ କୌଣସି ଜମି ମାଲିକମାନଙ୍କୁ ତାଙ୍କ ଜମି ଚିହ୍ନଟ କିମ୍ବା ମଡାଣ ଦିଆଯାଇନାହିଁ । ତେଣୁ ପୂର୍ବରୁ (ଶାବକ ଅନୁସାରେ) ଦଖଲରେ ଥିବା ଜମିମାଲିକ ସେମାନଙ୍କର ଦଖଲରେ ରଖିଛନ୍ତି । ବର୍ତ୍ତମାନ ଯଦି ସେହି ଜମି ଅଧିଗ୍ରହଣ କରାଯିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି ତେବେ କେଉଁ ଜମି ମାଲିକ କ୍ଷତିପୂରଣ ପାଇବେ, ତାହା ଗ୍ରାମବାସୀମାନେ ଜାଣିବାକୁ ଚାହିଁଥିଲେ ।
- ଦୁର୍ଘଟଣାରୁ ସୁରକ୍ଷାପାଇବା ନିମନ୍ତେ ବା ରାସ୍ତା ଉପରକୁ ଗାଈ ଗୋରୁ ଯେପରି ନଯାଇ ପାରିବେ ସେଥିପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଲୁହାବାଡା ଦେବାପାଇଁ ଗ୍ରାମବାସୀମାନେ ଦାବି କରିଥିଲେ ।
- ବାଇପାସରୋଡ ନିର୍ମାଣ ହେବାଦ୍ୱାରା ଏହି ରାସ୍ତା ପାର୍ଶ୍ୱବର୍ତ୍ତୀ ଜମି ଏବଂ ଗ୍ରାମ୍ୟରାସ୍ତା ଠାରୁ ଉଚ୍ଚା ହୋଇଯିବ ତେଣୁ ଏହା ଦ୍ୱାରା ଜମିରେ ଥିବା ପ୍ରାକୃତିକ ଜଳ ନିଷ୍କାସନ ପଥ ଏବଂ ହଳବଳଦ ଯିବା ରାସ୍ତା ବାଧା ପ୍ରାପ୍ତ

ହୋଇପାରେ । ତେଣୁ ଏହି ରାସ୍ତାରେ ଆବଶ୍ୟକ ସଂଖ୍ୟକ ଜଳ ନିଷ୍କାସନ ପଥ ଓ ଯାତାୟାତ ପଥ ନିର୍ମାଣ କରାଯିବା ଆବଶ୍ୟକ ।

- ପ୍ରଭାବିତ ଗ୍ରାମବାସୀମାନେ ଜମି ପାଇଁ ଅଧିକ କ୍ଷତିପୂରଣ ଆଶା କରନ୍ତି ଯାହାକୁ ବିଚାର କରାଯାଇପାରେ | ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତି ନଷ୍ଟ ପାଇଁ କ୍ଷତିପୂରଣ ସଠିକ୍ ଭାବରେ ଯୋଜନା ଏବଂ କାର୍ଯ୍ୟକାରୀ କରାଯିବା ଉଚିତ୍ |
- ଧାରା ୧୧ (୧) ଏବଂ RoR ପ୍ରାମାଣି କରଣ ପ୍ରକ୍ରିୟା ସମାପ୍ତ ହେବା ପରେ ତୁରନ୍ତ ଦେୟ ପ୍ରଦାନ କରାଯିବା ଉଚିତ ।
- କ୍ଷତିପୂରଣର ଦେୟ ସୁଗମ ଏବଂ ଅସୁବିଧା ମୁକ୍ତ ହେବା ଉଚିତ ।
- ଲୋକମାନେ ଜମି ଅଧିଗ୍ରହଣ ପୂର୍ବରୁ ଜମିଗୁଡିକ ଚିହ୍ନଟ କରିବାକୁ ଚାହୁଁଛନ୍ତି।
- କିଛି ଗ୍ରାମବାସୀ ଦାବି କରିଛନ୍ତି ଯେ ଦୁର୍ଘଟଣାକୁ ଏଡାଇବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ପାଚେରି କିମ୍ବା ଲୁହାବାଡ ଦେବା ଉଚିତ ।
- ତୁରନ୍ତ ଏବଂ ଶୀଘ୍ର ସମାଧାନ ପାଇଁ ଏକ ପ୍ରଭାବଶାଳୀ ବିକେନ୍ଦ୍ରୀକରଣ ଅଭିଯୋଗର ସମାଧାନ ବ୍ୟବସ୍ଥା ଉପଲବ୍ଧ ହେବା ଉଚିତ
- ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବା ପୂର୍ବରୁ ପ୍ରତ୍ୟେକ ସ୍ତରରେ ଦୁର୍ଘଟଣାକୁ ଏଡାଇବା ପାଇଁ ଜାତୀୟ ରାଜପଥ ରେ କିପରି ଚଳାଚଳ କରିବେ ସେ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ଉଚିତ, ଗତି ପ୍ରତିରୋଧକାରୀ ବ୍ୟବସ୍ଥା ସହିତ ଟ୍ରାଫିକ୍ ସିଗନାଲ୍ ବ୍ୟବସ୍ଥା ରହିବା ଉଚିତ୍ ।

ଏହି ଅଞ୍ଚଳର ଲୋକମାନେ ଅନୁଗୁଳ ଜିଲ୍ଲାର ବଣ୍ଟଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟକୁ ଅପେକ୍ଷା କରିଛନ୍ତି ସେମାନେ ଆଶାବାଦୀ ଅଛନ୍ତି ଯେ ଏହି ପ୍ରକଳ୍ପ ଅଞ୍ଚଳର ଯାନବାହାନ ଚଳାଚଳ ବ୍ୟବସ୍ଥାରେ ଅନୁକୂଳ ପରିବର୍ତ୍ତନ ଆଣିବ ।  ତଥାପି, ପ୍ରକଳ୍ପ ପ୍ରଭାବିତ ପରିବାର ଉପରେ କିଛି ଅବାଞ୍ଛିତ ପ୍ରଭାବ ପକାଇଥାଏ; କିନ୍ତୁ ଲୋକଙ୍କ ବିଶ୍ୱାସ ରହିଛି ଯେ ସରକାର ସେମାନଙ୍କର କ୍ଷତିର ଯତ୍ନ ନେବେ ଏବଂ ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତି ପାଇଁ ଆନୁପାତିକ ଭାବରେ କ୍ଷତିପୂରଣ ପ୍ରଦାନ  କରିବେ । ତେଣୁ, ସମସ୍ତେ ଆଶା କରିଥିଲେ ଯେ ଅଞ୍ଚଳ ତଥା ଲୋକଙ୍କ ବିକାଶକୁ ବିଚାରକୁ ନେଇ ଆଇନଗତ ତଥା ସରକାରୀ ବ୍ୟବସ୍ଥାକୁ କୁ ସଠିକ୍ ଭାବରେ ଅନୁସରଣ କରି କାର୍ଯ୍ୟ ଯେତେ ଶୀଘ୍ର ଆରମ୍ଭ ହେବ। ଏହି ଜମି ହରାଉଥିବା ପରିବାରର ଯୋଗଦାନ, ବଳିଦାନ ଏବଂ ଅବଦାନକୁ ଜିଲ୍ଲା ତଥା ରାଜ୍ୟ ସ୍ୱୀକୃତି ଦେବା ଉଚିତ ।

# ଦ୍ୱିତୀୟ ଅଧ୍ୟାୟ :
# ପ୍ରକଳ୍ପ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା

## ୨.୧ ପ୍ରକଳ୍ପର ପୃଷ୍ଠଭୂମି ଏବଂ ବିକାଶକାରୀଙ୍କ ପୃଷ୍ଠଭୂମି ଓ ନିୟନ୍ତ୍ରଣ

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଓଡ଼ିଶା, ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ପ୍ରଶଂସନୀୟ ଉନ୍ନତି ଆଣିଛି, କିନ୍ତୁ ବିକାଶ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଉଥିବା ମୂଳଭିତ୍ତିଭୂମି ଆବଶ୍ୟକୀୟ ପରିମାଣରେ ବିକଶିତ ହୋଇନାହିଁ | ଯଦି ଅର୍ଥନୀତି ଦ୍ରୁତ ଏବଂ ଅନ୍ତର୍ନିହିତ ବିକାଶ ନିମନ୍ତେ ଲକ୍ଷ୍ୟ କରେ, ତେବେ ଭିତ୍ତିଭୂମି ବିକାଶ ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ । ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶ ନିମନ୍ତେ, ପରିବହନ, ପ୍ରମୁଖ ଅର୍ଥନୈତିକ ଭିତ୍ତିଭୂମି ମଧ୍ୟରୁ ଅନ୍ୟତମ | କିନ୍ତୁ, ଏହି ଭିତ୍ତିଭୂମିର ବର୍ତ୍ତମାନ ସ୍ଥିତି ଶିଳ୍ପ, କୃଷି, ଅନୁଷ୍ଠାନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ମାଲ ଏବଂ ଯାତ୍ରୀ ଯାତାୟାତର ଆବଶ୍ୟକତା ପୂରଣ କରିବାରେ ଆବଶ୍ୟକୀୟ ପରିମାପକ ଠାରୁ ବହୁ ପଛରେ ଅଛି | ଭାରତର ପଛୁଆ ରାଜ୍ୟମାନଙ୍କ ମଧ୍ୟରୁ ଓଡିଶାରେ ମଧ୍ୟ ରାଜ୍ୟର ବିକାଶ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ସଡକ ଭିତ୍ତିଭୂମିର ଅଭାବ ରହିଛି।

ପରିବହନର ତିନୋଟି ମାଧ୍ୟମ ଅଛି ତାହା ହେଲା ଆକାଶ ପଥ, ଜଳପଥ ଏବଂ ସ୍ଥଳପଥ । ଏହି ତିନୋଟି ମାଧ୍ୟମ ମଧ୍ୟରୁ ସ୍ଥଳପଥ ମାଧ୍ୟମରେ ପରିବହନ, ବିଶେଷତଃ ସଡକଗୁଡିକ ନିମନ୍ତେ ଜମିର ଆବଶ୍ୟକତା ଏବଂ ନିର୍ମାଣ ଖର୍ଚ୍ଚ କମ୍, ପାହାଡ଼ିଆ ଅଞ୍ଚଳ ଏବଂ ଅସମତଳ ଭୂପୃଷ୍ଠକୁ ସହଜ ଅତିକ୍ରମ, ଘରକୁ ଘର ସେବା ପ୍ରଦାନ, ସଡକ ଭିତ୍ତିଭୂମି ମାନବ ବସତି, ବାଣିଜ୍ୟିକ, ଶିଳ୍ପ ଏବଂ ସାଂସ୍କୃତିକ ପ୍ରତିଷ୍ଠାନ ପାଇଁ ଶେଷ ସ୍ଥାନ ପର୍ଯ୍ୟନ୍ତ ସଂଯୋଗ ଯୋଗାଇଥାଏ । ସଡକ ପଥ ସର୍ବାଧିକ ଉପଲବ୍ଧ ଏବଂ ଲୋକପ୍ରିୟ ମାଧ୍ୟମ ଅଟେ । ସଡ଼କପଥରେ ଯାତାୟାତ ସେବାର ପ୍ରସାର, ଗତି ଏବଂ ଗୁଣବତ୍ତା ଦ୍ରୁତ ଗତିରେ ଉନ୍ନତି ହୋଇଛି; ଏବଂ ମାଲ ପରିବହନର ଗତି ଏବଂ ସହଜତା ଦ୍ରୁତ ଗତିରେ ବୃଦ୍ଧି ପାଉଛି | ସଡକଗୁଡିକର ଆହୁରି ବିସ୍ତାର ଏବଂ ଏକ ଉନ୍ନତ ତଥା ଦକ୍ଷ ସଡକ ଭିତ୍ତିଭୂମି ଯାନର ଦୃତଗତିକୁ ସୁନିଶ୍ଚିତ କରିବ । ଉପଯୁକ୍ତ ଭାବରେ ବ୍ୟବସ୍ଥିତ ରାସ୍ତା ବିଭିନ୍ନ ଉପାୟରେ ଲୋକମାନଙ୍କ ଜୀବନଶୈଳୀକୁ ବଢାଇପାରେ । ଏହା ଯିବା ଆସିବା ସମୟ ହ୍ରାସ କରିପାରିବ, ଅତ୍ୟାବଶ୍ୟକ ସେବାଗୁଡିକର ଉପଲବ୍ଧତାକୁ ଉନ୍ନତ କରିପାରିବେ ଏବଂ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିପାରିବ । ଅଧିକନ୍ତୁ, ସଠିକ ଭାବରେ ନିର୍ମାଣ କରାଯାଇଥିବା ରାସ୍ତାଗୁଡ଼ିକ ଯାତାୟାତ ଏବଂ ବାୟୁ ପ୍ରଦୂଷଣକୁ ହ୍ରାସ କରିପାରେ, ଯାହା ଜନସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇପାରେ । ଏହା ସଡକ ବ୍ୟବହାରକାରୀଙ୍କ ପାଇଁ ଅଧିକ ଆରାମ ପ୍ରଦାନ କରିଥାଏ । ଏହା ଲୋକମାନଙ୍କ ସାମାଜିକ-ଅର୍ଥନୈତିକ ଅବସ୍ଥାକୁ ବଢାଇବ । ଏହା ଇନ୍ଧନ ବ୍ୟବହାର, ଯାନବାହାନ ର କ୍ଷୟପ୍ରାପ୍ତି, ଯାତ୍ରା ସମୟ, ଦୁର୍ଘଟଣା ଇତ୍ୟାଦି ହ୍ରାସ କରେ |

ବିଭିନ୍ନ ବଡବଡ ସହର ଏବଂ ଛୋଟ ଛୋଟ ସହର ଏପରିକି ଗ୍ରାମଗୁଡ଼ିକୁ ସଂଯୋଗ କରିବା, ଯାନବାହାନ ଏବଂ ଲୋକମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରିବା ପାଇଁ ରାସ୍ତା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଯୋଗାଇଥାଏ | ସଡ଼କ ଦେଇ ସ୍ଥଳ ପରିବହନର ସବୁଠାରୁ ସାଧାରଣ ଉଦାହରଣ ମଧ୍ୟରେ ବସ୍, ଟ୍ରକ୍, ମୋଟରସାଇକେଲ୍, ରିକ୍ସା ଏବଂ ସ୍କୁଟର ଅଟେ | ଦୁର୍ଗମ ଅଞ୍ଚଳ ଯେଉଁଠାରେ ଅନ୍ୟାନ୍ୟ ପରିବହନ ଧାରା ଉପଲବ୍ଧ କିମ୍ବା ବ୍ୟବହାରିକ ହୋଇନପାରେ ସେଠାରେ ସଡକ ସଂଯୋଗ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଉତ୍ତମ ସଡ଼କ ସଂଯୋଗ, ଶିକ୍ଷା, ନିଯୁକ୍ତି ସୁଯୋଗ ଏବଂ ପର୍ଯ୍ୟଟନକୁ ମଧ୍ୟ ଉତ୍ସାହିତ କରିବ ଏବଂ ସର୍ବୋପରି ସ୍ୱାସ୍ଥ୍ୟସେବାରେ ଉପଲବ୍ଧତାକୁ ଉନ୍ନତ କରିପାରେ |

ଯୋଗାଯୋଗ ସୁବିଧା ବିକାଶର ସୂଚକାଙ୍କ ମଧ୍ୟରୁ ଗୋଟିଏ ଏବଂ ଦେଶର ନାଗରିକଙ୍କ ସାମାଜିକ-ଅର୍ଥନୈତିକ ବିକାଶର ଏକ ପ୍ରମୁଖ ସୂଚକ । ବିଶେଷକରି ଗ୍ରାମାଞ୍ଚଳରେ ଯୋଗାଯୋଗ ସୁବିଧା ଉପଲବ୍ଧ କରାଇବା, ବାସିନ୍ଦାମାନଙ୍କ ଜୀବନକୁ ଉନ୍ନତ କରିବ ଏବଂ ସେମାନଙ୍କର ଆୟୁ ବଢାଇବାରେ ସାହାଯ୍ୟ କରିବ | ସଡକ ଭିତ୍ତିଭୂମି ଶିକ୍ଷା, ରୋଜଗାର ସେବା ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ସାହାଯ୍ୟ କରିଥାଏ | ଯାନବାହାନର ସଂଖ୍ୟା ବୃଦ୍ଧି ସହିତ ପର୍ଯ୍ୟାପ୍ତ ସଡକ ଭିତ୍ତିଭୂମି ଅଭାବରୁ ଟ୍ରାଫିକ ସମସ୍ୟା ଦେଖାଦେଇଥାଏ | ଆମ ସହରଗୁଡିକରେ ଯାନବାହାନର ଭିଡ ସମସ୍ୟା ଏବଂ ପ୍ରଦୂଷଣକୁ ଦୂର କରିବା ଏକ ଜରୁରୀ ଆବଶ୍ୟକତା | ତେଣୁ ଅଧିକ ସଡ଼କ ନିର୍ମାଣ କିମ୍ବା ଅବସ୍ଥିତ ଥିବା ରାସ୍ତାର ପ୍ରଶସ୍ତିକରଣ ଏବଂ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସରକାର ଉଦ୍ୟମ କରିବା ପାଇଁ ପରାମର୍ଶ ଦିଆଯାଇଛି । ଟ୍ରାଫିକ ସମସ୍ୟାକୁ ହ୍ରାସ କରିବା, ପରିବେଶକୁ ସୁଦୃଢ କରିବା ଏବଂ ପରିବହନକୁ ଅଧିକ ସୁଲଭ ଏବଂ ଶସ୍ତା କରିବା ପାଇଁ ଏକ ଯାତାୟାତ ମୁକ୍ତ ପରିବହନ ବ୍ୟବସ୍ଥା ଆବଶ୍ୟକ |

ଓଡିଶାର ଶିଳ୍ପ ମାନଚିତ୍ର ଅନୁଗୁଳ ଜିଲ୍ଲା ଅନେକ ସରକାରୀ ଏବଂ ବେସରକାରୀ ଶିଳ୍ପକ୍ଷେତ୍ରର ଉପସ୍ଥିତି ଦ୍ୱାରା ଚିହ୍ନିତ | ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରତିଷ୍ଠାନଗୁଡିକ ହେଉଛି ନାଲକୋ, ଏନଟିପିସି ଏବଂ ଏମସିଏଲ । ଏହା ବ୍ୟତୀତ ଜିଲ୍ଲାରେ ଇସ୍ପାତ ଏବଂ ବିଦ୍ୟୁତ୍ କ୍ଷେତ୍ରରେ ଅନେକ ଘରୋଇ ଶିଳ୍ପ ମଧ୍ୟ ସ୍ଥାପନ କରାଯାଇଛି। ଆଜି ଅନୁଗୁଳ ଜିଲ୍ଲା ହେଉଛି ରାଜ୍ୟର ଶିଳ୍ପ ବିକାଶଶୀଳ ଜିଲ୍ଲାମାନଙ୍କ ମଧ୍ୟରୁ ଅନ୍ୟତମ | ଅନୁଗୁଳରେ ଅବସ୍ଥିତ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡ଼ିକ ହେଉଛି;

- **କୋଇଲା ଖଣି :** ଅନୁଗୁଳ ହେଉଛି ଭାରତର ତୃତୀୟ ବୃହତ୍ତମ କୋଇଲା ଉତ୍ପାଦନକାରୀ ଜିଲ୍ଲା, ଯେଉଁଥିରେ ନଅଟି କାର୍ଯ୍ୟକ୍ଷମ କୋଇଲା ଖଣି ଅଛି, ଯାହା ମଧ୍ୟରୁ ଅଧିକାଂଶ ଓପନକାଷ୍ଟ କୋଇଲା ଖଣି । ତାଳଚେର କୋଇଲା କ୍ଷେତ୍ର ଏସିଆର ସବୁଠାରୁ ବଡ କୋଇଲା କ୍ଷେତ୍ର ଅଟେ |
- **ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର :** ତାଳଚେର ଥର୍ମାଲ୍ ପାୱାର୍ ଷ୍ଟେସନ୍ (ଟିଟିପିଏସ୍) ସମେତ ଜିଲ୍ଲାରେ ଚାରୋଟି ତାପଜ ବିଦ୍ୟୁତ୍ କେନ୍ଦ୍ର ଅଛି |
- **ଇସ୍ପାତ ଏବଂ ଆଲୁମିନିୟମ୍ ପ୍ଲାଣ୍ଟ :** ଜିଲ୍ଲାରେ ଗୋଟିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ଏବଂ ଏକ ଆଲୁମିନିୟମ୍ ସ୍ମେଲଟର ଅଛି |
- **ଅନ୍ୟାନ୍ୟ ଶିଳ୍ପ:** ଜିଲ୍ଲାରେ ଗୋଟିଏ ଭାରୀ ଜଳ କାରଖାନା ଏବଂ ସାର କାରଖାନା ମଧ୍ୟ ଅଛି ।
- **ସରକାରୀ ଅଧିକୃତ କ୍ଷେତ୍ର :** ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ), ମହାନାଦୀ କୋଲ ଫିଲ୍ଡସ୍ ଲିମିଟେଡ୍ (MCL) ଏବଂ ନ୍ୟାସନାଲ ଥର୍ମାଲ୍ ପାୱାର୍ କର୍ପୋରେସନ୍ (ଏନଟିପିସି) ସମେତ ଜିଲ୍ଲାରେ ଅନେକ ସରକାରୀ କ୍ଷେତ୍ର ପ୍ରତିଷ୍ଠାନ କାର୍ଯ୍ୟ କରୁଛି।
- **ଘରୋଇ କ୍ଷେତ୍ର ଶିଳ୍ପ**: ଇସ୍ପାତ ଏବଂ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ର ସମେତ ଜିଲ୍ଲାରେ ଅନେକ ଘରୋଇ ଅଧିକୃତ ଶିଳ୍ପ ମଧ୍ୟ ପ୍ରତିଷ୍ଠା କରାଯାଇଛି |

ଅନୁଗୁଳ ଜିଲ୍ଲାର ଶିଳ୍ପ ବିକାଶ ଏହାର ଅବସ୍ଥିତି, ପ୍ରଚୁର ମାନବ ସମ୍ବଳ ଏବଂ କଞ୍ଚାମାଲ ର ଉପଲବ୍ଧତା ହେତୁ ସମ୍ଭବ ହୋଇପାରିଛି | ଜିଲ୍ଲାର ଅର୍ଥନୀତିକୁ କୃଷି ଏବଂ ଗ୍ରାମୀଣ ହସ୍ତତନ୍ତ ମଧ୍ୟ ସହଯୋଗ କରିଛି । ଶିଳ୍ପ ବ୍ୟତୀତ ଜିଲ୍ଲାରେ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ, ଐତିହାସିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସାଂସ୍କୃତିକ ତଥା ଧାର୍ମିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ପ୍ରମୁଖ

ପର୍ଯ୍ୟଟନ ସ୍ଥଳୀ ଅବସ୍ଥିତ ଅଛି । ଏଥିରେ କୁମ୍ଭୀର ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁ ଥିବା ସାତକୋଶିଆ ଗଣ୍ଡ, ଭୀମକଣ୍ଡରେ ଭଗବାନ ବିଷ୍ଣୁଙ୍କ ଶୟନ ବିଗ୍ରହ, ଗୋପାଳପ୍ରସାଦ ଠାରେ ଦେବୀ ହିଙ୍ଗୁଳାଙ୍କର ମନ୍ଦିର, କାଳିଆକଟାର ପ୍ରାକ ଐତିହାସିକ ସ୍ଥାନ ଇତ୍ୟାଦି ଅନ୍ତର୍ଭୁକ୍ତ | କଟକ ସହ ସମ୍ବଲପୁର, ରେଢାଖୋଲ, ବଇଣ୍ଡା, ଢେଙ୍କାନାଳକୁ କୁ ସଂଯୋଗ କରୁଥିବା ଜାତୀୟ ରାଜପଥ ସଂଖ୍ୟା ୫୫ ଅନୁଗୁଳ ସହର ମଧ ଦେଇ ଯାଉଛି । ସେହିପରି ଅନୁଗୁଳ ସହର ସହ ଛେଣ୍ଡିପଦା, ସରପାଳ ସହିତ ଅନୁଗୁଳକୁ ସଂଯୋଗ କରିଥିବା ରାଜ୍ୟ ରାଜପଥ ୬୩ ଏହି ସହର ମଧ ଦେଇ ଯାଇଛି । ଉଭୟ ରାସ୍ତା ଆରଟିଓ ଛକ ନିକଟରେ ସଂଯୋଗ ହୋଇଛି । ଓପନକାଷ୍ଟ କୋଇଲା ଖଣି ଏବଂ ଅନ୍ୟ ଜାତୀୟ ରାଜପଥ ସହିତ ସଂଯୋଗ ହେତୁ ଏହି ରାସ୍ତାରେ ଅନେକ ଶିଳ୍ପ ଗଢି ଉଠିଛି । ବାଣିଜ୍ୟିକ, ଶିଳ୍ପ ଏବଂ ପର୍ଯ୍ୟଟନ କ୍ଷେତ୍ରଗୁଡିକରେ କାର୍ଯ୍ୟକଳାପ ବୃଦ୍ଧି ହେତୁ ରାଜ୍ୟ ରାଜପଥ ୬୩ (ଅନୁଗୁଳ - ଛେଣ୍ଡିପଦା ରାସ୍ତା)ରେ ବର୍ଷସାରା ଯାତାୟାତ ଲାଗିରହିଥାଏ | ଏହିସବୁ କାରଣ ହେତୁ ଜିଲ୍ଲାର ଏହି ସଡକ ଦୁଇଟିରେ ସର୍ବଦା ଯାନବାହାନ ଚଳାଚଳ ହୋଇଥାଏ | ଏଭଳି ପରିସ୍ଥିତିରେ ଏକ ବାଇ-ପାସ୍ ରାସ୍ତା ଟ୍ରାଫିକ୍ ସମସ୍ୟାକୁ ସହଜ କରିବାରେ ଏବଂ ଉନ୍ନତ ସଂଯୋଗ ପ୍ରଦାନ କରିବାରେ ସାହାଯ୍ୟ କରିବ । ଏହି ପରିପ୍ରେକ୍ଷୀରେ ଅନଗୁଳ ଜିଲ୍ଲାର ରାଜ୍ୟ ରାଜପଥ ରେ ଯାତାୟାତ ମୁକ୍ତ ଗମନାଗମନ ସୁବିଧା  ଯୋଗାଇଦେବା ପାଇଁ ଓଡିଶା ସରକାର ମଝିକା ଗ୍ରାମ ନିକଟରେ ଏକ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ଯୋଜନା କରିଛନ୍ତି ଏବଂ ଏଥିପାଇଁ ଅନୁଗୁଳ ଜିଲ୍ଲାର ବଣ୍ଟଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରୁ ୬.୨୫୫୪୦ ଏକର ଘରୋଇ ଜମି ଅଧିଗ୍ରହଣ ହେବ | ଏହି ବାଇ-ପାସ୍ ରାସ୍ତା ଅନୁଗୁଳ ସହରର ଆରଟିଓ ଛକ ନିକଟରେ ସୃଷ୍ଟି ହେଉଥିବା ଅତିରିକ୍ତ ଟ୍ରାଫିକ୍ ପରିଚାଳନା କରିବାରେ ସକ୍ଷମ ହେବ ।

ଜାତୀୟ ରାଜପଥ - ୫୫ ରେ ଆସୁଥିବା ଭାରୀ ଯାନଗୁଡ଼ିକୁ ରାଜ୍ୟ ରାଜପଥ  ୬୩ ଅର୍ଥାତ ଅନୁଗୁଳ- ଛେଣ୍ଡିପଦା - ସରାପାଲ - ବୁଢାପାଲା ରାସ୍ତାରେ ଯିବା ପାଇଁ ଅନୁଗୁଳ ସହରକୁ ଏକ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ଏକ ପ୍ରସ୍ତାବ ଅଛି । ଓପନ କାଷ୍ଟ କୋଇଲା ଖଣି ଏବଂ ଅନ୍ୟ ଜାତୀୟ ରାଜପଥ ସହିତ ସଂଯୋଗ ହେତୁ ଛେଣ୍ଡିପଦା ରାସ୍ତାରେ ଅନେକ ଶିଳ୍ପ ଗଢି ଉଠୁଛି | ଏହି ରାସ୍ତାଟି ନାଲକୋ, ଏନଟିପିସି (କଣିହାଁ), ତାଲଚେରରେ ଏମସିଏଲ, ଭୁଷଣ ଷ୍ଟିଲ ଲିମିଟେଡ, ଶ୍ରୀ ମେଟାଲିକ୍ସ, ଜିନ୍ଦଲ ଷ୍ଟିଲ ଆଣ୍ଡ ଷ୍ଟ୍ରିପ୍ସ ଲିମିଟେଡ, ମୋନେଟ ଇସ୍ପାତ, ଉତ୍କଳ କୋଇଲା ଖଣି ଏବଂ କଳିଙ୍ଗା କୋଇଲା ଖଣି ପରି ଶିଳ୍ପ ସାମଗ୍ରୀ ପରିବହନ ପାଇଁ ବ୍ୟବହାର କରାଯିବ। ଆରଟିଓ କାର୍ଯ୍ୟାଳୟ ଠାରୁ ମଝିକା ଗ୍ରାମ ପର୍ଯ୍ୟନ୍ତ ପ୍ରସ୍ତାବିତ ବାଇ-ପାସ୍ ରାସ୍ତା ନିର୍ମାଣ ଦ୍ଵାରା ଅନୁଗୁଳ ଟାଉନ୍ ଭିତରକୁ ଆସୁଥିବା ଭାରୀ ଯାନ ଏହି ରାସ୍ତାକୁ କୁ ବ୍ୟବହାର କରିବେ, ଏହି ରାସ୍ତା ଟାଉନ୍ ଏବଂ ଶିଳ୍ପାଞ୍ଚଳ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ହେବ ।

**<u>ବିକାଶକାରୀ ଙ୍କ ପୃଷ୍ଠଭୂମି</u>**

ପ୍ରସ୍ତାବିତ ବାଇ-ପାସ୍ ରାସ୍ତାଟି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ରାସ୍ତା କୋଠା ବିଭାଜନ, ଅନୁଗୁଳଙ୍କ ଦ୍ଵାରା ବିକଶିତ କରାଯିବ । ରାସ୍ତା କୋଠା ବିଭାଜନ, ଅନୁଗୁଳ; ୧୨ ନଭେମ୍ବର ୧୯୮୧ ମସିହା ଠାରୁ କାର୍ଯ୍ୟ ଆରମ୍ଭ କରିଛି । ରାସ୍ତା ସଂଜାଲ ଏବଂ କୋଠା ଭଳି ମୌଳିକ ଭିତ୍ତିଭୂମି ଯୋଗାଇଦେଇ ଅନୁଗୁଳ ଜିଲ୍ଲାର ବିକାଶ ଦିଗରେ ଏହି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ | ଜିଲ୍ଲା ମଧ୍ୟରେ ଯୋଗାଯୋଗ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ରାଜପଥ (S.H.), ପ୍ରମୁଖ ଜିଲ୍ଲା ରାସ୍ତା (M.D.R) ମାଧ୍ୟମରେ ଜିଲ୍ଲା ମୁଖ୍ୟାଳୟ ସହିତ ବ୍ଲକ ମୁଖ୍ୟାଳୟଗୁଡିକର ସଂଯୋଗ, ଅନ୍ୟାନ୍ୟ ଜିଲ୍ଲା ସଡକ (O.D.R.) ଏବଂ ବିଭିନ୍ନ ବିଭାଗର ଅଣ-ଆବାସିକ ଏବଂ ଆବାସିକ କୋଠା ଭଳି ସ୍ଥାୟୀ ଗୁଣାତ୍ମକ ଭିତ୍ତିଭୂମି ନିର୍ମାଣ ମାଧ୍ୟମରେ ଏହି

ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ବିଭାଜନ ଜିଲ୍ଲାର ପ୍ରମୁଖ ଭିତ୍ତିଭୂମି ନିର୍ମାଣ ତଥା ରକ୍ଷଣାବେକ୍ଷଣ ପାଇଁ ଏବଂ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ଖର୍ଚ୍ଚ ଉପରେ ନଜର ରଖିବା ପାଇଁ ଓଡିଶା ସରକାରଙ୍କ ତରଫରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛି । ଏହା ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ରାଜସ୍ୱ, ପର୍ଯ୍ୟଟନ, ନ୍ୟାୟିକ, ଗୃହ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ସହିତ କାର୍ଯ୍ୟ କରେ |

ଜିଲ୍ଲା ଏବଂ ବ୍ଲକ ମୁଖ୍ୟାଳୟ ସହ ସଂଯୋଗ ସ୍ଥାପନ ତଥା ଜିଲ୍ଲାର ଆର୍ଥିକ ତଥା ସାମାଜିକ ସ୍ଥିତିର ବିକାଶ ପାଇଁ ଜିଲ୍ଲାର ଖଣିଜ ସମୃଦ୍ଧ ଅଞ୍ଚଳ ଠାରୁ ଆରମ୍ଭ କରି ରାଜ୍ୟର ଅନ୍ୟ ଅଂଶ ପର୍ଯ୍ୟନ୍ତ ସୁବିଧାଜନକ ଏବଂ ସୁରକ୍ଷିତ ଯାତ୍ରା ନିମନ୍ତେ, ପର୍ଯ୍ୟଟନ ଶିଳ୍ପର ବିକାଶ, କୋଇଲା ପରି ଖଣିଜ ପଦାର୍ଥର ପରିବହନ ନିମନ୍ତେ ଏହି ବିଭାଗ ରାଜ୍ୟ ରାଜପଥ (S.H), ପ୍ରମୁଖ ଜିଲ୍ଲା ରାସ୍ତା (M.D.R) ଏବଂ ଅନ୍ୟାନ୍ୟ ଜିଲ୍ଲା ସଡକ (O.D.R.) ଆଦି ର ନିର୍ମାଣ କରିଥାଏ | ଏହି ବିଭାଜନ ବିଭିନ୍ନ ଜିଲ୍ଲା ଯଥା ବୌଦ ଏବଂ ଢେଙ୍କାନାଳ, ଦେବଗଡ ଏବଂ କେନ୍ଦୁଝର ମଧ୍ୟରେ ସଂଯୋଗ ସଂଯୋଗ ସ୍ଥାପନ କାର୍ଯ୍ୟ କରୁଛି । ରାସ୍ତା ଓ କୋଠା ବିଭାଜନ, ଅନୁଗୁଳ ୫ ଟି ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ଆଠମଲ୍ଲିକ, ଅନୁଗୁଳ, ଛେଣ୍ଡିପଦା, ତାଳଚେର ଏବଂ ପାଲଲହଡା ଏବଂ ଆଠଟି ବ୍ଲକ ଯଥା ଆଠମଲ୍ଲିକ, ଅନୁଗୁଳ, ତାଳଚେର, ବଅଁରପାଳ ଛେଣ୍ଡିପଦା, କଣିହାଁ, କିଶୋରନଗର, ଏବଂ ପାଲଲହଡା ।

ଏହି ବିଭାଜନର ପ୍ରମୁଖ କାର୍ଯ୍ୟକଳାପ ହେଉଛି ରାଜ୍ୟ ରାଜପଥ (S.H.), ପ୍ରମୁଖ ଜିଲ୍ଲା ରାସ୍ତା (M.D.R) ଓ ଅନ୍ୟାନ୍ୟ ଜିଲ୍ଲା ସଡକ (O.D.R.) ସମେତ ସମଗ୍ର ସଡକ ନେଟୱାର୍କର ରକ୍ଷଣାବେକ୍ଷଣ, ଉନ୍ନତି, ପ୍ରଶସ୍ତିକରଣ କରିବା ସହିତ ମରାମତି କରିବା | ଏହି ବିଭାଜନ ସରକାରୀ (ଉଭୟ ଆବାସିକ ଏବଂ ଅଣ-ଆବାସିକ) କୋଠା ମଧ୍ୟ ନିର୍ମାଣ କରୁଛି ଏବଂ ନୂତନ ଭାବରେ ନିର୍ମିତ କିମ୍ବା ହସ୍ତାନ୍ତର ହୋଇଥିବା ଅଟ୍ଟାଳିକାର ମରାମତି ଏବଂ ରକ୍ଷଣାବେକ୍ଷଣ ଦିଗରେ ଦୃଷ୍ଟି ରଖୁଛି । ଏହି ବିଭାଗର କଭରେଜରେ ୫୫ ଟି ରାସ୍ତା ସମୁଦାୟ ଲମ୍ବ ୮୮୫ କିଲୋମିଟର ଯେଉଁଥିରେ ୧୭୪.୩୦ କିଲୋମିଟର ରାଜ୍ୟ ରାଜପଥ, ୨୯.୭ କିଲୋମିଟର ପ୍ରମୁଖ ଜିଲ୍ଲା ରାସ୍ତା ଏବଂ ୬୮୦.୬୪ କିଲୋମିଟର ଅନ୍ୟାନ୍ୟ ଜିଲ୍ଲା ସଡକ ଅନ୍ତର୍ଭୁକ୍ତ | ଏହି ଡିଭିଜନ୍ ୧,୨୬,୯୭୧ ବର୍ଗ ମିଟର ଅଣ-ଆବାସିକ କୋଠାରେ ସିଭିଲ୍, ଆଭ୍ୟନ୍ତରୀଣ ବୈଦୁତିକ ଏବଂ ସ୍ୱାସ୍ଥ୍ୟ କାର୍ଯ୍ୟ ସହିତ ୪୪,୯୩୮ ବର୍ଗମିଟର ଆବାସିକ କୋଠା ପରିଚାଳନା କରେ |

## ୨.୨ ପରିଚାଳନାର ଢାଞ୍ଚା

ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ଏକ ସରକାରୀ ଅନୁଦାନପ୍ରାପ୍ତ ପ୍ରକଳ୍ପ ଏବଂ ଏହା ରାସ୍ତା ଓ ବିଲଡିଂ ବିଭାଗ (ଆର ଆଣ୍ଡ ବି) ଅଧୀନରେ ଥିବା ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ହେବ। ଏହି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠା ବିଭାଜନ, ଅନୁଗୁଳ ଦ୍ୱାରା ସମ୍ପନ୍ନ କରାଯିବ। ସରକାର ତାଙ୍କର ଦୃଢ଼ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ପ୍ରବନ୍ଧନ ଓ ଶାସନ ସଂରଚନା ଏବଂ ପ୍ରକ୍ରିୟା ଦ୍ୱାରା ଏହାକୁ କାର୍ଯ୍ୟକାରୀ କରିବେ ଯେପରିକି ଏହା ସୁନିଶ୍ଚିତ କରିବ କି ଏହାର କାର୍ଯ୍ୟକାଳ ମଧ୍ୟରେ ପ୍ରକଳ୍ପର ପ୍ରବନ୍ଧନ ପାଇଁ ଆବଶ୍ୟକୀୟ ବଜେଟ ବ୍ୟବସ୍ଥା କରାଯାଇଛି । ଟ୍ରାଫିକ୍ ବା ଗମନାଗମନର ପୂର୍ବାନୁମାନ, ସଡ଼କ ସେବା ପାଇଁ ସାଂପ୍ରତିକ ଓ ଭବିଷ୍ୟତ ଚାହିଦାର ଆକଳନ, ଯୋଜନା, ସମୟସୀମା, ଉଦ୍ଦେଶ୍ୟ ଓ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ସହିତ ବୈଷୟିକ ଡିଜାଇନ ମଧ୍ୟ ସ୍ଥିର କରିବାକୁ ହେବ ଓ ପ୍ରମୁଖ

ସୋପାନରେ ସ୍ୱଷ୍ଟ ଓ ଉଦ୍ଦେଶ୍ୟ ପୂରଣ ପ୍ରକ୍ରିୟା ସହ ସରକାରଙ୍କ ଦ୍ୱାରା ନିଯୁକ୍ତ ଯୋଗ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟମାନ ଆରମ୍ଭ କରାଯିବ ।

## ୨.୩ ପ୍ରକଳ୍ପର ଯୁକ୍ତିଯୁକ୍ତତା ସମେତ ଏହି ପ୍ରକଳ୍ପଟିର ସର୍ବସାଧାରଣ ଉଦ୍ଦେଶ୍ୟ

### ୨.୩.୧. ପ୍ରକଳ୍ପ ର ଯୁକ୍ତିଯୁକ୍ତତା

ଯାନବାହାନ ସଂଖ୍ୟାରେ ଅଭୁତପୂର୍ବ ବୃଦ୍ଧି ହେତୁ ବାଇ-ପାସ୍ ରାସ୍ତା ନିର୍ମାଣ ଆବଶ୍ୟକ । ଏହା ଟ୍ରାଫିକ ସମସ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରିବା ସହିତ ଟ୍ରାଫିକର ଦ୍ରୁତ ଗତି ହାସଲ କରିବା ସହ ପ୍ରଦୂଷଣକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିବ । ଜାତୀୟ ରାଜପଥ - ୫୫ ରେ ଆସୁଥିବା ଭାରୀଯାନଗୁଡ଼ିକୁ ରାଜ୍ୟ ରାଜପଥ - ୬୩ ଅନୁଗୁଳ –ଛେଣ୍ଡିପଦା-ସରପାଳ – ବୁଢାପଲା ରାସ୍ତାରେ ଯିବା ପାଇଁ ଅନୁଗୁଳ ସହରକୁ ଏକ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଓପନକାଷ୍ଟ କୋଇଲା ଖଣି ଏବଂ ଅନ୍ୟାନ୍ୟ ଜାତୀୟ ରାଜପଥ ସହିତ ସଂଯୋଗ ହେତୁ ଛେଣ୍ଡିପଦା ରାସ୍ତାରେ ଅନେକ ଶିଳ୍ପକେନ୍ଦ୍ର ଗଢି ଉଠିଛି । ଏହି ରାସ୍ତାଟି ନାଲକୋ, ଏନଟିପିସି (କଣିହାଁ), ତାଳଚେର ଏମସିଏଲ, ଭୂଷଣ ଷ୍ଟିଲ ଲିମିଟେଡ, ଶ୍ରୀ ମେଟାଲିକ୍ସ, ଜିନ୍ଦଲ ଷ୍ଟିଲ ଆଣ୍ଡ ଷ୍ଟ୍ରିପ୍ସ ଲିମିଟେଡ, ମୋନେଟ ଇସ୍ପାତ, ଉତ୍କଳ କୋଇଲା ଖଣି ଏବଂ କଳିଙ୍ଗ କୋଇଲା ଖଣି ପରି ଶିଳ୍ପ ସାମଗ୍ରୀ ପରିବହନ ତଥା ବ୍ୟବହାର ପାଇଁ ବ୍ୟବହୃତ ହେବ | ଆରଟିଓ କାର୍ଯ୍ୟାଳୟ ଠାରୁ ମଝିକା ଗ୍ରାମ ପର୍ଯ୍ୟନ୍ତ ବାଇପାସ ରାସ୍ତା ନିର୍ମାଣ ଦ୍ୱାରା ଅନୁଗୁଳ ସହର ଭିତରକୁ ଆସୁଥିବା ଭାରୀ ଯାନଗୁଡିକ ଅନୁଗୁଳ ସହର ଭିତରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ନକରି ଅନ୍ୟ ଏକ ବୁଲାଣି ରାସ୍ତାରେ ଯିବା ଉଦ୍ଦେଶ୍ୟରେ ବ୍ୟବହୃତ ହେବ, ଏହି ରାସ୍ତା ଅନୁଗୁଳ ସହର ଏବଂ ଶିଳ୍ପ ଅଞ୍ଚଳ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ହେବ |

### ୨.୩.୨. ଏହି ପ୍ରକଳ୍ପର ସର୍ବସାଧାରଣ ଉଦ୍ଦେଶ୍ୟ

ଭାରତର ସମ୍ବିଧାନ ମୂଳତଃ ଧାରା ୧୯ ଏବଂ ୩୧ ଅନୁଯାୟୀ ସମ୍ପତ୍ତି ଅଧିକାର ପ୍ରଦାନ କରିଥିଲା । ଧାରା ୧୯ ସୁନିଶ୍ଚିତ କରିଛି ଯେ, ସମସ୍ତ ନାଗରିକଙ୍କର ସମ୍ପତ୍ତି ହାସଲ, ଧାରଣ ଏବଂ ବିକ୍ରୟ କରିବାର ଅଧିକାର ଅଛି । ଧାରା ୩୧ ରେ ଦର୍ଶାଯାଇଛି ଯେ "ଆଇନର ପ୍ରଦାନ କରାଯାଇଥିବା ଅଧିକାର ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ତାଙ୍କ ସମ୍ପତ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ"। ଏହା ମଧ୍ୟ ପ୍ରକାଶ କରାଯାଇଛି ଯେ, ଯେଉଁ ବ୍ୟକ୍ତିଙ୍କ ସମ୍ପତ୍ତି ସର୍ବସାଧାରଣ ଉଦ୍ଦେଶ୍ୟରେ ଅର୍ଜନ କରାଯାଇଛି ସେହି ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ । ଏହି ଅଧିନିୟମ, ୨୦୧୩, ନିର୍ଦ୍ଦିଷ୍ଟ ବାକ୍ୟାଂଶ ବ୍ୟବହାର କରୁଛି ଯେପରିକି 'ଜନସାଧାରଣଙ୍କ ପାଇଁ ସାଧାରଣ ଲାଭ ଉଦ୍ଦେଶ୍ୟରେ', 'ଜନସାଧାରଣଙ୍କ ସ୍ୱାର୍ଥ', ଯାହା କେବଳ ରଣନୈତିକ ସ୍ୱାର୍ଥ, ଜାତୀୟ ସୁରକ୍ଷା, ଭିତ୍ତିଭୂମି ପ୍ରକଳ୍ପ ଇତ୍ୟାଦି ଆଇନଗତ ଭାବରେ ନିର୍ବିରୋଧ ତଥା ନିର୍ବିବାଦୀୟ ଜନସାଧାରଣଙ୍କ ଉଦ୍ଦେଶ୍ୟକୁ ବଜାୟ ରଖିଛି ।

**ଧାରା ୨ ଅନୁଯାୟୀ ଅଧିନିୟମର ପ୍ରୟୋଗ.** – (୧) ଜମି ଅଧିଗ୍ରହଣ, କ୍ଷତିପୂରଣ, ପୁନଃଥଇଥାନ ଏବଂ ପୁନଃବିସ୍ଥାପନ ସମ୍ବନ୍ଧୀୟ ଏହି ଆଇନର ନିୟମାବଳୀ ପ୍ରଯୁଜ୍ୟ ହେବ, ଯେତେବେଳେ ଏକ ବୈଧ ସରକାର ନିଜର ବ୍ୟବହାର, ଧାରଣ ଏବଂ ନିୟନ୍ତ୍ରଣ ସମେତ ସାର୍ବଜନୀନ କ୍ଷେତ୍ର ଏବଂ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବେ ସେଥିମଧ୍ୟରେ ନିମ୍ନଲିଖିତ ଉଦ୍ଦେଶ୍ୟଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି , ଯଥା: -

(କ) ରାଷ୍ଟ୍ରର ନୌସେନା, ପଦାତିକ, ବାୟୁସେନା ଏବଂ ସଶସ୍ତ୍ର ବାହିନୀ ସମେତ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ କିମ୍ବା ଜାତୀୟ ସୁରକ୍ଷା କିମ୍ବା ଭାରତ କିମ୍ବା ରାଜ୍ୟ ପୋଲିସର ପ୍ରତିରକ୍ଷା, ଲୋକଙ୍କ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସହିତ ଜଡିତ ରଣନୈତିକ ଉଦ୍ଦେଶ୍ୟ ପାଇଁ,; କିମ୍ବା

(ଖ) ଭିତ୍ତିଭୂମି ପ୍ରକଳ୍ପ ଯେଉଁଥିରେ ନିମ୍ନଲିଖିତ କାର୍ଯ୍ୟ ଗୁଡିକ ସାମିଲ ଅଛି । ଯଥା: -

(୧) ବେସରକାରୀ ଡାକ୍ତରଖାନା, ବେସରକାରୀ ଶିକ୍ଷାନୁଷ୍ଠାନ, ଘରୋଇ ହୋଟେଲଗୁଡିକୁ ବାଦ୍ ଦେଇ ୨୭ ମାର୍ଚ୍ଚ, ୨୦୧୨ ତାରିଖ ଦିନ ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର (ଭିତ୍ତିଭୂମି ବିଭାଗ) ନମ୍ବର ୧୩/୬/୨୦୦୯-INF ରେ ବିଜ୍ଞପ୍ତିରେ ତାଲିକାଭୁକ୍ତ ସମସ୍ତ କାର୍ଯ୍ୟକଳାପ କିମ୍ବା ବସ୍ତୁ । (ଅର୍ଥନୈତିକ ବ୍ୟାପାର ବିଭାଗ ଅନୁଯାୟୀ ଭିତ୍ତିଭୂମିର ପରିବହନ ଶୀର୍ଷକରେ ଥିବା ବସ୍ତୁଗୁଡିକ ଯଥା ସଡକ ଏବଂ ବ୍ରିଜ୍ • ବନ୍ଦର • ଆଭ୍ୟନ୍ତରୀଣ ଜଳପଥ • ବିମାନବନ୍ଦର • ରେଳ ଟ୍ରାକ୍, ଟନେଲ୍, ଭିଆଡକ୍ଟସ୍, ବ୍ରିଜ୍ • ସହରୀ ଜନସାଧାରଣ ପରିବହନ (ସହରାଞ୍ଚଳ ସଡ଼କ ପରିବହନ କ୍ଷେତ୍ରରେ ବ୍ୟବହାର ହେଉଥିବା ଛୋଟ ଗଳିକୁ ବାଦ ଦେଇ ଅନ୍ତର୍ଭୁକ୍ତ କରେ)

ଅର୍ଥନୈତିକ ବ୍ୟାପାର ବିଭାଗ ଅନୁଯାୟୀ ସାମାଜିକ ଏବଂ ବାଣିଜ୍ୟିକ ଭିତ୍ତିଭୂମିରେ ସାମିଲ କାର୍ଯ୍ୟଗୁଡିକ ହେଲା ;

- ଶିକ୍ଷା ପ୍ରତିଷ୍ଠାନ,
- ଡାକ୍ତରଖାନା (ମେଡିକାଲ୍ କଲେଜ (ପାରା ମେଡିକାଲ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଅନ୍ତର୍ଭୁକ୍ତ କରେ),
- ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରରେ ଅବସ୍ଥିତ ତିନ ତାରକା କିମ୍ବା ଉଚ୍ଚ ବର୍ଗରେ ସାମିଲ ହୋଟେଲଗୁଡିକ,
- ଶିଳ୍ପ ପାର୍କ, SEZ, ପର୍ଯ୍ୟଟନ ସୁବିଧା ଏବଂ କୃଷି ବଜାର ପାଇଁ ସାଧାରଣ ଭିତ୍ତିଭୂମି,
- ସାର (ପୁଞ୍ଜି ବିନିଯୋଗ)
- ଶୀତଳ ଭଣ୍ଡାର ସମେତ କୃଷି ଏବଂ ଉଦ୍ୟାନ କୃଷି ଉତ୍ପାଦ ପାଇଁ ଅମଳ ପରବର୍ତ୍ତୀ ସଂରକ୍ଷଣ ନିମନ୍ତେ ଭିତ୍ତିଭୂମି,
- ଟର୍ମିନାଲ୍ ବଜାର,
- ମୃତ୍ତିକା ପରୀକ୍ଷା ଲାବୋରେଟୋରୀ,
- ଶୀତଳ ଭଣ୍ଡାର ଶୃଙ୍ଖଳା

(୨) ବୈଧ ସରକାରଙ୍କ ଦ୍ୱାରା ସ୍ଥାପିତ କିମ୍ବା ମାଲିକାନା କିମ୍ବା କୃଷକ ସମବାୟ ସମିତି କିମ୍ବା ଏକ ନିୟମ ଅନୁଯାୟୀ ସ୍ଥାପିତ ଏକ ଅନୁଷ୍ଠାନ ଦ୍ୱାରା କୃଷି ପ୍ରକ୍ରିୟାକରଣ, କୃଷି ପାଇଁ ଇନପୁଟ ଯୋଗାଣ, ଗୋଦାମ ଘର, ଶୀତଳ ଭଣ୍ଡାର ସୁବିଧା, କୃଷି ପାଇଁ ମାର୍କେଟିଂ ଭିତ୍ତିଭୂମି ଏବଂ ଦୁଗ୍ଧ, ମତ୍ସ୍ୟଚାଷ ଏବଂ ମାଂସ ପ୍ରକ୍ରିୟାକରଣ ଭଳି ପ୍ରକଳ୍ପ,;

*(୩) ଜାତୀୟ ଉତ୍ପାଦନ ନୀତିରେ ନିର୍ମିତ ଶିଳ୍ପ କରିଡର କିମ୍ବା ଖଣି କାର୍ଯ୍ୟକଳାପ, ଜାତୀୟ ପୁଞ୍ଜି ବିନିଯୋଗ ଏବଂ ଉତ୍ପାଦନ କ୍ଷେତ୍ର ପାଇଁ ପ୍ରକଳ୍ପ,;*

*(୪) ଜଳ ଅମଳ ଏବଂ ଜଳ ସଂରକ୍ଷଣ ସଂରଚନା, ପରିମଳ ପାଇଁ ପ୍ରକଳ୍ପ;*

*(୫) ସରକାରୀ ପରିଚାଳିତ, ସରକାରୀ ସହାୟତା ପ୍ରାପ୍ତ ଶିକ୍ଷାଗତ ଏବଂ ଅନୁସନ୍ଧାନ ଯୋଜନା କିମ୍ବା ଅନୁଷ୍ଠାନ ପାଇଁ ପ୍ରକଳ୍ପ;*

*(୬) କ୍ରୀଡା, ସ୍ୱାସ୍ଥ୍ୟ ସେବା, ପର୍ଯ୍ୟଟନ, ପରିବହନ କିମ୍ବା ମହାକାଶ ଗବେଷଣା କାର୍ଯ୍ୟକ୍ରମ ପାଇଁ ପ୍ରକଳ୍ପ;*

*(୭) କେନ୍ଦ୍ର ସରକାରଙ୍କ ଦ୍ୱାରା ତଥା ସଂସଦରେ ପାରିତ ହୋଇ ସୂଚିତ କରାଯାଇଥିବା ଯେ କୌଣସି ଭିତ୍ତିଭୂମି ସୁବିଧା*

*(ଗ) ପ୍ରକଳ୍ପ ପ୍ରଭାବିତ ପରିବାର ପାଇଁ ପ୍ରକଳ୍ପ;*

*(ଘ) ବୈଧ ସରକାରଙ୍କ ଦ୍ୱାରା ସମୟ ସମୟରେ ଘୋଷଣା କରାଯାଇଥିବା ଯେଉଁପରି ନିର୍ଦ୍ଦିଷ୍ଟ କରାଯାଇଥିବା ସେହିପରି ଆୟ ବର୍ଗଙ୍କ ଗୃହ ନିର୍ମାଣ ପାଇଁ ପ୍ରକଳ୍ପ ;*

*(ଙ) ଯୋଜନାବଦ୍ଧ ବିକାଶ କିମ୍ବା ଗ୍ରାମାଞ୍ଚଳର ଉନ୍ନତି କିମ୍ବା ସହରାଞ୍ଚଳର ଯେ କୌଣସି ସ୍ଥାନ କିମ୍ବା ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଦୁର୍ବଳ ଶ୍ରେଣୀ ପାଇଁ ବାସଗୃହ ଉଦ୍ଦେଶ୍ୟରେ ଜମି ଯୋଗାଣ ପାଇଁ ପ୍ରକଳ୍ପ;*

*(ଚ) ଗରିବ କିମ୍ବା ଭୂମିହୀନ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ବାସ କରୁଥିବା ବ୍ୟକ୍ତିଙ୍କ ପାଇଁ, ରାଜ୍ୟ ଦ୍ୱାରା ନିୟନ୍ତ୍ରିତ କିମ୍ବା ସରକାରଙ୍କ ଦ୍ୱାରା କିମ୍ବା ସ୍ଥାନୀୟ ପ୍ରଶାସନ ଦ୍ୱାରା ନିଆଯାଇଥିବା କୌଣସି ଯୋଜନା କାର୍ଯ୍ୟକାରୀ ହେବା କାରଣରୁ ବିସ୍ଥାପିତ କିମ୍ବା ପ୍ରଭାବିତ ବ୍ୟକ୍ତିଙ୍କ ବାସଗୃହ ନିର୍ମାଣ ଉଦ୍ଦେଶ୍ୟରେ ପ୍ରକଳ୍ପ;*

ନ୍ୟାୟୋଚିତ କ୍ଷତିପୂରଣ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୪(୧) ର ଏକ ବାଧ୍ୟତା ମୂଳକ ପ୍ରବଧାନ ହିସାବରେ ଏହି ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି । ବର୍ତ୍ତମାନ କ୍ଷେତ୍ରରେ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ବେସରକାରୀ ଜମି ଅଧିଗ୍ରହଣ କରାଯାଉଛି । ନିସନ୍ଦେହରେ ଏହା ସାର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି ବୋଲି କୁହାଯାଇପାରେ କାରଣ ଚାରି ଥାକିଆ ରାସ୍ତା ଏବଂ ଡ୍ରେନେଜ ନିର୍ମାଣ ପ୍ରକଳ୍ପ ଲୋକମାନଙ୍କ ଲାଭ ନିମନ୍ତେ ଉଦ୍ଦିଷ୍ଟ । ଏହି ପ୍ରକଳ୍ପ ଧାରା ୨ (ଖ) (୪) ଏବଂ (୫) ଅନୁଯାୟୀ ସାର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି । ତେଣୁ ଅଧିଗ୍ରହଣ କରାଯାଉଥିବା ଜମି ସାର୍ବଜନୀନ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛି ।

## ୨.୪ ପ୍ରକଳ୍ପର ଆକାର, ଅବସ୍ଥିତି, ସାମର୍ଥ୍ୟ, ଉତ୍ପାଦନ, ଉତ୍ପାଦନର ଲକ୍ଷ୍ୟ, ମୂଲ୍ୟ ଏବଂ ବିପଦ ସମ୍ପର୍କରେ ବିସ୍ତୃତ ବିବରଣୀ

### ପ୍ରକଳ୍ପର ଅବସ୍ଥିତି

ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପ୍ରକଳ୍ପ ଅନୁଗୁଳ ଜିଲ୍ଲାର ବଆଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅବସ୍ଥିତ । ଏହି ପ୍ରକଳ୍ପ ହେତୁ ପାଞ୍ଚୋଟି ଗ୍ରାମ ପ୍ରଭାବିତ ହେବାକୁ ଯାଉଛି । ବର୍ତ୍ତମାନର ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ଶେଠୀ ମଧ୍ୟରୁ ଗୋଟିଏ ଗ୍ରାମ ମଝିକା ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି ।

**ମାନଚିତ୍ର ୨.୧ ପ୍ରକଳ୍ପର ପ୍ରସ୍ତାବିତ ଅବସ୍ଥିତି**






## ୨.୫.ବିକଳ୍ପର ପରୀକ୍ଷଣ

ଜମି ଅଧିଗ୍ରହଣକୁ କମ୍ କରିବା ପାଇଁ ବିକଳ୍ପର ବିଶ୍ଳେଷଣ ବିଷୟରେ, ଅଧ୍ୟୟନରୁ ଜଣାପଡିଛି ଯେ, ପ୍ରସ୍ତାବିତ ବାଇପାସ ରାସ୍ତାର ନିର୍ମାଣ ନିମନ୍ତେ ଏପରି ଯୋଜନା କରାଯାଇଛି ଯାହା ଦ୍ୱାରା ଭବିଷ୍ୟତରେ ଜମି ଅଧିଗ୍ରହଣ ଏବଂ ବିଶୃଙ୍ଖଳା କମ୍ ହୋଇପାରିବ । ଗ୍ରାମବାସୀଙ୍କ ସହ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ସ୍ଥାନ ପରିବର୍ତ୍ତନ କରିବାକୁ ଅନ୍ୟ ସମ୍ଭାବ୍ୟ ବିକଳ୍ପଗୁଡିକ ପରୀକ୍ଷା କରିବାକୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ମଧ୍ୟ ଏକ ପ୍ରୟାସ କରିଥିଲେ, ଯାହା ଦ୍ୱାରା ଜମି ଅଧିଗ୍ରହଣକୁ କମ୍ କରାଯାଇପାରିବ | କିନ୍ତୁ ଏହା ସମ୍ଭବ ନୁହେଁ, କାରଣ ଏକ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି ଏବଂ ପ୍ରସ୍ତାବିତ ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଜାତୀୟ ରାଜପଥ -୫୫ ରେ ଆସୁଥିବା ଭାରୀ ଯାନଗୁଡ଼ିକୁ ରାଜ୍ୟ ରାଜପଥ -୬୩ ଅର୍ଥାତ ଅନୁଗୁଳ –ଛେଣ୍ଡିପଦା-ସରପାଳ – ବୁଢାପଲା ରାସ୍ତା ରେ ଯାତାୟାତ କରିବା ଉଦ୍ଦେଶ୍ୟରେ ବ୍ୟବହାର କରାଯିବ | ଅନୁଗୁଳ ସହର ଭିତରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ନକରି ଅନ୍ୟ ଏକ ବୁଲାଣି ରାସ୍ତାରେ ଯିବା ଉଦ୍ଦେଶ୍ୟରେ ବ୍ୟବହୃତ ହେବ | ଅବସ୍ଥାନରେ ଏପରି କୌଣସି ପରିବର୍ତ୍ତନ ନକାରାତ୍ମକ ପ୍ରଭାବ ପକାଇପାରେ | ଶେଷରେ, ଅଞ୍ଚଳ ସମ୍ବନ୍ଧରେ ସମସ୍ତ ବିକଳ୍ପଗୁଡିକ ପରୀକ୍ଷା କରିବା ପରେ ଅଧ୍ୟୟନ ଦଳ ଜାଣିବାକୁ ପାଇଲେ ଯେ ମନୋନୀତ ସ୍ଥାନଟି ଯଥାର୍ଥ ଅଟେ ଏବଂ ବର୍ତ୍ତମାନ ପର୍ଯ୍ୟାୟରେ ସର୍ବନିମ୍ନ ଆବଶ୍ୟକତାକୁ ସୁନିଶ୍ଚିତ କରେ |

ବିଭିନ୍ନ କର୍ତ୍ତୃପକ୍ଷଙ୍କ ସହିତ ବିସ୍ତୃତ ଆଲୋଚନା ପରେ, ପ୍ରକଳ୍ପର ମାର୍ଗ ବାଛିବା ଏବଂ ଜମି ଅଧିଗ୍ରହଣ କରିବା ପାଇଁ କିଛି ବିକଳ୍ପର ତୁଳନାତ୍ମକ ଆକଳନ ପାଇଁ ଗ୍ରହଣ କରାଯାଇଥିବା ମାନଦଣ୍ଡ ଏବଂ ମୌଳିକ ବିଚାରଗୁଡ଼ିକ ନିମ୍ନ ପ୍ରକାର ଅଟେ,

(୧) ଜାତୀୟ ରାଜପଥ - ୫୫ ରେ ଆସୁଥିବା ଭାରୀଯାନଗୁଡ଼ିକୁ ରାଜ୍ୟ ରାଜପଥ - ୬୩ ଅନୁଗୁଳ –ଛେଣ୍ଡିପଦା-ସରପାଳ – ବୁଢାପଲା ରାସ୍ତାରେ ଯିବା ପାଇଁ ଅନୁଗୁଳ ସହରକୁ ଏକ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ତେଣୁ ବର୍ତ୍ତମାନର ମାର୍ଗରେଖାର ପରିବର୍ତ୍ତନ କରାଯାଇପାରିବ ନାହିଁ | ରାସ୍ତା ପାର୍ଶ୍ୱରେ ଥିବା ଜମିର ଭୌଗଳିକ ଅବସ୍ଥା ମଧ୍ୟ ନିର୍ମାଣର ମାନଦଣ୍ଡ ପୂରଣ କରିବାରେ ସକ୍ଷମ;

(୨) ନିର୍ମାଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ଏବଂ ସାମଗ୍ରୀ ପରିବହନ ପାଇଁ ସହଜରେ ଉପଲବ୍ଧତା;

(୩) କୌଣସି ଜଙ୍ଗଲ ନାହିଁ ଏବଂ କୌଣସି ଗଛ କଟାଯିବ ନାହିଁ;

(୪) ସମାଧାନ ଆବଶ୍ୟକ କରୁଥିବା କୌଣସି ପୁନର୍ବାସ ଏବଂ ଥଇଥାନ ସମସ୍ୟା ନାହିଁ |

(୫) ସମୁଦାୟ ଖର୍ଚ୍ଚ ତୁଳନାରେ ସାମାଜିକ ଏବଂ ଅର୍ଥନୈତିକ ଲାଭ |

ଏପରି ପରିସ୍ଥିତିରେ, ଏହା ସିଦ୍ଧାନ୍ତ ନିଆଯାଇଛି ଯେ ପ୍ରକଳ୍ପ ପାଇଁ ମନୋନୀତ ସ୍ଥାନ ଯଥାର୍ଥ ଅଟେ ଏବଂ ବର୍ତ୍ତମାନ ପର୍ଯ୍ୟାୟରେ ସର୍ବନିମ୍ନ ଆବଶ୍ୟକତା ନିଶ୍ଚିତ ହୋଇଛି | ତେଣୁ ଏଠାରେ କୁହାଯାଇପାରେ ଯେ ପ୍ରସ୍ତାବିତ ନିର୍ମାଣ ସ୍ଥାନ ଭଲ ଏବଂ ସମସ୍ତ ଆବଶ୍ୟକୀୟ ମାନଦଣ୍ଡକୁ ପୂର୍ଣ୍ଣ କରୁଛି | ତେଣୁ ବିକଳ୍ପ ଖୋଜିବା ପାଇଁ କୌଣସି ଆବଶ୍ୟକତା ନାହିଁ |

## ୨.୬. ପ୍ରକଳ୍ପ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ

ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ଓଡ଼ିଶାର ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ କରାଯିବ । ଡିଜାଇନ୍, ଆକଳନ ପ୍ରସ୍ତୁତି ଏବଂ ପ୍ରଶାସନିକ ଅନୁମୋଦନ ପରି ପୂର୍ବ ନିର୍ମାଣ ପର୍ଯ୍ୟାୟ କାର୍ଯ୍ୟକଳାପ କରାଯାଇଛି । ପ୍ରକଳ୍ପର ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ କାର୍ଯ୍ୟକଳାପ ଠିକ୍ ସମୟରେ କରାଯିବ |

## ୨.୭. ମୂଳ ଡିଜାଇନ୍ ର ବୈଶିଷ୍ଟ୍ୟ ଆକାର ଏବଂ ବିଭିନ୍ନ ପ୍ରକାରର ସୁବିଧା

ଓଡିଶା ସରକାରଙ୍କ ରାସ୍ତା ଏବଂ କୋଠା ବିଭାଜନ, ଅନୁଗୁଳ ରାସ୍ତାର ନକ୍ସାର ଚୂଡ଼ାନ୍ତ ରୂପ ଦେଇଛନ୍ତି । ରାସ୍ତାର ପ୍ରସ୍ଥ (carriageway + Shoulder) – ୧୦+୧ = ୧୧ ମିଟର । ରାସ୍ତାର ଉଚ୍ଚତା -୧୦୭୦ ମି ମି । ରାସ୍ତା ଆରମ୍ଭ ସ୍ଥାନ ଜାତୀୟ ରାଜପଥ -୫୫ ର ଆର ଟି ଓ ଅଫିସ ନିକଟରୁ ଚେନେଜ ୦.୦ କିମି ଶେଷସ୍ଥାନ ମଝିକା ଗ୍ରାମ ଚେନେଜ ୪.୫୦ କିମି । ରାସ୍ତାର ସମୁଦାୟ ଦୈର୍ଘ୍ୟ ୪.୫୦ କିମି ।

## ୨.୮. ଅତିରିକ୍ତ ଭିତ୍ତିଭୂମି ସୁବିଧା ର ଆବଶ୍ୟକତା

ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ସହିତ ହୋଇଥିବା ଆଲୋଚନା ଅନୁଯାୟୀ ଅତିରିକ୍ତ ଭିତ୍ତିଭୂମି ସୁବିଧାର କୌଣସି ଆବଶ୍ୟକତା ନାହିଁ |

## ୨.୯. ଶ୍ରମବଳର ଆବଶ୍ୟକତା

### ୨.୯.୧. ଅସ୍ଥାୟୀ

ଶ୍ରମ ମୂଲ୍ୟ ହ୍ରାସ କରିବା ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ପାଇଁ ସଡ଼କ ନିର୍ମାଣରେ ଅଧିକାଂଶ କାର୍ଯ୍ୟ ଯାନ୍ତ୍ରିକ ଉପାୟରେ କରାଯାଉଛି । ରାସ୍ତା ନିର୍ମାଣ କିମ୍ବା ମରାମତି ପାଇଁ ନିଆଯାଉଥିବା ସମୟ ଏବଂ ଅର୍ଥ ଅତ୍ୟନ୍ତ ହ୍ରାସ ପାଇଛି | ସଡକ ନିର୍ମାଣର ପରିମାଣ ବୃଦ୍ଧି ପାଇଥିବାରୁ ଏହା ବ୍ୟୟ ପ୍ରଭାବୀ ଅଟେ | ସଡକ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ପାଇଁ ଯାନ୍ତ୍ରିକ/ଅର୍ଦ୍ଧ-ଯାନ୍ତ୍ରିକ/ ମାନବୀୟ ପଦ୍ଧତିଗୁଡ଼ିକର ଆବଶ୍ୟକତା ଅଛି | ମାଟି କାମ ଗୁଡ଼ିକୁ ଦବାଇବା ଏବଂ ଅଧିକ ଯାନବାହାନ ଚଳାଚଳ କରୁଥିବା ରାସ୍ତାରେ ଉପର ପୃଷ୍ଠକୁ ଧରି ରଖିବା ପାଇଁ ଯାନ୍ତ୍ରିକ ପ୍ରଣାଳୀର ଉପକାରିତା ଅଧିକ ଅଛି | ବୈଷୟିକ ଅର୍ଥନୈତିକ ସମ୍ଭାବ୍ୟତା, ନିଯୁକ୍ତି ସମ୍ଭାବନା, ପ୍ରକଳ୍ପର ସ୍ଥିତି, ନିର୍ମାଣ କାର୍ଯ୍ୟସୂଚୀ ଇତ୍ୟାଦି ପରିଚାଳନା କାରକ ଠିକାଦାରଙ୍କୁ ରାସ୍ତା ନିର୍ମାଣର ଯାନ୍ତ୍ରିକ ମାଧ୍ୟମ କରିବାକୁ ପ୍ରୋତ୍ସାହିତ କରୁଛି ।

### ୨.୯.୨. ସ୍ଥାୟୀ

ଯେହେତୁ ଏହି କାର୍ଯ୍ୟ ଏକ ସ୍ୱଳ୍ପ ମିଆଦି ପ୍ରକଳ୍ପ ଅଟେ ଏବଂ ଏହି କାର୍ଯ୍ୟଟି ଓଡିଶା ସରକାରଙ୍କ ରାସ୍ତା ଏବଂ କୋଠା ବିଭାଜନ, ଅନୁଗୁଳ ଏବଂ ବିଭାଗ ଦ୍ୱାରା ନିଯୁକ୍ତ କଣ୍ଟ୍ରାକ୍ଟରଙ୍କ ଦ୍ୱାରା ଏକ ବୈଧାନିକ ପ୍ରକ୍ରିୟା ମାଧ୍ୟମରେ ପରିଚାଳିତ ହୋଇଥାଏ । ତେଣୁ ସ୍ଥାୟୀ ନିଯୁକ୍ତିର ସମ୍ଭାବନା କମ୍ |

## ୨.୧୦. ଯଦି ପୂର୍ବରୁ କୌଣସି ଏସ ଆଇ ଏ କିମ୍ବା ଇ ଆଇ ଏ ଏବଂ ବୈଷୟିକ ବିବରଣୀ ପ୍ରସ୍ତୁତ ହୋଇଥାଏ ତାହାର ବିସ୍ତୃତ ବିବରଣୀ

ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଜାତୀୟ ରାଜପଥ -୫୫ ରୁ ରାଜ୍ୟ ରାଜପଥ ୬୩ ପର୍ଯ୍ୟନ୍ତ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି | ପ୍ରସ୍ତାବିତ ବାଇପାସ ରାସ୍ତା ନିର୍ମାଣ କେତେକ ନିୟମ

ଆଧାରରେ କରାଯିବ । ବର୍ତ୍ତମାନ ପରିସ୍ଥିତିରେ ୬.୨୫୫୪ ଏକର ଘରୋଇ ଜମି ଅଧିଗ୍ରହଣ ହେବ । ପୂର୍ବରୁ ଏହି ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ସେପରି କୌଣସି ଏସ ଆଇ ଏ କିମ୍ବା ଇ ଆଇ ଏ କରାଯାଇ ନାହିଁ ।

## ୨.୧୧. ପ୍ରଯୁଜ୍ୟ ଆଇନ କାନୁନ

ପରିବାରଗୁଡିକର ଯୁକ୍ତିଯୁକ୍ତ ପ୍ରାପ୍ୟ ଏହି ନୀତି ନିୟମ ଉପରେ ଆଧାରିତ । ପରିବାର ଦରିଦ୍ରତାର ବିପଦ ସହିତ ଏହି ନୀତି ନିୟମ ଆଧାରରେ ପ୍ରଭାବିତ ପରିବାର ନିମନ୍ତେ ଯୁକ୍ତିଯୁକ୍ତ ପ୍ରାପ୍ୟ ବିଶ୍ଳେଷଣ କରାଯାଇଛି । ନିମ୍ନଲିଖିତ ଭାଗ ଏହି ନୀତି ସମ୍ବନ୍ଧରେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଯୁକ୍ତିଯୁକ୍ତ ପ୍ରାପ୍ୟ, କ୍ଷତିପୂରଣ ପ୍ରାପ୍ୟ ନିମନ୍ତେ ଉପଯୁକ୍ତତା ଏବଂ ପରିବାରର ପୁନର୍ବାସ ଅଧିକାର ସମ୍ବନ୍ଧରେ ଅଭିରୁଚି ଇତ୍ୟାଦି ବାବଦରେ ଆଲୋଚନା କରାଯାଇଛି ।

### ୨.୧୧.୧. ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ଅଧିନିୟମ ୨୦୦୬ର ସ୍ୱୀକୃତି)

ଏହି ଅଧିନିୟମଟି, ଜଙ୍ଗଲରେ ବସବାସ କରୁଥିବା ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଯେଉଁମାନେ କି ଜଙ୍ଗଲରେ ବଂଶାନୁକ୍ରମିକ ଭାବରେ ଜଙ୍ଗଲ ଜମିରେ ବାସ କରି ଆସୁଛନ୍ତି କିନ୍ତୁ ସେମାନଙ୍କ ଅଧିକାର ବାବଦରେ କୌଣସି ପ୍ରକାର ଲିପିବଦ୍ଧ କରାଯାଇ ନଥିବ ସେହି ପ୍ରକାରର ବସବାସ କରୁଥିବା ଲୋକମାନଙ୍କୁ ଜଙ୍ଗଲ ଉପରେ ଅଧିକାର ଓ ଜଙ୍ଗଲ ଭୂମି ମାନ୍ୟତା ପ୍ରଦାନ ତଥା ସଂଶ୍ଳିଷ୍ଟ କରିବାକୁ ସକ୍ଷମ କରୁଛି । ଏହି ଅଧିନିୟମଟି ଜଙ୍ଗଲରେ ବାସ କରୁଥିବା ଅନୁସୂଚୀତ ଜନଜାତି ଓ ପାରମ୍ପରିକ ବନବାସୀଙ୍କ ସମେତ ଯେଉଁମାନେ ରାଜ୍ୟର ବିକାଶ କାର୍ଯ୍ୟ ହେତୁ ବାସଗୃହ ପରିବର୍ତ୍ତନ କରିବା ନିମନ୍ତେ ବାଧ ହୋଇଛନ୍ତି, ସେହିମାନଙ୍କର ଅନେକ ସମୟ ଧରି ଜମି ଉପରେ ମାଲିକାନାର ଅସୁରକ୍ଷା ଏବଂ ଅଧିକାରର ମାନ୍ୟତାକୁ ବର୍ଣ୍ଣନା କରୁଛି ।

ଯେକୌଣସି ପ୍ରକାରର ସାମାଜିକ ଆକଳନ ଅଧ୍ୟୟନ ନିମନ୍ତେ ଏହି ଅଧିନିୟମଟିର ଯଥାର୍ଥତା ଅଛି, ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ (ସେକ୍ସନ୍ ୩ (ଆର୍)(II) ଅନୁଯାୟୀ) ଭୂମି ମାଲିକ ର ପରିଭାଷା ରେ ଯେ କୌଣସି ବ୍ୟକ୍ତି ଯେ କି, ଅନୁସୂଚୀତ ଜନଜାତି ଓ ପାରମ୍ପରିକ ବନବାସୀ (ଜଙ୍ଗଲ ଜମି ଅଧିକାର ଆଇନ) ୨୦୦୬ ଅନୁଯାୟୀ ବା ସେହି ସମୟରେ ବଳବତ୍ତର ଥିବା ଅନ୍ୟ କୌଣସି ନିୟମ ଅନୁଯାୟୀ ପଟ୍ଟା ପାଇଥିବା ବ୍ୟକ୍ତିକୁ ବୁଝାଯିବ ।

ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ (ସେକ୍ସନ୍ ୪୨(୩) ଆହୁରି ମଧ୍ୟ ନିର୍ଦ୍ଦିଷ୍ଟ କରୁଛି ଯେ, ଅନୁସୂଚୀତ ଜନଜାତି ଓ ପାରମ୍ପରିକ ବନବାସୀ (ଜଙ୍ଗଲ ଜମି ଅଧିକାର ଆଇନ) ୨୦୦୬ ଅନୁଯାୟୀ ଯେଉଁଠାରେ ଗୋଷ୍ଠୀ ଅଧିକାର ପ୍ରଦାନ କରାଯାଇଛି ସେଠାରେ ସେହି ଜମିର ପରିମାଣକୁ ଟଙ୍କାରେ ଆକଳନ କରାଯିବ ଏବଂ ଯେଉଁ ଲୋକମାନେ ବିସ୍ଥାପିତ ହୋଇଛନ୍ତି, ସେହି ବ୍ୟକ୍ତିମାନଙ୍କୁ ସେହି ଜମି ଉପରେ ଯାହାର ଯେତିକି ପରମାଣର ଅଧିକାର ଅଛି ସେହି ଅନୁସାରେ କ୍ଷତି ପୂରଣ ପ୍ରଦାନ କରାଯିବ । ଉପରେ ଲିଖିତ ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ ଏବଂ ଓଡିଶା ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୬ ସେକ୍ସନ ୫ ର ପ୍ରାବଧାନ ଅନୁଯାୟୀ ସମ୍ବନ୍ଧିତ ତହସିଲଦାର ଜମି ଆବଶ୍ୟକ କରୁଥିବା ସଂସ୍ଥାରୁ ଜମି ଅଧିଗ୍ରହଣ ପ୍ରସ୍ତାବ ପାଇବାର ୩ ମାସ ମଧ୍ୟରେ ଅନୁସୂଚୀତ ଜନଜାତି ଓ ପାରମ୍ପରିକ ବନବାସୀ (ଜଙ୍ଗଲ ଜମି ଅଧିକାର ଆଇନ) ୨୦୦୬ ଅନୁଯାୟୀ ସମସ୍ତ ପ୍ରକାର ପ୍ରକ୍ରିୟା ଶେଷ କରି ଜମି ଉପରେ ଅଧିକାର ପ୍ରଦାନ କରିବେ । ଏ

ସମସ୍ତ ଘଟଣାରେ, ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଆକ୍ଟ ୨୦୧୩ ସେକ୍ସନ ୧୧(୧) ଏବଂ ସବ- ସେକ୍ସନ (୪) ଅନୁଯାୟୀ ଅଧିକାର ପ୍ରଦାନ ପ୍ରକ୍ରିୟା ଓ ଏଥିର ନଥିପତ୍ର ପ୍ରସ୍ତୁତ କାର୍ଯ୍ୟ ଏହି ପ୍ରକ୍ରିୟା ଆରମ୍ଭର ୨ ମାସ ମଧ୍ୟରେ ଶେଷ କରିବାକୁ ପଡିବ । ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ବେସରକାରୀ ଜମି ଅଧିଗ୍ରହଣ କ୍ଷେତ୍ରରେ ଉକ୍ତ ଅଞ୍ଚଳରେ କ୍ଷେତ୍ର ଅନୁଶୀଳନ କରିବା ସମୟରେ ଏପରି ବିଷୟ ବା ସମସ୍ୟା ଦୃଷ୍ଟିଗୋଚର ହୋଇନାହିଁ । କିନ୍ତୁ ପ୍ରକୃତ ଜମି ଚିହ୍ନଟ ଓ ଅଧିଗ୍ରହଣର ପରବର୍ତ୍ତୀ ପର୍ଯ୍ୟାୟରେ ଯଦି ଏପରି କୌଣସି ଘଟଣା ଦୃଷ୍ଟିଗୋଚର ହେବ, ତେବେ ସେହି ପରିବାର ନିର୍ଦ୍ଧାରିତ ଆଇନ ଅନୁଯାୟୀ ସେମାନଙ୍କର କ୍ଷତିପୂରଣ ପାଇବାକୁ ଯୋଗ୍ୟବୋଲି ବିବେଚିତ ହେବେ।

## ୨.୧୧.୨ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ,ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩

ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ଟି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩ ଅଧିନିୟମ ଦ୍ୱାରା ପରିବର୍ତ୍ତନ କରାଯାଇ ଲାଗୁ କରାଯାଇଥିଲା । ଏହି ଅଧିନିୟମଟି ୨୦୧୪ ମସିହା ଜାନୁଆରୀ ୧ ତାରିଖରେ କାର୍ଯ୍ୟକାରୀ କରାଗଲା ଏବଂ ଜାମ୍ମୁ କାଶ୍ମୀର ରାଜ୍ୟ ବ୍ୟତିତ ଅନ୍ୟ ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଶିଳ୍ପାୟନ ଭିତ୍ତିଭୂମିର ବିକାଶ ଏବଂ ସହରୀକରଣ ନିମନ୍ତେ ଜମି ଅଧିଗ୍ରହଣକୁ ନିୟନ୍ତ୍ରଣ କରିବାପାଇଁ ନିଜନିଜ ରାଜ୍ୟ ପାଇଁ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ନ୍ୟାୟୋଚିତ କ୍ଷତିପୂରଣ ପ୍ରଦାନ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ଅନୁଯାୟୀ ନିୟମ ପ୍ରଣୟନ କରିବାର ଅଧିକାର ପାଇଲେ। ୧୯୯୬ ମସିହାରେ ପ୍ରଣିତ ଅନୁସୂଚୀତ ଅଞ୍ଚଳର ପଞ୍ଚାୟତ ସମ୍ପ୍ରସାରଣ ଆଇନର ସାରମର୍ମକୁ ଏହି ଆଇନରେ ପରିସରଭୁକ୍ତ କରାଗଲା। ଏହି ଆଇନରେ ସମ୍ବିଧାନ ଦ୍ୱାରା ପ୍ରତିଷ୍ଠିତ ଗ୍ରାମସଭା ଓ ସ୍ଥାନୀୟ ସ୍ୱାୟତ ଶାସନ ବ୍ୟବସ୍ଥାର ବିଭିନ୍ନ ଅନୁଷ୍ଠାନ ସହ ପରାମର୍ଶ କରିବାର ବ୍ୟବସ୍ଥାକୁ ସୁନିଶ୍ଚିତ କରାଗଲା। ଏହି ଆଇନଟି "ଶିଳ୍ପବିକାଶ, ଅତ୍ୟାବଶ୍ୟକ ଭିତ୍ତିଭୂମିର ବିକାଶ ଏବଂ ସହରୀକରଣ ଇତ୍ୟାଦି ନିମନ୍ତେ ଜମି ଅଧିଗ୍ରହଣ କରିବାକୁ, ଜମି ମାଲିକ ଏବଂ ଅନ୍ୟ ପ୍ରଭାବିତ ପରିବାରମାନେ ଯେପରି ସର୍ବନିମ୍ନ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତାହା ସୁନିଶ୍ଚିତ କରି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ଏକ ମାନବୀୟ, ସହଭାଗି, ସୂଚିତ ଏବଂ ସ୍ୱଚ୍ଛ ପ୍ରକ୍ରିୟା ସୁନିଶ୍ଚିତ କରିଥାଏ"। ଏଥିରେ ପ୍ରଭାବିତ ବ୍ୟକ୍ତିମାନଙ୍କର ପୁନର୍ବାସ ଓ ଥଇଥାନ ନିମନ୍ତେ ପର୍ଯ୍ୟାପ୍ତ ବନ୍ଦୋବସ୍ତ କରାଯାଇଛି ଓ ପ୍ରଭାବିତ ବ୍ୟକ୍ତିମାନେ ଅଧିଗ୍ରହଣ ପରବର୍ତ୍ତି ସାମାଜିକ ଓ ଆର୍ଥିକ ସ୍ଥିତିର ବିକାଶ ପ୍ରକ୍ରିୟାରେ ଅଂଶୀଦାର ହୋଇପାରିବେ ତାହା ସୁନିଶ୍ଚିତ କରାଯାଇଛି। ସରକାରଙ୍କ ଦ୍ୱାରା କୌଣସି ବିଶେଷ କାର୍ଯ୍ୟ ଉଦ୍ଦେଶ୍ୟ ସାଧନ ଏବଂ ଭିତ୍ତିଭୂମିର ବିକାଶ ନିମନ୍ତେ ଜମି ଅଧିଗ୍ରହଣ ସମୟରେ ଏହି ଆଇନରେ ଥିବା ବ୍ୟବସ୍ଥାକୁ ପ୍ରୟୋଗ କରାଯିବ।

ନିମ୍ନଲିଖିତ ପ୍ରମୁଖ ବ୍ୟବସ୍ଥାଗୁଡିକ ଆଇନରେ ଅନ୍ତର୍ଭୁକ୍ତ ହୋଇଛି।

- କ) ପ୍ରଭାବିତ ଲୋକମାନେ ସେମାନଙ୍କ ଜମି ଅଧଗ୍ରହଣ ଘଟଣାରେ ଉପଯୁକ୍ତ କ୍ଷତିପୂରଣ ପାଇବେ
- ଖ) ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସ୍ୱଚ୍ଛତା ଅଣାଯିବ,
- ଗ) ସ୍ଥାନଚ୍ୟୁତ ଲୋକମାନଙ୍କ ନିମନ୍ତେ ଥଇଥାନର ବ୍ୟବସ୍ଥା,
- ଘ) ପ୍ରଭାବିତ ପରିବାରଗୁଡିକର ସର୍ବନିମ୍ନ ସାମାଜିକ ଓ ଆର୍ଥିକ ବିଘ୍ନ ଖଟିବା,
- ଙ) ଜମି ଅଧଗ୍ରହଣ ପ୍ରକ୍ରିୟାରେ ଗ୍ରାମସଭା ସମେତ ସ୍ଥାନିୟ ସ୍ୱାୟତ୍ତ ଶାସନ ସଂସ୍ଥା ସହ ପରାମର୍ଶ କରାଯିବ,

ଚ) ପ୍ରତିକୂଳ ପ୍ରଭାବକୁ ପ୍ରଶମନ କରିବା ନିମନ୍ତେ ଏକ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତି, ଏବଂ

ଛ) ସାର୍ବଜନିକ ବେସରକାରୀ ଜମି ଅଧିଗ୍ରହଣ କାର୍ଯ୍ୟରେ ଅତିକମରେ ୭୦ ପ୍ରତିଶତ ପ୍ରଭାବିତ ଲୋକଙ୍କର ଓ ବେସରକାରୀ ଜମି ଅଧିଗ୍ରହଣ କାର୍ଯ୍ୟରେ ଅତିକମରେ ୮୦ ପ୍ରତିଶତ ପ୍ରଭାବିତ ଲୋକଙ୍କର ନିଶ୍ଚିତ ସହମତି ଆବଶ୍ୟକ ।

ଏହି ଆଇନକୁ ପ୍ରତିପାଦିତ କରିବା ନିମନ୍ତେ ଆଇନର ଦ୍ୱିତୀୟ ଅନୁଚ୍ଛେଦରେ ପ୍ରଭାବିତ ପରିବାର, ଜମିର ବିସ୍ତାର, ଘର, ବସତି ଏବଂ ପ୍ରକଳ୍ପ ହେତୁ ପ୍ରଭାବିତ ହେବାର ସମ୍ଭାବନା ଥିବା ବ୍ୟକ୍ତିଗତ ମାଲିକାନା କିମ୍ବା ସାର୍ବଜନିନ ମାଲିକାନାରେ ଥିବା ଅନ୍ୟାନ୍ୟ ସାଧାରଣ ସମ୍ପତ୍ତି ଗୁଡିକୁ ବିସ୍ତୃତ ଭାବରେ ଯାଞ୍ଚ କରି 'ସାମାଜିକ ପ୍ରଭାବ' ଏବଂ 'ସର୍ବସାଧାରଣ ଉଦ୍ଦେଶ୍ୟ' ନିର୍ଦ୍ଧାରଣ କରିବେ ଏବଂ 'ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରସ୍ତୁତ' କରିବେ। ଆଇନର ଚତୁର୍ଥ ଅନୁଚ୍ଛେଦରେ 'ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ' କୁ ବାଧ୍ୟତାମୂଳକ କରାଯାଇଛି ଏବଂ ୪(୧)ରେ କୁହାଯାଇଛି "ଯେତେବେଳେ ଗୋଟିଏ ଉପଯୁକ୍ତ ସରକାର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବାକୁ ଆଗ୍ରହ କରନ୍ତି, ତେବେ ସମ୍ପୃକ୍ତ ପଞ୍ଚାୟତ, ମ୍ୟୁନିସିପାଲିଟି, କିମ୍ବା ମ୍ୟୁନିସିପାଲ କର୍ପୋରେସନ ଯେଉଁଠାରେ ଯେପରି ପ୍ରଯୁଜ୍ୟ ତାଙ୍କ ସହ ପରାମର୍ଶ କରିବେ ଏବଂ ପ୍ରଭାବିତ ଅଞ୍ଚଳରେ ୱାର୍ଡ ସ୍ତରରେ ବା ଗ୍ରାମ ସ୍ତରରେ ଲୋକମାନଙ୍କ ସହ ବିଚାର ବିମର୍ଶ କରି ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବେ, ଏବଂ ସେହି ମର୍ମରେ ସେହି ତାରିଖରେ ସରକାରଙ୍କ ଦ୍ୱାରା ଏକ ଅଧିସୂଚନା ଜାରି କରାଯିବ। ଏଥିସହିତ ଗ୍ରହଣ କରାଯିବାକୁ ଥିବା ଆବଶ୍ୟକ ପ୍ରଶମନ ଉପାୟ ଗୁଡିକର ତାଲିକା ପ୍ରସ୍ତୁତ କରି 'ସାମାଜିକ ପ୍ରଭାବ ପରିଚାଳନା ଯୋଜନା' ପ୍ରସ୍ତୁତ କରିବା ନିମନ୍ତେ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଚତୁର୍ଥ ଅଧ୍ୟାୟ ର ସେକ୍ସନ- ୨୦୯ ରେ ଉଲ୍ଲେଖ କରାଯାଇଛି ଯେ, ଅଧିଗ୍ରହଣ ହେଉଥିବା ଜମିରେ ଥିବା ଅନ୍ୟାନ୍ୟ ବସ୍ତୁମାନ ଏବଂ ବାସଗୃହ ଆଦିର ମୂଲ୍ୟକୁ ଅଭିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ। ଏଥିରେ ମଧ୍ୟ ବ୍ୟବସ୍ଥା ଅଛି ଯେ, ଏକକାଳୀନ ସାନ୍ତ୍ୱନା ମୂଳକ ରାଶୀ ର ମୂଲ୍ୟ ଏପରି ହେବା ଆବଶ୍ୟକ ଯାହାକି କ୍ଷତିପୂରଣ ରାଶୀର ୧୦୦% ହୋଇଥିବ । ଏ ସବୁ ବ୍ୟବସ୍ଥାମାନ ଗ୍ରହଣ କରିବାର ଉଦ୍ଦେଶ୍ୟ ହେଉଛି, ପ୍ରଭାବିତ ପରିବାରଗୁଡିକ ତାଙ୍କର ଜମି ଅଧିଗ୍ରହଣ ପରେ ଯେପରି ଏକ ଉନ୍ନତତର ସାମାଜିକ ଓ ଆର୍ଥିକ ଜୀବନଯାପନ କରିପାରିବେ ତାହା ସୁନିଶ୍ଚିତ କରିବା।

**ସାରଣୀ- ୧.୨ ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଅଧିନୀୟମ ଥଇଥାନ ଓ ପୁନର୍ବାସ , ୨୦୧୩ ର ସାରାଂଶ**

| କ୍ର ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| ୧ | ଅନୁଚ୍ଛେଦ ୪(୧) ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିଜ୍ଞପ୍ତି | ▪ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ<br>▪ ସମୁଦାୟ ସମୟ ୬ ମାସ |
| ୨ | ଅନୁଚ୍ଛେଦ ୫ | ▪ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ଜନଶୁଣାଣୀ |
| ୩ | ଅନୁଚ୍ଛେଦ ୬(୧) | ▪ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ସହିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରକାଶନ |
| ୪ | ଅନୁଚ୍ଛେଦ ୭(୧) ବିଶେଷଜ୍ଞ ଦଳ ଦ୍ୱାରା ମୂଲ୍ୟାୟନ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ବିବରଣୀ | ▪ ବିଶେଷଜ୍ଞ ଦଳ ଦ୍ୱାରା ସାମାଜିକ ପ୍ରଭାବ ଆକଳନ<br>▪ ୨ ଜଣ ବେସରକାରୀ ସାମାଜିକ ବୈଜ୍ଞାନିକ, ୨ ଜଣ ପଞ୍ଚାୟତ/ ଗ୍ରାମସଭା ପ୍ରତିନିଧି, ୨ ଜଣ ଥଇଥାନ ବିଶେଷଜ୍ଞ ଏବଂ ଜଣେ ବିଷୟ କ୍ଷେତ୍ରରେ କୁଶଳି ବିଶେଷଜ୍ଞ<br>▪ ସୁପାରିଶ ଗୁଡିକର ପ୍ରକାଶନ |

| କ୍ର ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| | | ▪ ସମୁଦାୟ ସମୟ ୨ ମାସ |
| ୫ | ଅନୁଚ୍ଛେଦ ୮ | ▪ ଜମି ଅଧିଗ୍ରହଣ ପ୍ରସ୍ତାବର ପରିକ୍ଷଣ ଏବଂ ଉପଯୁକ୍ତ ସରକାରଙ୍କ ଦ୍ୱାରା ସାମାଜିକ ପ୍ରଭାବ ଆକଳନ ବିବରଣୀ |
| ୬ | ଅନୁଚ୍ଛେଦ ୧୧(୧) – ଭୂମି ଅଧିଗ୍ରହଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶନ | ▪ ଭୂମି ଅଧିଗ୍ରହଣ ନିମନ୍ତେ ପ୍ରାରମ୍ଭିକ ବିଜ୍ଞପ୍ତି ପ୍ରକାଶନ |
| ୭ | ଅନୁଚ୍ଛେଦ ୧୧(୫) – ଜମିଜମା ସଂକ୍ରାନ୍ତୀୟ ଦଲିଲ ନବୀକରଣ | ▪ ଜମିଜମା ସଂକ୍ରାନ୍ତୀୟ ଦଲିଲ ଗୁଡିକୁ ନବୀକରଣ ସମୟ ଅବଧି ୨ ମାସ |
| ୮ | ଅନୁଚ୍ଛେଦ ୧୪ – ସାମାଜିକ ପ୍ରଭାବ ଆକଳନ ବିଳମ୍ବ ଅବଧି ନିମନ୍ତେ ପଦକ୍ଷେପ | ▪ ଅନୁଚ୍ଛେଦ ୭ ଅନୁସାରେ ସାମାଜିକ ପ୍ରଭାବ ଆକଳନ ବିବରଣୀ ଦାଖଲ ହେବାର ଅନୁଚ୍ଛେଦ ୧୧(୧) ଅନୁଯାୟୀ ଯଦି ୧୨ ମାସ ମଧ୍ୟରେ ପ୍ରକାଶିତ ନହେଲା (୪(୧) ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୧୮ମାସ ମଧ୍ୟରେ ) ତାହାହେଲେ ଏହି ବିବରଣୀ ଆଉ କାର୍ଯ୍ୟ କରିବ ନାହିଁ । ଅନୁଚ୍ଛେଦ ୧୧ ଅନୁଯାୟୀ ନୂତନ ଭାବରେ ପୁଣି ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରିବାକୁ ପଡିବ ।<br>▪ ଉପଯୁକ୍ତ ସରକାର ଏହି ଅବଧିକୁ ୧୨ ମାସ ବୃଦ୍ଧି କରିବା ପାଇଁ କ୍ଷମତାପ୍ରାପ୍ତ ଅଟନ୍ତି । |
| ୯ | ଅନୁଚ୍ଛେଦ ୧୫ (୧) – ଅଭିଯୋଗର ଶୁଣାଣୀ | ▪ ଅନୁଚ୍ଛେଦ ୧୧(୧) ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୬୦ ଦିନ ମଧ୍ୟରେ |
| ୧୦ | ଅନୁଚ୍ଛେଦ ୧୬ (୧) – ପ୍ରଶାସକଙ୍କ ଦ୍ୱାରା (ଓଡିଶା ସରକାରଙ୍କ ଦ୍ୱାରା) ପୁନର୍ବାସ ଓ ଥଇଥାନ ଯୋଜନା ପ୍ରସ୍ତୁତି ବିଜ୍ଞପ୍ତି ଉପ ଜିଲ୍ଲାପାଳ ବା ତଦୁର୍ଦ୍ଧ ପାହ୍ୟାର ଜଣେ ରାଜସ୍ୱ ବିଭାଗ ଅଧିକାରୀ ପୁନର୍ବାସ ଓ ଥଇଥାନର ପ୍ରଶାସକ) | ▪ ଜିଲ୍ଲାପାଳଙ୍କ ଦ୍ୱାରା ଅନୁଚ୍ଛେଦ ୧୧(୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶନ ପରେ, ପ୍ରଶାସକ, ପୁନର୍ବାସ ଓ ଥଇଥାନ ପ୍ରଭାବିତ ପରିବାରର ଜନସଂଖ୍ୟା ସର୍ବେକ୍ଷଣ କରିବେ |
| ୧୧ | ଅନୁଚ୍ଛେଦ ୧୬ (୫) – ସାମାଜିକ ପ୍ରଭାବ ଆକଳନ ନିମନ୍ତେ ବିଜ୍ଞପ୍ତି ପ୍ରକାଶନ | ▪ ପୁନର୍ବାସ ଓ ଥଇଥାନ ଯୋଜନା ଚିଠା ବିବରଣୀ ଜିଲ୍ଲାପାଳଙ୍କ ନିକଟରେ ଦାଖଲ |
| ୧୨ | ଅନୁଚ୍ଛେଦ ୧୬ (୬) | ▪ ପୁନର୍ବାସ ଓ ଥଇଥାନ ଯୋଜନା |
| ୧୩ | ଅନୁଚ୍ଛେଦ ୧୭ (୧) | ▪ ଜିଲ୍ଲାପାଳ ଓ ପୁନର୍ବାସ ଓ ଥଇଥାନ କମିଟି ଦ୍ୱାରା ପୁନର୍ବାସ ଓ ଥଇଥାନ ଯୋଜନାର ସମୀକ୍ଷା |
| ୧୪ | ଅନୁଚ୍ଛେଦ ୧୮ – ପୁନର୍ବାସ ଓ ଥଇଥାନ ଯୋଜନା କମିଶନରଙ୍କ | ▪ ସଚିବ କିମ୍ବା କମିଶନର ପାହ୍ୟାର ଓଡିଶା ସରକାରଙ୍କ ଜଣେ ସରକାରୀ ଅଧିକାରୀ |

| କ୍ର ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| | ଦ୍ୱାରା ଅନୁମୋଦନ | |
| ୧୫ | ଅନୁଚ୍ଛେଦ ୧୯ (୧) – ପୁନର୍ବାସ ଓ ଥଇଥାନ ଯୋଜନାର ଘୋଷଣା ଓ ସାରାଂଶ ପ୍ରକାଶନ | ▪ କୋର୍ଟର ଆଦେଶ କିମ୍ବା ରହିତାଦେଶ ବ୍ୟତିରେକ ଅନ୍ୟ ସମସ୍ତ କ୍ଷେତ୍ରରେ ଅନୁଚ୍ଛେଦ ୧୧(୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୧୨ ମାସ ମଧ୍ୟରେ |
| ୧୬ | ଅନୁଚ୍ଛେଦ ୧୯ (୭) - ଅନୁଚ୍ଛେଦ ୧୧(୧) ଅନୁଯାୟୀ ପ୍ରକାଶିତ ବିଜ୍ଞପ୍ତି | ▪ କୋର୍ଟର ଆଦେଶ କିମ୍ବା ରହିତାଦେଶ ବ୍ୟତିରେକ ଅନ୍ୟ ସମସ୍ତ କ୍ଷେତ୍ରରେ ଅନୁଚ୍ଛେଦ ୧୧(୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶନର ୧୨ ମାସ ମଧ୍ୟରେ ଯଦି କୌଣସି ଘୋଷଣା କରା ନଗଲା |
| ୧୭ | ଅନୁଚ୍ଛେଦ ୨୧(୧) | ▪ ଦଖଲ ନେବାକୁ ଇଚ୍ଛୁକ ବ୍ୟକ୍ତିକୁ ସୁଚନା ପ୍ରଦାନ |
| ୧୮ | ଅନୁଚ୍ଛେଦ ୨୩ | ▪ ଜିଲ୍ଲାପାଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ପୁରସ୍କାର ପ୍ରଦାନ |
| ୧୯ | ଅନୁଚ୍ଛେଦ ୨୫ – ଅଧିଗ୍ରହଣ ନିମନ୍ତେ ସମସ୍ତ କାର୍ଯ୍ୟ ସମାପ୍ତ | ▪ ଅନୁଚ୍ଛେଦ ୧୯ ଅନୁଯାୟୀ ତାରିଖ ଘୋଷଣାର ୧୨ ମାସ ମଧ୍ୟରେ ପୁରସ୍କାର ପ୍ରଦାନ ହେବା ଆବଶ୍ୟକ । ଓଡିଶା ସରକାରଙ୍କ ହାତରେ କ୍ଷମତା ଅଛି ସେ ଆବଶ୍ୟକତା ଦେଖାଇ ସମୟକୁ ଅଧିକ ବଢାଇ ପାରନ୍ତି । |
| ୨୦ | ଅନୁଚ୍ଛେଦ ୨୬ | ▪ ଜିଲ୍ଲାପାଳଙ୍କ ଦ୍ୱାରା ଜମିର ବଜାର ମୂଲ୍ୟ ନିରୁପଣ |
| ୨୧ | ଅନୁଚ୍ଛେଦ ୨୭ | ▪ ଜିଲ୍ଲାପାଳଙ୍କ ଦ୍ୱାରା କ୍ଷତିପୂରଣ କାମ ସ୍ଥିର କରାଯିବ |
| ୨୨ | ଅନୁଚ୍ଛେଦ ୨୯ | ▪ ଜମି କିମ୍ବା ଘର ସହିତ ସଂଲଗ୍ନ ଜିନିଷ ପତ୍ରର ମୂଲ୍ୟ ନିରୁପଣ |
| ୨୩ | ଅନୁଚ୍ଛେଦ ୩୧(୧) | ▪ ଜିଲ୍ଲାପାଳଙ୍କ ଦ୍ୱାରା ପୁନର୍ବାସ ଓ ଥଇଥାନ ପୁରସ୍କାର ପ୍ରଦାନ<br>▪ ଶତ ପ୍ରତିଶତ କ୍ଷତିପୂରଣ ଏବଂ ପୁନର୍ବାସ ଓ ଥଇଥାନ ଦାବି ପ୍ରଦାନ ପରେ ଜିଲ୍ଲାପାଳ ଜମି ଦଖଲକୁ ନେବେ, କିମ୍ବା<br>▪ କ୍ଷତିପୂରଣ ପ୍ରଦାନ ଲାଗି ୩ ମାସ ଏବଂ ପୁନର୍ବାସ ଓ ଥଇଥାନ ଦାବି ପ୍ରଦାନ ଲାଗି ୬ ମାସ |
| ୨୪ | ଅନୁଚ୍ଛେଦ ୩୮(୧) | ▪ ଜିଲ୍ଲାପାଳଙ୍କ ଦ୍ୱାରା ଅଧିଗ୍ରହଣ କରାଯାଉଥିବା ଜମି ଦଖଲକୁ ନେବା ପାଇଁ କ୍ଷମତା ପ୍ରଦାନ |
| ୨୫ | ଅନୁଚ୍ଛେଦ ୩୮(୨) | ▪ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକୁ ବିସ୍ଥାପନ କରିବା ପୂର୍ବରୁ ସବୁଦୃଷ୍ଟିରୁ ପୁନର୍ବାସ ଓ ଥଇଥାନ ପ୍ରକ୍ରିୟାକୁ ସମାପ୍ତ କରାଯିବ |
| ୨୬ | ଅନୁଚ୍ଛେଦ ୪୩(୩) | ▪ ଓଡିଶା ସରକାର ଓ କମିଶନର, ପୁନର୍ବାସ ଓ ଥଇଥାନ ଙ୍କ ନିର୍ଦ୍ଦେଶ ତଥା ନିୟନ୍ତ୍ରଣରେ ପୁନର୍ବାସ ଓ ଥଇଥାନ ଯୋଜନାର ପ୍ରସ୍ତୁତି ,କାର୍ଯ୍ୟ ସମ୍ପାଦନ ଏବଂ ତଦାରଖ ଦାୟୀତ୍ୱପ୍ରଶାସକଙ୍କ ଉପରେ ନିହିତରହିବ |
| ୨୭ | ଅନୁଚ୍ଛେଦ ୪୪(୧) | ▪ କମିଶନର, ପୁନର୍ବାସ ଓ ଥଇଥାନ ଙ୍କ ନିଯୁକ୍ତି |
| ୨୮ | ଅନୁଚ୍ଛେଦ ୪୪(୨) | ▪ ପୁନର୍ବାସ ଓ ଥଇଥାନ କାର୍ଯ୍ୟ ଯୋଜନା ପ୍ରସ୍ତୁତିକୁ ପର୍ଯ୍ୟବେକ୍ଷଣ ତଥା ସଠିକ ଭାବରେ ଏହି ଯୋଜନା କାର୍ଯ୍ୟ |

| କ୍ର ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| | | ସମ୍ପାଦନ ନିମନ୍ତେ କମିଶନର, ପୁନର୍ବାସ ଓ ଥଇଥାନ ଦାୟୀରହିବେ |
| ୨୯ | ଅନୁଚ୍ଛେଦ ୪୪(୩) | ▪ କାର୍ଯ୍ୟ ସମ୍ପାଦନ ପରବର୍ତ୍ତି ପର୍ଯ୍ୟାୟରେ ଗ୍ରାମାଞ୍ଚଳରେ ଗ୍ରାମସଭା ସହ ବିଚାର ବିମର୍ଷରେ ସାମାଜିକ ଅଡିଟ୍ ସମ୍ପାଦନ ଦାୟୀତ୍ୱ କମିଶନରଙ୍କ ଉପରେ ନ୍ୟସ୍ତରହିବ । |
| ୩୦ | ଅନୁଚ୍ଛେଦ ୪୫(୧) ପୁନର୍ବାସ ଓ ଥଇଥାନ କମିଟି ଗଠନ ଶୈଳୀ ବା ସଂରଚନା (ସମାନ ୧୦୦ ଏକର କିମ୍ବା ତଦୁର୍ଦ୍ଧ ଜମି ଅଧିଗ୍ରହଣ କ୍ଷେତ୍ରରେ) | ▪ ସଭାପତି (ଜିଲ୍ଲାପାଳ)<br>▪ ପ୍ରଭାବିତ ଅଞ୍ଚଳରେ ବାସ କରୁଥିବା ମହିଳା ପ୍ରତିନିଧି<br>▪ ପ୍ରଭାବିତ ଅଞ୍ଚଳରେ ବାସ କରୁଥିବା ଅନୁସୂଚିତ ଜାତି ଜନଜାତି ଙ୍କ ପ୍ରତିନିଧି<br>▪ ପ୍ରଭାବିତ ଅଞ୍ଚଳରେ କାମ କରୁଥିବା ବେସରକାରୀ ଅନୁଷ୍ଠାନର ପ୍ରତିନିଧି<br>▪ ଜାତୀୟକରଣ ବ୍ୟାଙ୍କର ପ୍ରତିନିଧି<br>▪ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ<br>▪ ପ୍ରଭାବିତ ଅଞ୍ଚଳରେ ଅବସ୍ଥିତ ଥିବା ପଞ୍ଚାୟତ କିମ୍ବା ନଗରପାଳିକାର ଅଧକ୍ଷ କିମ୍ବା ତାଙ୍କ ପ୍ରତିନିଧି<br>▪ ଜିଲ୍ଲା ଯୋଜନା କମିଟିର ଅଧକ୍ଷ କିମ୍ବା ତାଙ୍କ ପ୍ରତିନିଧି<br>▪ ସମ୍ବନ୍ଧିତ କ୍ଷେତ୍ରରେ ବିଧାନସଭା ଏବଂ ଲୋକସଭା ସଦସ୍ୟ କିମ୍ବା ତାଙ୍କ ପ୍ରତିନିଧି<br>▪ ଜମି ଆବଶ୍ୟକ କରୁଥିବା ସଂସ୍ଥାର ପ୍ରତିନିଧି<br>▪ ପ୍ରଶାସକ, ପୁନର୍ବାସ ଓ ଥଇଥାନ ଆବାହକ ସଭ୍ୟ |

## ୨.୧୧.୩ ଓଡିଶା ସରକାରଙ୍କ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ (ଓ ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆଣ୍ଡ୍ ଆର୍) ୨୦୧୬

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ (ଆର୍ ଏଫ ସି ଟି ଏଲ୍ ଏ ଆର୍ ଆଣ୍ଡ୍ ଆର୍) ଅଧିନିୟମର ଧାରା ୧୦୯ର ଉପଧାରା (୧) ରେ ପ୍ରଦାନ କରାଯାଇଥିବା ଅଧିକାର ଅନୁଯାୟୀ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ ୨୦୧୬ ଆଇନ ପ୍ରସ୍ତୁତ କରାଯାଇ ଓଡିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ର ବିଜ୍ଞପ୍ତି ୧୯ ଅକ୍ଟୋବର ୨୦୧୬ ତାରିଖରେ ଓଡିଶା ଗେଜେଟ ସଂଖ୍ୟା ୧୪୮୦ ପ୍ରକାଶିତ ହୋଇଥିଲା । ଉପରୋକ୍ତ ୨୦୧୬ ନିୟମ ଅନୁସାରେ, ଜମି ଆବଶ୍ୟକ କରୁଥିବା ସଂସ୍ଥା ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟାର ସମ୍ପୂର୍ଣ୍ଣ ବିବରଣୀ, ଜିଲ୍ଲାପାଳଙ୍କ ଦ୍ୱାରା ଜମି ଦରଖାସ୍ତ ଯାଞ୍ଚ ଓ ସଂପୃକ୍ତ ତହସିଲଦାରଙ୍କ ଦ୍ୱାରା ଜମିର ରେକର୍ଡ ପତ୍ରକୁ ଅଧୁନାତନ କରିବା ପ୍ରକ୍ରିୟା ଆଦି ଜମିଜମା ସମ୍ବନ୍ଧୀୟ କାଗଜପତ୍ର ଜିଲ୍ଲାପାଳଙ୍କ ଠାରୁ ପାଇବାର ତିନିମାସ ମଧରେ ଶେଷ କରାଯିବାର ବ୍ୟବସ୍ଥା ଅଛି। ଏହି ନିୟମ ୮ ଫେବୃଆରୀ, ୨୦୧୬ ମସିହା ଠାରୁ

ସମଗ୍ର ଓଡିଶା ରାଜ୍ୟରେ ପ୍ରଚାଳନ କରାଗଲା । ଏହି ନିୟମରେ ଆର୍ ଏଫ ସି ଟି ଏଲ୍ ଏ ଆର୍ ଆଣ୍ଡ ଆର୍ ଅଧିନୟମ ୨୦୧୩ ର ନିୟମାବଳୀ ଅନୁଯାୟୀ ଜମି ଅଧିଗ୍ରହଣ ପ୍ରକ୍ରିୟା ବିଷୟରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି, ସାମାଜିକ ପ୍ରଭାବ ଆକଳନ ପ୍ରକ୍ରିୟା, ଜନ ଶୁଣାଣି, ସମ୍ମତି ହାସଲ, ଜମି ଅଧିଗ୍ରହଣ, ପୁନର୍ବାସ, ଥଇଥାନ ନିଷ୍ପତ୍ତି ଗ୍ରହଣ, ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଜଡିତ ପ୍ରତ୍ୟେକ ଅଧିକାରୀ ଏବଂ ଏଜେନ୍ସି ଏବଂ ଏହି ନିୟମରେ ନିର୍ଦ୍ଦିଷ୍ଟ କରାଯାଇଥିବା ଅନ୍ୟାନ୍ୟ ହିତାଧିକାରୀମାନଙ୍କର ଭୂମିକା ଏବଂ ଦାୟୀତ୍ୱଏହି ନିୟମରେ ନିର୍ଦ୍ଦିଷ୍ଟ କରାଯାଇଛି |

ଆଲୋଚିତ ନିୟମ ୨୦୧୬ରେ ଉଲ୍ଲେଖ କରାଯାଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ବନ୍ଧୀୟ ବିସ୍ତୃତ ବର୍ଣ୍ଣନା ଅନୁଯାୟୀ ଅନୁଗୁଳ ଜିଲ୍ଲାର ବଆଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ଅନୁଗୁଳ ଜିଲ୍ଲାର ବଆଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ବେସରକାରୀ ଜମି ଅଧିଗ୍ରହଣ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ଉପାଦାନ ମାନ ନିମ୍ନମତେ ଅଟେ ।

ରାଜ୍ୟ ସରକାର  ରାଜ୍ୟ ଏସ୍ ଆଇ ଏ ୟୁନିଟ୍ ଭାବରେ 'ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର' ନାମକ ଏକ ସ୍ୱାଧିନ ସଂସ୍ଥା ପ୍ରତିଷ୍ଠା କରିଛନ୍ତି ଯେକି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଅଧିନୀୟମର ପ୍ରାବଧାନ ଅନୁସାରେ ଠିକ ଭାବରେ କରାଯାଇଛି ବୋଲି ସୁନିଶ୍ଚିତ କରିବ।  ରାଜ୍ୟ ଏସ୍ ଆଇ ଏ ୟୁନିଟ୍ ଗୋଟିଏ ଏଜେନ୍ସୀ କିମ୍ବା କୌଣସି ବ୍ୟକ୍ତିଙ୍କୁ ଅଧ୍ୟୟନ କରିବାକୁ ନିୟୋଜିତ କରିବ । ଏହି କ୍ଷେତ୍ରରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ***ଐରା, ଢେଙ୍କାନାଳ*** କୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବାକୁ ଏବଂ ଗ୍ରାମସଭା ସହ ବିଚାରବିମର୍ଷ କରି ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ  ଦାୟୀତ୍ୱ ପ୍ରଦାନ କରିଛନ୍ତି ।

**ଅଧିନିୟମର ଧାରା ୬** ଅନୁଯାୟୀ, ଓଡିଶା ସରକାର ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନ୍ ସି ଡି ଏସ୍) କୁ ଏକ ସ୍ୱାଧିନ ଅନୁଷ୍ଠାନ ରାଜ୍ୟ ଏସ୍ ଆଇ ଏ ୟୁନିଟ ହିସାବରେ ଓଡିଶାରେ ସାମାଜିକ ଆକଳନ ଅଧ୍ୟୟନ କରିବା ନିମନ୍ତେ ମନୋନୋତ କରଛନ୍ତି ଏବଂ ଏସ୍ ଆଇ ଏ ୟୁନିଟକୁ ସହଯୋଗ କରିବା ନିମନ୍ତେ ସମ୍ପାଦକ, ଆର ଏଣ୍ଡ ଆର୍ ରାଜ୍ୟ ସ୍ତରରେ ମୂଖ୍ୟ ଅଧିକାରୀ ହିସାବରେ କାର୍ଯ୍ୟ କରିବେ । ରାଜ୍ୟ ଏସ୍ ଆଇ ଏ ୟୁନିଟ, ସାମାଜିକ ଆକଳନ ଅଧ୍ୟୟନ ନିମନ୍ତେ କ୍ଷମତାସମ୍ପନ୍ନ ଭାଗୀଦାର ଚୟନ, ପ୍ରକଳ୍ପ ନିର୍ଦ୍ଦିଷ୍ଟ ସର୍ତ୍ତ ସମ୍ବନ୍ଧିତ କାଗଜପତ୍ର ପ୍ରସ୍ତୁତି, ସାମାଜିକ ଆକଳନ ଅଧ୍ୟୟନ ଦଳର ତାଲିମ ଏବଂ କ୍ଷମତାରେ ଅଭିବୃଦ୍ଧି ସମ୍ବନ୍ଧିତ କାର୍ଯ୍ୟକ୍ରମ, ସାମାଜିକ ଆକଳନ ଅଧ୍ୟୟନର ଗୁଣବତ୍ତାର ମୂଲ୍ୟାୟନ ଓ ସଶକ୍ତିକରଣ ଇତ୍ୟାଦି କାର୍ଯ୍ୟ ହାତକୁ ନେବ ।

**ଅଧିନିୟମର ଧାରା ୮** ଅନୁଯାୟୀ, ଓଡିଶା ସରକାର ସାମାଜିକ ଆକଳନ ଅଧ୍ୟୟନର ୩୦ ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବେ । ଏହି ସନ୍ଦର୍ଭରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଅନୁଗୁଳ ଜିଲ୍ଲାର ବଆଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ଅନୁଗୁଳ ଜିଲ୍ଲାର ବଆଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ବେସରକାରୀ ଜମି ଅଧିଗ୍ରହଣ ପାଇଁ ବୈଧ ବିଜ୍ଞପ୍ତି ସଂଖ୍ୟା ଆର୍ ଡି ଏମ୍ – ଏଲ୍ ଏ ସି – ଏ ଏନ ଜି – ୦୦୦୧ -୨୦୨୨- ୧୬୪୦୦ ଆର୍ ଏବଂ ଡି ଏମ୍ ତା - ୨୦.୦୫.୨୦୨୨ (ପରିଶିଷ୍ଟ-କ ରେ ସଂଲଗ୍ନ) ରେ ବିଜ୍ଞପ୍ତି ପ୍ରକାଶ  କରିଛନ୍ତି ।

**ଅଧିନିୟମର ଧାରା ୯ରେ** କୁହାଯାଇଛି ସାମାଜିକ ଆକଳନ ଅଧ୍ୟୟନ ପଞ୍ଚାୟତ/ମୁନିସିପାଲିଟି ସହ ବିଚାର ବିମର୍ଷ ପରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପ୍ରସ୍ତୁତ କରାଯିବ ଏବଂ ଅଧ୍ୟୟନର ବିବରଣୀ ନିର୍ଦ୍ଦିଷ୍ଟ ଫର୍ମାଟରେ ସାମାଜିକ ପ୍ରଭାବ ପ୍ରଶମନ ଯୋଜନା ସହ ଦାଖଲ କରାଯିବ । ଏହି ମର୍ମରେ ***ଔରା, ଢେଙ୍କାନାଳ*** ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଅଧ୍ୟୟନ ପୂର୍ବରୁ ସର୍ବେକ୍ଷଣ ଗ୍ରାମଗୁଡିକୁ ବୁଲିଛନ୍ତି ଏବଂ ମୁଖ୍ୟ ଲୋକମାନଙ୍କୁ ଭେଟିଛନ୍ତି । ଆହୁରି ମଧ୍ୟ, ସାମାଜିକ ଅଧ୍ୟୟନ ବିବରଣୀ ଫର୍ମ – ଘ ଏବଂ ସାମାଜିକ ପ୍ରଭାବ ପ୍ରଶମନ ଯୋଜନା ଫର୍ମ – ଙ ରେ ପ୍ରସ୍ତୁତ କରାଯାଇଛି ।

**ଅଧିନିୟମର ଧାରା ୧୧ ରେ** ଅଧ୍ୟୟନ ପ୍ରକ୍ରିୟା ସମ୍ବନ୍ଧରେ ପ୍ରତିଫଳିତ କରୁଛି, ଯାହାକୁ କି ଅଧ୍ୟୟନ କରିବା ସମୟରେ ***ଔରା, ଢେଙ୍କାନାଳ*** ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଅନୁସରଣ କରିଥିଲେ । ଘରବାରି ଜମି ଅଧିଗ୍ରହଣ ଓ ପରିବାରଗୁଡିକର ବିସ୍ଥାପନ ସମୟରେ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ପ୍ରଭାବିତ ପରିବାରଗୁଡିକର ପ୍ରସ୍ତାବିତ ପରିବର୍ତ୍ତିତ ବାସସ୍ଥଳିକୁ ବୁଲି ଦେଖିଛନ୍ତି ଏବଂ ସେମାନଙ୍କ ସାମାଜିକ ଅର୍ଥନୈତିକ ଅବସ୍ଥାକୁ ଦେଖିଛନ୍ତି ।

**ଅଧିନିୟମର ଧାରା ୧୨** ଅନୁଯାୟୀ, ସାମାଜିକ ପ୍ରଭାବ ପ୍ରଶମନ ଯୋଜନା, ଗଣନା କରାଯାଇଥିବା ଏବଂ ବିସ୍ଥାପିତ ହେଉଥିବା ପ୍ରତ୍ୟେକ ପରିବାରର ପୁନର୍ବାସ ଓ ଥଇଥାନ ପ୍ରାପ୍ୟ ସମ୍ବନ୍ଧିୟ ସୂଚୀ ପ୍ରସ୍ତୁତ କରି ସଂଲଗ୍ନ କରିବେ ।

**ଅଧିନିୟମର ଧାରା ୧୪** ସୂଚିତ କରୁଛି ଯେ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ପ୍ରାପ୍ତ ହୋଇଥିବା ତଥ୍ୟ ସମ୍ବନ୍ଧରେ ପ୍ରତିକ୍ରିୟା ଜାଣିବା ନିମନ୍ତେ ପ୍ରଭାବିତ ଅଞ୍ଚଳରେ ଜନଶୁଣାଣିର ଆୟୋଜନ କରାଯିବ ଏବଂ ଚୁଡାନ୍ତ ବିବରଣୀରେ ଯୋଗ କରିବା ନିମନ୍ତେ ସେଠାରେ ଅତିରିକ୍ତ/ଛାଡି ଦିଆଯାଇଥିବା ସୂଚନାଗୁଡିକ ମଧ୍ୟ ସଂଗ୍ରହ କରାଯିବ । ନିୟମ ଅନୁଯାୟୀ ଚିଠା ବିବରଣୀ ଦାଖଲ କରିବା ପରେ ଜନଶୁଣାଣିର ଆୟୋଜନ କରାଯିବ ।

**ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମର ମୁଖ୍ୟ ବିଶେଷତା**

**୧. ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଭୂମି ଅଧିଗ୍ରହଣ:** ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଭୂମି ଅଧିଗ୍ରହଣ କରାଯାଇପାରେ ଅର୍ଥାତ ; ପ୍ରତିରକ୍ଷା ଓ ଜାତୀୟ ସୁରକ୍ଷା, ରେଳବାଇ, ସରକାର ଏବଂ ଘରୋଇ ଉଦ୍ୟମରେ ପ୍ରତିଷ୍ଠିତ ବନ୍ଦର; ଗ୍ରାମ କିମ୍ବା ସହରାଞ୍ଚଳରେ ଗରିବ କିମ୍ବା ଭୂମିହୀନମାନଙ୍କ ଉଦ୍ଦେଶ୍ୟରେ ଯୋଜନାବଦ୍ଧ ଭାବରେ ବାସଗୃହ ନିର୍ମାଣ କିମ୍ବା ଉନ୍ନୟନ, ସରକାରଙ୍କ ଦ୍ୱାରା ପରିଚାଳିତ କୌଣସି ଯୋଜନା କିମ୍ବା ସଂସ୍ଥା ଇତ୍ୟାଦି । କେତେକ ଘଟଣାରେ ଯଥା ବେସରକାରୀ ପ୍ରକଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯାଉଥିଲେ ସମସ୍ତ ପ୍ରଭାବିତ ଲୋକ ମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକ ପ୍ରକଳ୍ପ ନିମନ୍ତେ ତାଙ୍କ ଜମି ପ୍ରଦାନ କରିବାକୁ ସମ୍ମତି ପ୍ରଦାନ କରିବା ଆବଶ୍ୟକ ।

**୨. ଭୂମି ଅଧିଗ୍ରହଣ ପ୍ରକ୍ରିୟା :**ଅଧିନିୟମ ଅନୁଯାୟୀ ଗ୍ରାମାଞ୍ଚଳରେ ଗ୍ରାମସଭା କିମ୍ବା ସହରାଞ୍ଚଳରେ ସମକକ୍ଷ କୌଣସି ସଂସ୍ଥା ସହ ବିଚାରବିମର୍ଶ ମାଧ୍ୟମରେ ସରକାର ଗୋଟିଏ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବେ । ଭୂମି ଅଧିଗ୍ରହଣ ନିମନ୍ତେ ସାମାଜିକ ଆକଳନ ଅଧ୍ୟୟନର ୧୨ ମାସ ପୂର୍ବରୁ ଭୂମି ଅଧିଗ୍ରହଣ ସମ୍ବନ୍ଧରେ ସୂଚନା ପ୍ରଦାନକରି ଗୋଟିଏ ପ୍ରାରମ୍ଭିକ ବିଜ୍ଞପ୍ତି ଜାରି କରିବାକୁ ପଡିବ । ଏହାପରେ. ସରକାର ଅଧିଗ୍ରହଣ କରାଯାଉଥିବା ଜମିର ପରିମାଣ ନିର୍ଦ୍ଧାରଣ କରିବା ନିମନ୍ତେ ଗୋଟିଏ ସର୍ବେକ୍ଷଣର ଆୟୋଜନ କରିବେ । ଯଦି ସରକାର ସନ୍ତୁଷ୍ଟ ହେଲେ ଯେ, ସାର୍ବଜନୀନ ଉଦ୍ଦେଶ୍ୟରେ ଗୋଟିଏ ବିଶେଷ ଜମିର ଅଧିଗ୍ରହଣ କରାଯିବାର ଆବଶ୍ୟକତା ଅଛି, ତେବେ ଭୂମି ହାସଲ କରିବା ନିମନ୍ତେ ଘୋଷଣା କରିବେ । ଅନୁଗୁଳ ଜିଲ୍ଲାର ବଣ୍ଡଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ

ରାସ୍ତା ନିର୍ମାଣ ପାଇଁ ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବୈଧ ବିଜ୍ଞପ୍ତି ସଂଖ୍ୟା- ଆର୍ ଡି ଏମ୍ – ଏଲ୍ ଏ ସି – ଏ ଏନ ଜି – ୦୦୦୧ -୨୦୨୨- ୧୬୪୦୦ ଆର୍ ଏବଂ ଡି ଏମ୍ ତା - ୨୦.୦୫.୨୦୨୨(ପରିଶିଷ୍ଟ - କ ରେ ସଂଲଗ୍ନ) ରେ ପ୍ରକାଶ କରିଥିଲେ ।

**୩. କ୍ଷତିପୂରଣ:** ଭୂମି ଅଧିଗ୍ରହଣ ନିମନ୍ତେ କ୍ଷତିପୂରଣ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଏ ଏବଂ ଅଧିଗ୍ରହଣର ଘୋଷଣା ପ୍ରକାଶନ ତାରିଖର ଦୁଇ ବର୍ଷ ମଧ୍ୟରେ ତାଙ୍କ ଦ୍ୱାରା ଜମି ମାଲିକଙ୍କୁ ପ୍ରଦାନ କରାଯାଏ । କ୍ଷତିପୂରଣ ନିର୍ଦ୍ଧାରଣ ପ୍ରକ୍ରିୟା ଅଧିଗ୍ରହଣ କରଯାଉଥିବା ଜମିର ବଜାରମୂଲ୍ୟ ଆଧାରରେ କରାଯାଏ ଯଥା, (୧) ଯେଉଁଠାରେ ଜମି ଅବସ୍ଥିତ ସେଠାରେ ବିକ୍ରି କବଲା କିମ୍ବା ବିକ୍ରୀ ଉଦ୍ଦେଶ୍ୟରେ କରାଯାଇଥିବା ବୁଝାମଣା ପତ୍ର ଆଦି ଯେ, କୌଣସି ଉଦ୍ଦେଶ୍ୟରେ ପଞ୍ଜିକରଣ ନିମନ୍ତେ ୧୮୯୯ (୧୮୯୯ର ୨) ମୁତାବକ ଷ୍ଟାମ୍ପ ଆକ୍ଟରେ ଯଦି କୌଣସି ମୂଲ୍ୟ ଲିପିବଦ୍ଧ କରାଯାଇଥିବ; କିମ୍ବା (୨) ନିକଟବର୍ତ୍ତୀ ଗ୍ରାମ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ଥିବା ସମାନ ପ୍ରକାର ଜମିର ହାରାହାରି ବିକ୍ରୟ ମୂଲ୍ୟ ; କିମ୍ବା (୩) ଘରୋଇ କମ୍ପାନୀର ଭୂମି ଅଧିଗ୍ରହଣ ମାମଲାରେ କିମ୍ବା ସାର୍ବଜନୀନ ଓ ସରକାରଙ୍କ ଅଂଶିଦାର ପ୍ରକଳ୍ପର ଭୂମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଭାଗ ୨ର ଅନୁଭାଗ ୨ ଅନୁଯାୟୀ ଯେଉଁ କ୍ଷେତ୍ରରେ ଅଧିକ ମୂଲ୍ୟ ନିର୍ଦ୍ଧାରିତ ହୋଇଥିବ ସେହି ଅନୁସାରେ ସ୍ୱିକୃତ ପରିମାଣର କ୍ଷତିପୂରଣ ପ୍ରଦାନ କରାଯିବ । ଧାରା ୧୧ ଅନ୍ତର୍ଗତ ବିଜ୍ଞପ୍ତି ଅନୁଯାୟୀ ବିଜ୍ଞାପନ ଜାରି କରାଯାଇଥିବା ତାରିଖକୁ ଜମିର ବଜାର ମୂଲ୍ୟର ତାରିଖ ବୋଲି ଧରାଯିବ ।

ଧାରା (୨) ଅନୁଯାୟୀ ହାରାହାରି ବିକ୍ରୟ ମୂଲ୍ୟ କହିଲେ, ଯେଉଁଠାରେ ଜମି ଅଧିଗ୍ରହଣ କରାଯାଉଛି ସେହି ଗ୍ରାମରେ କିମ୍ବା ଆଖପାଖରେ ଥିବା କୌଣସି ଗ୍ରାମରେ ସେହି ସମାନ ପ୍ରକାରର ଜମିର ବିକ୍ରୟ କବଲାରେ କିମ୍ବା ବିକ୍ରୟ ନିମନ୍ତେ କରାଯାଇଥିବା କୌଣସି ବୁଝାମଣା ପତ୍ରରେ ଉଲ୍ଲେଖ କରା ଯାଇଥିବା ମୂଲ୍ୟ ଅନୁଯାୟୀ ହାରାହାରି ବିକ୍ରୟ ମୂଲ୍ୟ ସ୍ଥିର କରାଯିବ ।

## ଜମି ମାଲିକମାନଙ୍କ ନିମନ୍ତେ କ୍ଷତିପୂରଣ

ପ୍ରଥମ କାର୍ଯ୍ୟସୂଚୀ ଅନୁଯାୟୀ [ବିଭାଗ ୩୦ (୨) ଦ୍ରଷ୍ଟବ୍ୟ] ନିମ୍ନଲିଖିତ ଉପାଦାନଗୁଡ଼ିକ ସର୍ବନିମ୍ନ କ୍ଷତିପୂରଣ ପ୍ୟାକେଜ୍ ଗଠନ କରିବେ ଯେଉଁମାନଙ୍କର ଜମି ଅଧିଗ୍ରହଣ ହେବ ଏବଂ ବୈଧ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଅନୁପାତରେ ଧାରା ୩ ର ଧାରା (ଗ) ରେ ଦର୍ଶାଯାଇଥିବା ପରି ଜମିମାଲିକମାନଙ୍କୁ ଦିଆଯିବ ।

**ସାରଣୀ – ୧.୪ ଜମି ମାଲିକମାନଙ୍କ ନିମନ୍ତେ କ୍ଷତିପୂରଣ**

| କ୍ରଂ ସଂ | ଅଧିଗ୍ରହଣ ହୋଇଥିବା ଜମି ଉପରେ ଅଧିନିୟମ ଅନୁଯାୟୀ କ୍ଷତିପୂରଣ ପ୍ୟାକେଜ୍ ର ଉପାଦାନ | ମୂଲ୍ୟ ନିର୍ଣ୍ଣୟ କରିବାର ଶୈଳୀ |
|---|---|---|
| ୧. | ଜମିର ବଜାର ମୂଲ୍ୟ | ଧାରା ୨୯ ଅନୁଯାୟୀ ପ୍ରଦାନ କରାଯାଇଥିବା ପରି ନିର୍ଣ୍ଣୟ କରାଯିବା ‌| |
| ୨. | ଗ୍ରାମାଞ୍ଚଳଗୁଡିକରେ ବଜାର ମୂଲ୍ୟକୁ ବହୁଗୁଣିତ କରାଯିବା କାରକ | ସହରାଞ୍ଚଳରୁ ପ୍ରକଳ୍ପର ଦୂରତା ଉପରେ ଆଧାର କରି (୧.୦୦ ରୁ ୨.୦୦ ) ଯେପରି ସରକାର ସୁକିତ କରିପାରନ୍ତି। |
| ୩. | ସହରାଞ୍ଚଳଗୁଡିକରେ ବଜାର ମୂଲ୍ୟକୁ ବହୁଗୁଣିତ କରାଯିବା କାରକ | ୧ (ଏକ) |

| | | |
|---|---|---|
| ୪. | ଜମି କିମ୍ବା ଘର ସହିତ ସଂଲଗ୍ନ ସମ୍ପତ୍ତିର ମୂଲ୍ୟ | ଧାରା ୨୯ ଅନୁଯାୟୀ ପ୍ରଦାନ କରାଯାଇଥିବା ପରି ନିର୍ଣ୍ଣୟ କରାଯିବା \| |
| ୫. | ଅନୁକମ୍ପା ରାଶି | ଶତ ପ୍ରତିଶତ । କ୍ରମିକ ସଂଖ୍ୟା ୧ ଅନୁଯାୟୀ ଆକଳନ କରାଯାଇଥିବା ଜମିର ବଜାର ମୂଲ୍ୟ ସହିତ ଗ୍ରାମାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୨ କିମ୍ବା ସହରାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୩ ରେ ଉଲ୍ଲେଖ କରାଯାଇଥିବା ନିର୍ଦ୍ଦିଷ୍ଟ କାରକ ଦ୍ୱାରା ଗୁଣନ କରାଯିବା ପରେ କ୍ରମିକ ସଂଖ୍ୟା ୪ ରେ ଉଲ୍ଲେଖ କରଯାଇଥିବା ଅନୁଯାୟୀ ଜମି ସହିତ ସଂଲଗ୍ନ ସମ୍ପତ୍ତିର ମୂଲ୍ୟ ଏଥି ସହ ମିଶାଯିବ । ଏ ସମସ୍ତ ମୂଲ୍ୟ ର ଶତ ପ୍ରତିଶତ ଅନୁକମ୍ପା ରାଶି ଆକାରରେ ପ୍ରଦାନ କରାଯିବ । |
| ୬. | ଗ୍ରାମାଞ୍ଚଳ ନିମନ୍ତେ ପ୍ରଦାନ କରାଯାଉଥିବା ସମୁଦାୟ ରାଶି | କ୍ରମିକ ସଂଖ୍ୟା ୧ ରେ ଆକଳନ ମତେ ଉଲ୍ଲେଖ କରାଯାଇଥିବା ଜମିର ବଜାର ମୂଲ୍ୟ ଗ୍ରାମାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୨ କିମ୍ବା ସହରାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୩ ସହିତ ନିର୍ଦ୍ଦିଷ୍ଟ କାରକ ଦ୍ୱାରା ଗୁଣିତ ହେବାପରେ ଏବଂ ଜମି ସହିତ ସଂଲଗ୍ନ ସମ୍ପତ୍ତି ଯେପରିକି ଜମି ଓ କୋଠାର ମୂଲ୍ୟ ମିଶ୍ରଣ କରିବାପରେ ଅନୁକମ୍ପା ରାଶି ଏହାର ଶତପ୍ରତିଶତ ସହିତ ସମାନ ହେବ । |
| ୭. | ସହରାଞ୍ଚଳ ନିମନ୍ତେ ପ୍ରଦାନ କରାଯାଉଥିବା ସମୁଦାୟ ରାଶି | କ୍ରମିକ ସଂଖ୍ୟା ୧ ରେ ଉଲ୍ଲେଖ କରାଯାଇଥିବା ମତେ ଆକଳନ କରାଯାଇଥିବା ଜମିର ବଜାର ମୂଲ୍ୟ କ୍ରମିକ ସଂଖ୍ୟା ୩ ସହିତ ନିର୍ଦ୍ଦିଷ୍ଟ କାରକ ଦ୍ୱାରା ଗୁଣିତ ହୋଇଛି କିମ୍ବା ସ୍ତମ୍ଭ ୨ ଅନ୍ତର୍ଗତ କ୍ରମିକ ସଂଖ୍ୟା ୪ ରେ ଉଲ୍ଲେଖ କରାଯାଇଥିବା ଜମି ସହିତ ସଂଲଗ୍ନ ସମ୍ପତ୍ତି ଏବଂ ଘରବାଡି ମୂଲ୍ୟ ସମ୍ପତ୍ତିର ମୂଲ୍ୟ ସହିତ ଗୁଣିତ ହୋଇଛି । କ୍ରମିକ ସଂଖ୍ୟା ୫ ରେ ଉଲ୍ଲେଖ କରାଯାଇଥିବା ଅନୁକମ୍ପା ରାଶି ଏଥିରେ ମିଶାଯିବା ପରେ ପ୍ରଦାନ ହେବାକୁ ଥିବା ସମୁଦାୟ ରାଶି ନିର୍ଦ୍ଧାରଣ କରାଯିବ । |
| ୮. | ଅନ୍ୟାନ୍ୟ ଉପାଦାନ ଯଦି କିଛି ଥାଏ ଏଥିସହିତ ସାମିଲ କରାଯିବ | |

## ୨.୧୨. ବିବରଣୀର ବିଷୟ ବସ୍ତୁ

ସାମାଜିକ ପ୍ରଭାବ ଆକଳନ ବିବରଣୀ ଆଠଟି ଅଧ୍ୟାୟକୁ ନେଇ ଗଠିତ | ପ୍ରଥମ ଅଧ୍ୟାୟ କାର୍ଯ୍ୟନିର୍ବାହୀ ସାରାଂଶ ବିଷୟବସ୍ତୁ ବିବରଣୀର ର ସାରାଂଶ | ପ୍ରକଳ୍ପର ବିସ୍ତୃତ ବର୍ଣ୍ଣନା, ବିକାଶକାରୀଙ୍କ ପୃଷ୍ଠଭୂମି ଏବଂ ପରିଚାଳନା, ପ୍ରକଳ୍ପ ଉଦ୍ଦେଶ୍ୟ, ପ୍ରକଳ୍ପ ଆକାର, ଅବସ୍ଥାନ, ସାମର୍ଥ୍ୟ, ଫଳାଫଳ, ଉତ୍ପାଦନ ଲକ୍ଷ୍ୟ, ମୂଲ୍ୟ, ବିପଦ, ବିକଳ୍ପ ପରୀକ୍ଷା, ପ୍ରଯୁଜ୍ୟ ସହିତ ପ୍ରକଳ୍ପର ପୃଷ୍ଠଭୂମି | ପ୍ରଚଳିତ ଆଇନ ଏବଂ ନୀତି ଉପରେ ଦ୍ୱିତୀୟ ଅଧ୍ୟାୟରେ ଆଲୋଚନା କରାଯାଇଛି | ଦଳ ରଚନା, ଆଭିମୁଖ୍ୟ, କୌଶଳ, ପଦ୍ଧତି, ପ୍ରକ୍ରିୟା, ଅଧ୍ୟୟନର ସୀମାବଦ୍ଧତା ଏବଂ ଏସ ଆଇ ଏ ର କାର୍ଯ୍ୟସୂଚୀ ତୃତୀୟ ଅଧ୍ୟାୟରେ ଉପସ୍ଥାପିତ ହୋଇଛି । ଚତୁର୍ଥ ଅଧ୍ୟାୟରେ ଜମି ମୂଲ୍ୟାଙ୍କନର ଏକ ବିସ୍ତୃତ ଚିତ୍ର ପ୍ରଦାନ କରାଯାଇଛି । ପ୍ରଭାବିତ ପରିବାର ଏବଂ ସମ୍ପତ୍ତିର ଆକଳନ ଏବଂ ଗଣନା ପଞ୍ଚମ ଅଧ୍ୟାୟରେ ଆଲୋଚନା କରାଯାଇଛି | ସାମାଜିକ ଅର୍ଥନୈତିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର ଷଷ୍ଠ ଅଧ୍ୟାୟ ରେ ପ୍ରଦାନ କରାଯାଇଛି | ସାମାଜିକ ପ୍ରଭାବ, ଏବଂ ପ୍ରଭାବ ଚିହ୍ନଟ ସପ୍ତମ ଅଧ୍ୟାୟ ଦିଆଯାଇଛି। ଖର୍ଚ୍ଚ ଏବଂ ଲାଭ ବିଶ୍ଳେଷଣ ଏବଂ ଅଧିଗ୍ରହଣ ଉପରେ ସୁପାରିଶ ଅଷ୍ଟମ ଅଧ୍ୟାୟରେ ଆଲୋଚନା କରାଯାଇଛି |

# ତୃତୀୟ ଅଧ୍ୟାୟ

# ଦଳ ଗଠନ, କାର୍ଯ୍ୟପ୍ରଣାଳୀ, ପଦ୍ଧତି ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସମୟ ସାରଣୀ

## ୩.୧. ଉପକ୍ରମ

ରାଜ୍ୟ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ୟୁନିଟ୍, ଏନସିଡିଏସ୍, ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ୬.୨୫୫୪ ଏକରର ଘରୋଇ ଜମି ଅଧିଗ୍ରହଣ ପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତପତ୍ର (ToR) ସହିତ ସମ୍ପୃକ୍ତ ଜିଲ୍ଲା କଲେକ୍ଟରଙ୍କ ପ୍ରସ୍ତାବ ପାଇବା ପରେ ***ଐରା, ଢେଙ୍କାନାଳ***କୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦାୟିତ୍ୱ ପ୍ରଦାନ କରିଛି | ପ୍ରଭାବିତ ଗ୍ରାମଗୁଡିକର ଜମି ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ପରେ, ***ଐରା, ଢେଙ୍କାନାଳ*** ଅଧ୍ୟୟନ ଦଳ ଚିହ୍ନଟ କାର୍ଯ୍ୟକଳାପ ଠାରୁ ଅଧ୍ୟୟନ ପ୍ରକ୍ରିୟା ଆରମ୍ଭ କରିଥିଲେ ଏବଂ ଅଧ୍ୟୟନର ଉଦ୍ଦେଶ୍ୟ ତଥା ତଥ୍ୟ ସଂଗ୍ରହର କୌଶଳ ବିଷୟରେ ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଖାତା ନମ୍ବର ଏବଂ ଜମିମାଲିକଙ୍କ ଅନୁଯାୟୀ ପରିବାରଗୁଡିକ ଚିହ୍ନଟ କରିବାକୁ ଏହି ଦଳକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ତଥ୍ୟ ସଂଗ୍ରହ କରାଯାଇ ସମ୍ପୃକ୍ତ ଗ୍ରାମରେ କେନ୍ଦ୍ରୀଭୂତ ଦଳଗତ ଆଲୋଚନା କରାଯାଇଥିଲା। PRA କୌଶଳ ମାଧ୍ୟମରେ ସାମାଜିକ ଏବଂ ସମ୍ବଳ ମାନଚିତ୍ର ପ୍ରସ୍ତୁତ କରଯାଇଥିଲା । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଆରମ୍ଭ କରିବା ପୂର୍ବରୁ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ବିଜ୍ଞପ୍ତି ପ୍ରକାଶ ପାଇଛି, ଓଡ଼ିଶା ସରକାର ବିଜ୍ଞପ୍ତି ସଂଖ୍ୟା ଆର୍ ଡି ଏମ୍ – ଏଲ୍ ଏ ସି – ଏଏନଜି – ୦୦୦୧ -୨୦୨୨- ୧୬୪୦୦ ଆର୍ ଏବଂ ଡି ଏମ୍ ତା - ୨୦.୦୫.୨୦୨୨ (ଅନୁସୂଚି -୧) ଦ୍ରଷ୍ଟବ୍ୟ | ***ଐରା, ଢେଙ୍କାନାଳର*** ଅଧ୍ୟୟନ ଦଳର ସଦସ୍ୟମାନେ ସ୍ଥାନ ଯାଞ୍ଚ କରିବା ଏବଂ ପ୍ରଭାବିତ ଅଞ୍ଚଳ ଚିହ୍ନଟ କରିବା ପାଇଁ ରାସ୍ତା ଓ କୋଠା ବିଭାଜନ, ଅନୁଗୁଳ ର ସମ୍ପୃକ୍ତ ଅଧିକାରୀଙ୍କ ସହ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କରିଥିଲେ ।***ଐରା, ଢେଙ୍କାନାଳ***ର ଅନୁସନ୍ଧାନକାରୀ ଦଳ ଚିହ୍ନଟ କରିବା ପରେ ପ୍ରକଳ୍ପ ଅଞ୍ଚଳରେ ଗ୍ରାମବାସୀଙ୍କ ସମେତ ବିଭିନ୍ନ ହିତାଧିକାରୀଙ୍କ ସହ ଏକ ପରାମର୍ଶ ବୈଠକ ଆୟୋଜନ କରିଥିଲେ ଏବଂ ଲୋକଙ୍କ ଭୟ, ପ୍ରକଳ୍ପ ବିଷୟରେ ସଚେତନତାର ସ୍ତର ଏବଂ ପ୍ରକଳ୍ପରେ ରହୁଥିବା ଲୋକଙ୍କ ଉପରେ ଏହାର ସାମ୍ଭାବ୍ୟ ପ୍ରଭାବ ବିଷୟରେ ପଚାରି ବୁଝିଥିଲେ।

## ୩.୨. ଅଧ୍ୟୟନ ଦଳର ତାଲିକା ସମେତ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା

***ଐରା, ଢେଙ୍କାନାଳ*** ର ଦଳମୁଖ୍ୟ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ପଣ୍ଡା ଙ୍କ ନେତୃତ୍ୱରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଅଧ୍ୟୟନ କାର୍ଯ୍ୟ ସମ୍ପନ୍ନ କରିବାକୁ, ନିର୍ଦ୍ଦେଶକଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇ ଏକ ତିନି ଜଣ ସଦସ୍ୟ ବିଶିଷ୍ଟ ଏକ ଉତ୍ସର୍ଗୀକୃତ ଦଳ ଗଠନ କରାଯାଇଥିଲା । ଅଧ୍ୟୟନକାରୀ ଦଳ ରିପୋର୍ଟ ଲେଖିବା ଉଦ୍ଦେଶ୍ୟରେ ପୂର୍ବରୁ ପ୍ରସ୍ତୁତ ସାକ୍ଷାତକାର ଅନୁସୂଚୀ, ହିତାଧିକାରୀଙ୍କ ପରାମର୍ଶ, ଜନଗଣନା ପଦ୍ଧତିରେ ପ୍ରଭାବିତ ପରିବାରଗୁଡିକର ସର୍ଭେ, କେନ୍ଦ୍ରୀଭୂତ ଦଳଗତ ଆଲୋଚନା (FGD), ସାମାଜିକ ଏବଂ ସମ୍ବଳ ମାନଚିତ୍ର ପ୍ରସ୍ତୁତି, ସମଭାବାପନ୍ନ ସମ୍ପୃକ୍ତ ସରକାରୀ ବିଭାଗମାନଙ୍କରୁ ପରୋକ୍ଷ ତଥ୍ୟ ସଂଗ୍ରହ, ପରିବାର ସର୍ବେକ୍ଷଣ ଅନୁସୂଚୀ, ତଥ୍ୟ ଗୁଡିକର ସାରଣୀ ପ୍ରସ୍ତୁତ ଏବଂ ବିଶ୍ଳେଷଣ କରାଯାଇଥିଲା ।କ୍ଷେତ୍ର ଅଧ୍ୟୟନ ଏବଂ ସାରଣୀ ପ୍ରସ୍ତୁତ ହେବା ପରେ, କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ ଅଧ୍ୟୟନ ଦଳର

ସଦସ୍ୟଙ୍କଠାରୁ ପ୍ରାପ୍ତ ସୂଚନାକୁ ବିଚାରକୁ ନେଇ ଦଳ ଦ୍ୱାରା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରସ୍ତୁତ କାର୍ଯ୍ୟ କରାଯାଇଥିଲା ।

**ସାରଣୀ : ୩.୧ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳର ପାର୍ଶ୍ୱଚିତ୍ର**

| କ୍ର ସଂ | ନାମ | ପ୍ରକଳ୍ପରେ ପଦବୀ | ଶିକ୍ଷାଗତ ଯୋଗ୍ୟତା | କାର୍ଯ୍ୟକ୍ଷେତ୍ରରେ ଅଭିଜ୍ଞତା | ଦାୟିତ୍ୱ |
|---|---|---|---|---|---|
| ୧ | ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ପଣ୍ଡା | ଦଳ ମୁଖ୍ୟ | ଏମ ଏସ ଡବ୍ଲ୍ୟୁ | ପ୍ରକଳ୍ପ ପ୍ରସ୍ତୁତି ସାମାଜିକ ଅନୁସନ୍ଧାନ ଓ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ, ରିପୋର୍ଟ ଲେଖିବା ସମ୍ପର୍କରେ ୨୩ ବର୍ଷର ଅଭିଜ୍ଞତା, | ସାମଗ୍ରିକ ଦାୟିତ୍ୱ, ଅଧ୍ୟୟନ ଏବଂ ରିପୋର୍ଟର ଚୂଡ଼ାନ୍ତକରଣ ପାଇଁ ମାର୍ଗଦର୍ଶନ |
| ୨ | ଶ୍ରୀଯୁକ୍ତ ରମାକାନ୍ତ ମିଶ୍ର | ଫିଲ୍ଡ ଇନଭେଷ୍ଟିଗେଟର | ଇତିହାସରେ ସ୍ନାତକ | ଗ୍ରାମୀଣ ବିକାଶ, ପ୍ରାଥମିକ ତଥ୍ୟ ସଂଗ୍ରହ ରେ ୧୮ ବର୍ଷର ଅଭିଜ୍ଞତା | ଗ୍ରାମ ଗୋଷ୍ଠୀ ସହ ସମ୍ପର୍କ ସ୍ଥାପନ ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ |
| ୩ | ସୁଶ୍ରୀ ମମତା ପାଢୀ | କମ୍ପ୍ୟୁଟର ଅପରେଟର | ସ୍ନାତକ ଏବଂ କମ୍ପ୍ୟୁଟର ପ୍ରୟୋଗରେ ଡିପ୍ଲୋମା | ଡାଟା ଏଣ୍ଟ୍ରି ଏବଂ କମ୍ପ୍ୟୁଟର କାର୍ଯ୍ୟରେ ୧୨ ବର୍ଷର ଅଭିଜ୍ଞତା | ଡାଟା ଏଣ୍ଟ୍ରି ଏବଂ ଟ୍ୟାବୁଲେସନ୍ |

## ୩.୩. ଆକଳନ ର ପରିସର

୧. ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରିବାକୁ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ, ଯାଞ୍ଚ, ବିଶ୍ଳେଷଣ, ବିସ୍ତୃତ ଭାବରେ ଅଞ୍ଚଳ ପରିଦର୍ଶନ କାର୍ଯ୍ୟ ଆରମ୍ଭ ତଥା ସାମାଜିକ ମାନଚିତ୍ର, କେନ୍ଦ୍ରୀଭୂତ ଦଳଗତ ଆଲୋଚନା(FGDs), ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତି ଏବଂ ପରିବାର ସ୍ତରରେ ପ୍ରସ୍ତୁତ ସାକ୍ଷାତକାର ଅନୁସୂଚୀ ମାଧମରେ ସୂଚନାଦାତାମାନଙ୍କସହ ସାକ୍ଷାତକାର କରାଯାଇଛି ।

୨. ପ୍ରଭାବିତ ଗ୍ରାମ ପଞ୍ଚାୟତ ଓ ନଗରପାଳିକାର ଅଧିକୃତ ପଦାଧିକାରୀମାନଙ୍କୁ କାର୍ଯ୍ୟରେ ସଂଶ୍ଳିଷ୍ଟକରି ତଥା ସେମାନଙ୍କ ପରାମର୍ଶ ଗ୍ରହଣକରି ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରାଯାଇଛି ।

୩. ସମସ୍ତ ପ୍ରାସଙ୍ଗିକ ଜମି ଦସ୍ତାବିଜ୍ ଓ ଅଞ୍ଚଳର ତଥ୍ୟ ସଂଗ୍ରହ କରି ଏହାର ବିସ୍ତୃତ ବିଶ୍ଳେଷଣ ଜରିଆରେ ସମ୍ପୂର୍ଣ୍ଣ ଏକ ଆକଳନ ପ୍ରସ୍ତୁତ କରିବା, ପ୍ରକଳ୍ପ ଅଞ୍ଚଳର ଯାଞ୍ଚ, ସମୀକ୍ଷା ଓ ଏହି ପ୍ରକାରର ଅନ୍ୟାନ୍ୟ ପ୍ରକଳ୍ପ ସହ ତୁଳନା ଆଦି କାର୍ଯ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥା ଦ୍ୱାରା କରାଯାଇଛି । ନିମ୍ନଲିଖିତ କାର୍ଯ୍ୟଗୁଡିକ ଆକଳନର ପରିସରଭୁକ୍ତ ହୋଇଅଛି ।

- ପ୍ରସ୍ତାବିତ ପ୍ରକଳ୍ପରେ ପ୍ରଭାବିତ ଅଞ୍ଚଳ ଚିହ୍ନଟ, ଅଧିଗ୍ରହଣ କରାଯିବାକୁ ଥିବା ଜମି ଏବଂ ପ୍ରକଳ୍ପର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପରିବେଷୀୟ ତଥା ଅନ୍ୟାନ୍ୟ ପ୍ରଭାବ ।
- ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ଜମିର ପରିମାଣ ଓ ଅବସ୍ଥିତି ଏବଂ ଏହା ପ୍ରକଳ୍ପ ପାଇଁ ସର୍ବନିମ୍ନ ନିହାତି ଆବଶ୍ୟକ କି ନୁହେଁ ତଥା ପ୍ରକଳ୍ପଲାଗି ଅନ୍ୟ କୌଣସି ବିକଳ୍ପ ସ୍ଥାନ ଅଛିକି ନାହିଁ ତାର ସାମ୍ଭାବ୍ୟତା ପରିକ୍ଷା କରିବା,

- ଅଧିଗ୍ରହଣ କରାଯାଉଥିବା ଜମି ଅନୁସୂଚିତ ଅଞ୍ଚଳରେ ଅବସ୍ଥିତ କି ନୁହେଁ ଏବଂ ଏହା ସ୍ୱଷ୍ଟ ଭାବରେ ଶେଷ ଉପାୟ କି ନୁହେଁ,
- କିଛି ଜମି ଯଦି ପୂର୍ବରୁ କ୍ରୟ, ହସ୍ତାନ୍ତର, ପଟ୍ଟା କିମ୍ବା ଅଧିଗ୍ରହଣ କରାଯାଇଥାଏ ଏବଂ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଥିବା ପ୍ରତ୍ୟେକ ପ୍ଲଟର ଉପଯୋଗର ଉଦ୍ଦେଶ୍ୟ,
- କୌଣସି ସାର୍ବଜନିକ, ଅବ୍ୟବହୃତ ଜମି ବ୍ୟବହାରର ସୁଯୋଗ କିମ୍ବା ଏପରି କୌଣସି ଜମି କାହା ଦଖଲରେ ଅଛି କି,
- ଜମିର ପ୍ରକାର ବର୍ତ୍ତମାନର ବ୍ୟବହାର, ଜମିର ବର୍ଗୀକରଣ ଏବଂ ଯଦି ଜମି ଚାଷ ଜମି ହୋଇଥାଏ, ତେବେ ଏହାର ଜଳସେଚନ ବ୍ୟାପ୍ତି ଏବଂ ଏହାର ଫସଲ ଧାରଣ ପ୍ରଣାଳୀ,
- ପ୍ରଭାବିତ ପରିବାରର ଖାଦ୍ୟ ନିରାପତ୍ତା ଉପରେ ଜମିର ପ୍ରଭାବ,
- ଜମିଜୋତର ଆକାର, ଜମି ମାଲିକାନାର ଢାଞ୍ଚା, ଜମି ବଣ୍ଟନ, ବାସଗୃହର ସଂଖ୍ୟା ଏବଂ ସାର୍ବଜନୀନ ଏବଂ ବେସରକାରୀ ସୁବିଧା ସୁଯୋଗ ଓ ସମ୍ପତ୍ତି; ଏବଂ
- ଜମିର ମୂଲ୍ୟ ଏବଂ ନିକଟରେ ହୋଇଥିବା ଜମିମାଲିକାନାରେ କୌଣସି ପରିବର୍ତ୍ତନ, ବିଗତ ତିନି ବର୍ଷ ମଧ୍ୟରେ ଜମି ହସ୍ତାନ୍ତର ଏବଂ ଜମିର ବ୍ୟବହାର,

୪. ଜମି ଆକଳନ, ଜମି ଦସ୍ତାବିଜ୍ ଆଧାରରେ ପ୍ରଭାବିତ ଏବଂ ବିସ୍ଥାପିତ ପରିବାରର ସଠିକ ଗଣନା କରିବା ଏବଂ ସମସ୍ତ ପ୍ରଭାବିତ ପରିବାରଗୁଡିକର ଜନଗଣନା ବିଧି ଅନୁଯାୟୀ ଅଞ୍ଚଳ ଅନୁଧ୍ୟାନ ,

୫. ପ୍ରଭାବିତ ଅଞ୍ଚଳର ସାମାଜିକ- ଅର୍ଥନୈତିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର ପ୍ରସ୍ତୁତି,

୬. ପ୍ରଭାବିତ ଅଞ୍ଚଳରୁ ସଂଗୃହିତ ତଥ୍ୟ ଏବଂ ହିତାଧିକାରୀମାନଙ୍କ ସହ ବିଚାରବିମର୍ଷ ଆଧାରରେ, ସାମାଜିକ ପ୍ରଭାବ ଆକଳନ ଦଳ/ଅନୁଷ୍ଠାନ ଖର୍ଚ୍ଚ ଲାଭ ବିଶ୍ଳେଷଣ ପଦ୍ଧତି ଅବଲମ୍ବନକରି ପ୍ରକଳ୍ପର ସକାରାତ୍ମକ ଓ ନକରାତ୍ମକ ପ୍ରଭାବର ସ୍ୱରୁପ, ବିସ୍ତାର ଏବଂ ପ୍ରଗାଢତା ଚିହ୍ନଟ ଓ ଆକଳନ କରିବେ ।

୭. ସାମାଜିକ ପ୍ରଭାବ ଆକଳନ ସମୟରେ ଚିହ୍ନଟ କରାଯାଇଥିବା ବିଭିନ୍ନ ନକରାତ୍ମକ ପ୍ରଭାବକୁ ସମ୍ବୋଧିତ କରି ସୁଧାରାତ୍ମକ ବିଭିନ୍ନ ଉପାୟ ସମ୍ମିଳିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବା ।

୮. ସାମାଜିକ ପ୍ରଭାବ ଆକଳନ (SIA), ପ୍ରକଳ୍ପରେ ହେବାକୁଥିବା ସାମାଜିକ ମୂଲ୍ୟ ବଦଳରେ ମିଳିବାକୁ ଥିବା ଲାଭ ବାବଦରେ ବିଶ୍ଳେଷଣ ଏବଂ ଜମି ହରାଇଥିବାରୁ ଏବଂ ବିସ୍ଥାପିତ ହୋଇଥିବାରୁ ପରିବାରର ଦାରିଦ୍ର୍ୟତାର ବିପଦର ସମ୍ଭାବନା ଏବଂ ବିସ୍ଥାପିତ ଓ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ପରିବାରର ପୁନର୍ବାସ ଓ ଥଇଥାନ ନିମନ୍ତେ ପ୍ରଶମନ ଯୋଜନା ଆଦି ପ୍ରଦାନ କରିବ ।

୯. ସାମାଜିକ ପ୍ରଭାବ ଆକଳନ (SIA) ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର (SIMP) ଚିଠା ବିବରଣୀ ସ୍ଥାନୀୟ ଭାଷା (ଓଡିଆ) ରେ ପ୍ରସ୍ତୁତକରି ସମସ୍ତ ପ୍ରଭାବିତ ଗ୍ରାମ ଓ ଗ୍ରାମ ପଞ୍ଚାୟତ ଅଫିସରେ ଅନ୍ତତଃ ପକ୍ଷେ ଜନଶୁଣାଣୀର ୨ ସପ୍ତାହ ପୂର୍ବରୁ ଦେବାକୁ ପଡିବ ।

୧୦. ସାମାଜିକ ପ୍ରଭାବ ଆକଳନ (SIA)ରୁ ମିଳିଥିବା ନିଷ୍କର୍ଷକୁ ପ୍ରଭାବିତ ଅଞ୍ଚଳରେ ସ୍ଥାନୀୟ ଭାଷାରେ ପ୍ରସାରିତ କରି ନିଷ୍କର୍ଷ ଉପରେ ପ୍ରତିକ୍ରିୟା, ଅତିରିକ୍ତ ତଥ୍ୟ ଏବଂ ମତାମତ ସଂଗ୍ରହକରି ଏହାକୁ ଅନ୍ତିମ ବିବରଣୀରେ ସଂଲଗ୍ନ କରିବାକୁ ସ୍ଥାନିୟ ପ୍ରଶାସନ ଏବଂ ଜମି ଆବଶ୍ୟକ କରୁଥିବା ସଂସ୍ଥା ଜରିଆରେ ଜନଶୁଣାଣୀର ଆୟୋଜନ କରାଯିବ ।

୧୧. ଜନଶୁଣାଣୀର ଭିଡିଓ ରେକର୍ଡିଙ୍ଗ ଏବଂ ଲିପିବଦ୍ଧ କରାଯିବ । ତଦନୁଯାୟୀ ସେମାନଙ୍କର ସଂଶୋଧିତ ବିଶ୍ଳେଷଣ ସାମାଜିକ ପ୍ରଭାବ ଆକଳନ (SIA) ବିବରଣୀ ସହ ଏହାକୁ ଦାଖଲ କରାଯିବ ।

## ୩.୪. ଆକଳନ ଅଧ୍ୟୟନର ଉଦ୍ଦେଶ୍ୟ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା ;

୧. ପ୍ରଭାବିତ ଗ୍ରାମଗୁଡିକରେ ପ୍ରସ୍ତାବିତ ଜମି ଅଧିଗ୍ରହଣ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକରିବ କି ନାହି ତାହା ଆକଳନ କରିବା ।

୨. ପ୍ରଭାବିତ ପରିବାର ସଂଖ୍ୟା, ପରିବାରର ପ୍ରକୃତ ଜମିଧାରଣ ପରିମାଣ ଆଧାରରେ କ୍ଷତିର ଭୟାବହତା ଏବଂ ଜମି ଅଧିଗ୍ରହଣ ହେତୁ କେତେ ପରିବାର ଶାରୀରିକ ବା ବୃତ୍ତିଗତ ଭାବେ ବାସଚ୍ୟୁତ ହେବେ ତାହାର ଆକଳନ କରିବ ।

୩. ଜମି ଅଧିଗ୍ରହଣ ହେତୁ କ୍ଷତି ହେବାକୁ ଯାଉଥିବା ବ୍ୟକ୍ତିଗତ ବା ସାର୍ବଜନିକ ଜମି, ଘରବାଡି ବା ବସ୍ତି ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତ୍ତିର ପରିମାଣ ନିର୍ଦ୍ଧାରଣ ।

୪. ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ପାଇଁ ଅଧିଗ୍ରହଣ କରାଯାଉଥିବା ଜମି ପ୍ରକଳ୍ପ ସ୍ଥାପନ ପାଇଁ ନିହାତି ଆବଶ୍ୟକ କି ନୁହେଁ ତାହା ପରୀକ୍ଷା କରିବା ।

୫. ପ୍ରକଳ୍ପ ନିମନ୍ତେ ଅନ୍ୟ ଏକ ବିକଳ୍ପ ସ୍ଥାନ ଯେଉଁଠାରେ ବହୁତ କମ୍ ପରିମାଣର ବିସ୍ଥାପନ ହେବ ତାହା ବିଚାରକୁ ନିଆ ଯାଇଥିଲା କିନ୍ତୁ ଯେହେତୁ ସେହି ସ୍ଥାନ ପ୍ରକଳ୍ପ ସ୍ଥାପନ ନିମନ୍ତେ ଉପଯୁକ୍ତ ହେବ ନାହିଁ ତେଣୁ ତାହାକୁ ଗ୍ରହଣ କରାଗଲା ନାହିଁ ତାହାର ଯାଞ୍ଚ କରିବା ।

୬. ପ୍ରତ୍ୟକ୍ଷ ଭାବରେ ଜମି ହରାଇଥିବା ପରିବାର ସହିତ ସର୍ବସାଧାରଣ ଜମି, ସାମାଜିକ-ଅର୍ଥନୈତିକ ଢାଞ୍ଚା ଇତ୍ୟାଦି ଅଧିଗ୍ରହଣ ହେତୁ ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡିକ ଉପରେ ପ୍ରକଳ୍ପ ହେତୁ ପଡୁଥିବା ସାମାଜିକ ପ୍ରଭାବ ଆକଳନ କରିବା ଏବଂ ଏ ସମସ୍ତ ଖର୍ଚ୍ଚ ସହିତ ପ୍ରକଳ୍ପର ସମୁଦାୟ ଖର୍ଚ୍ଚ ତୁଳନାରେ ପ୍ରକଳ୍ପର ଲାଭ ସମ୍ବନ୍ଧରେ ଅଧ୍ୟୟନ କରିବା ।

୭. ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ବା ପ୍ରଶମନ ଯୋଜନା ପ୍ରସ୍ତୁତ କରି ତାହା ମାଧ୍ୟମରେ ଉପଯୁକ୍ତ ନୀତି ଓ ଯୋଜନା ପ୍ରଣୟନକରି ବିଭିନ୍ନ ଉପଚାରାତ୍ମକ ହସ୍ତକ୍ଷେପ ଉପାୟ ସମ୍ବନ୍ଧରେ ପରାମର୍ଶ ଦେବା ।

## ୩.୫. ପ୍ରକଳ୍ପ ପାଇଁ ସୂଚନା ସଂଗ୍ରହ ପାଇଁ ବ୍ୟବହୃତ ପଦ୍ଧତି ଏବଂ କୌଶଳଗୁଡ଼ିକ ପାଇଁ ବର୍ଣ୍ଣନା ଏବଂ ଯୁକ୍ତିଯୁକ୍ତତା

### ୩.୫.୧. ବର୍ଣ୍ଣନା ଏବଂ ବ୍ୟବହୃତ କାର୍ଯ୍ୟପ୍ରଣାଳୀର ପ୍ରଯୁଜ୍ୟତା

ବର୍ତ୍ତମାନର ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ବ୍ୟବହୃତ କାର୍ଯ୍ୟପ୍ରଣାଳୀ ଉପରବର୍ଣ୍ଣିତ ଉଦ୍ଦେଶ୍ୟ ଓ ସୁଯୋଗ ଉପରେ ଆଧାରକରି ପ୍ରସ୍ତୁତ କରାଯାଇଛି । ତଦନୁଯାୟୀ, ଏହି କାର୍ଯ୍ୟ ଉଭୟ ପରୋକ୍ଷ ତଥ୍ୟ ଓ ଘରକୁ ଘର ବୁଲି ସଂଗୃହିତ ତଥ୍ୟ ଏବଂ ଗୋଷ୍ଠି ସ୍ତରରେ ଏକାଠି କରାଯାଇଥିବା ପ୍ରାଥମିକ ତଥ୍ୟ ଉପରେ ଆଧାରିତ । ପ୍ରାଥମିକ ସ୍ତରର ସୂଚନା ଓ ତଥ୍ୟ ସଂଗ୍ରହ ନିମନ୍ତେ ସଂରଚିତ ପ୍ରଶ୍ନାବଳୀ ବ୍ୟବହାର କରାଯାଇଥିଲା । ପ୍ରଭାବିତ ଅଞ୍ଚଳରୁ ସଂଗୃହିତ ପ୍ରାଥମିକ ତଥ୍ୟର ନିଷ୍କର୍ଷକୁ ଜମି ଦସ୍ତାବିଜ୍ ଏବଂ ଅନ୍ୟାନ୍ୟ ସରକାରୀ ଦସ୍ତାବିଜ ସହାୟତାରେ ଅତି ସାବଧାନତାର ସହିତ ଯାଞ୍ଚ କରାଯାଇଥିଲା ।

### ୩.୫.୨.ସାମାଜିକ ଆକଳନ ଅଧ୍ୟୟନ କାର୍ଯ୍ୟପନ୍ଥା ଓ ପ୍ରଣାଳୀ :

ଅଧ୍ୟୟନର ଆବଶ୍ୟକତା ଅନୁଯାୟୀ ଅନୁଗୁଳ ଜିଲ୍ଲାର ବଣ୍ଟାରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକୁ ଏହି ଅଧ୍ୟୟନରେ ସାମିଲ କରାଯାଇଛି । ଅଧ୍ୟୟନର ଆବଶ୍ୟକତା ଅନୁଯାୟୀ ପରିମାଣାତ୍ମକ ଏବଂ ଗୁଣାତ୍ମକ ତଥ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ଗ୍ରାମର ସମସ୍ତ ପ୍ରଭାବିତ ପରିବାରକୁ ବିଚାରକୁ ନିଆଯାଇଥିଲା । ଗ୍ରାମର ସମସ୍ତ ପରିବାରକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ସେଗୁଡିକ ହେଲା ପ୍ରତ୍ୟକ୍ଷ ପ୍ରଭାବିତ ପରିବାର ଓ ପରୋକ୍ଷ ପ୍ରଭାବିତ ପରିବାର ।

ଅନୁଗୁଳ ଜିଲ୍ଲାର ବଣ୍ଟାରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଆବଶ୍ୟକ ସାମାଜିକ ଆକଳନ ଅଧ୍ୟୟନ କରିବା ନିମନ୍ତେ ଜିଲ୍ଲାପାଳଙ୍କ ଠାରୁ ପ୍ରସ୍ତାବ ଓ ଅଧ୍ୟୟନ ପ୍ରକ୍ରିୟାରେ କଣ କାର୍ଯ୍ୟ କରାଯିବ ତାହାର ସୂଚୀ ସହିତ କାର୍ଯ୍ୟ କରିବାର ସର୍ତ୍ତାବଳି (ToR) ପାଇବାପରେ ରାଜ୍ୟ ସାମାଜିକ ଆକଳନ ଅଧ୍ୟୟନର ମୁଖ୍ୟ ସଂସ୍ଥା "ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର" (NCDS) ଭୁବନେଶ୍ୱର, ସାମାଜିକ ଆକଳନ ଅଧ୍ୟୟନ କରିବା ନିମନ୍ତେ ***ଐରା, ଢେଙ୍କାନାଳ***କୁ ଦାୟୀତ୍ୱ ପ୍ରଦାନ କରିଥିଲେ । ପ୍ରଭାବିତ ଗ୍ରାମଗୁଡିକର ଜମି ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ପରେ ***ଐରା, ଢେଙ୍କାନାଳ*** କ୍ଷେତ୍ର ଅନୁସନ୍ଧାନକାରୀ ଓ ସୁପରଭାଇଜରମାନଙ୍କୁ ନିଯୁକ୍ତି ପ୍ରଦାନକରି ଅଧ୍ୟୟନର ଉଦ୍ଦେଶ୍ୟ ଓ ତଥ୍ୟ ସଂଗ୍ରହର କୌଶଳ ସମ୍ବନ୍ଧରେ ତାଲିମ ଦେଇ କାର୍ଯ୍ୟ ଆରମ୍ଭ କରିଥିଲେ । କ୍ଷେତ୍ର ଅନୁସନ୍ଧାନକାରୀମାନଙ୍କୁ ଖାତା ଓ ପ୍ଲଟ୍ ନମ୍ବରରେ ଉଲ୍ଲେଖ ମୁତାବକ ଜମି ମାଲିକମାନଙ୍କୁ ଚିହ୍ନଟକରିବା ଦାୟୀତ୍ୱପ୍ରଦାନ କରାଯାଇଥିଲା । ତଥ୍ୟ ସଂଗ୍ରହକାରୀ ମାନଙ୍କୁ ତଥ୍ୟ ସଂଗ୍ରହ କାର୍ଯ୍ୟ ତଦାରଖ ତଥା ଗ୍ରାମରେ କେନ୍ଦ୍ରୀଭୂତ ଦଳଗତ ଆଲୋଚନା କରିବାକୁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା । ସହଭାଗୀ ଗ୍ରାମ୍ୟ ଅବଧାରଣା (ପି ଆର୍ ଏ) କୌଶଳ ମାଧ୍ୟମରେ ସାମାଜିକ ଓ ସମ୍ବଳ ମାନଚିତ୍ର ପ୍ରସ୍ତୁତ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟ ଦଳମୁଖ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା । ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବା ପୂର୍ବରୁ, ରାଜ୍ୟର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଓଡିଶା ସରକାରଙ୍କ ରାଜ ସୂଚନାପତ୍ର (Odisha Government Gazette)ରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଓଡିଶା ସରକାରଙ୍କ ବିଜ୍ଞପ୍ତି ନମ୍ବର ଆର୍ ଡି ଏମ୍ – ଏଲ୍ ଏ ସି – ଏ ଏନ ଜି – ୦୦୦୧ -୨୦୨୨- ୧୬୪୦୦ ଆର୍ ଏବଂ ଡି ଏମ୍ ତା - ୨୦.୦୫.୨୦୨୨ ପ୍ରକାଶିତ ହୋଇଥିଲା । ପ୍ରକଳ୍ପ ଅଞ୍ଚଳକୁ ଚିହ୍ନଟ ତଥା ଯାଞ୍ଚ କରିବାପାଇଁ ***ଐରା, ଢେଙ୍କାନାଳ*** ସଂସ୍ଥାର ଅଧ୍ୟୟନ ଦଳର ସଦସ୍ୟମାନେ ସଂଶ୍ଳିଷ୍ଟ ଅଧିକାରୀମାନଙ୍କ ସହ

ପ୍ରକଳ୍ପ ଅଞ୍ଚଳ ଗସ୍ତ କରିଥିଲେ । ପ୍ରଭାବିତ ଅଞ୍ଚଳକୁ ଚିହ୍ନଟ କରିବା ପରେ ***ଐରା, ଢେଙ୍କାନାଳ ସଂସ୍ଥାର*** ଅନୁସନ୍ଧାନକାରୀ ଦଳର ସଦସ୍ୟମାନେ ବିଚାର ଆଲୋଚନା ନିମନ୍ତେ ଗ୍ରାମବାସୀମାନଙ୍କ ସମେତ ପ୍ରକଳ୍ପର ବିଭିନ୍ନ ଅଂଶୀଦାରମାନଙ୍କ ସହିତ ପ୍ରକଳ୍ପ ଅଞ୍ଚଳରେ ଅନେକ ଗୁଡିଏ ବୈଠକର ଆୟୋଜନ କରିଥିଲେ ଏବଂ ପ୍ରକଳ୍ପ ସମ୍ବନ୍ଧରେ ଲୋକମାନଙ୍କ ଧାରଣା ସଚେତନତାର ସ୍ତର ଏବଂ ପ୍ରକଳ୍ପ ଅଞ୍ଚଳରେ ପଡିବାକୁ ଥିବା ପ୍ରଭାବ ବାବଦରେ ଆଲୋଚନା କରିଥିଲେ । ପ୍ରକଳ୍ପର ଅବସ୍ଥିତି ସମ୍ପର୍କିତ ସୂଚନା ଏବଂ ସର୍ବେକ୍ଷଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

## ୩.୫.୩. ପ୍ରକଳ୍ପ ନିମନ୍ତେ ତଥ୍ୟ ସଂଗ୍ରହ ନିମନ୍ତେ ବ୍ୟବହୃତ କୌଶଳ

ଏହି ଅନୁସନ୍ଧାନଟି ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ତଥ୍ୟ ଆଧାରରେ ଯଥା ପରିବାରର ସର୍ବେକ୍ଷଣ, ବାରମ୍ବାର କ୍ଷେତ୍ର ପରିଦର୍ଶନ ସହ ଦଳଗତ ଆଲୋଚନା, ସହଭାଗିତା ମାଧ୍ୟମରେ ସାମାଜିକ ମାନଚିତ୍ର ପ୍ରସ୍ତୁତ, ସହଭାଗି ଗ୍ରାମ୍ୟ ଅବଧାରଣା ପ୍ରଣାଳୀ ଅବଲମ୍ବନ ଏବଂ ମୁଖ୍ୟ ସୂଚନା ପ୍ରଦାନକାରୀମାନଙ୍କ ସହ ପୂର୍ବପ୍ରସ୍ତୁତ ସାକ୍ଷାତକାର ଫର୍ମପୂରଣ  ସହ ଘରକୁ ଘର ବୁଲି ନିର୍ଦ୍ଧାରିତ ଫର୍ମରେ ତଥ୍ୟ ସଂଗ୍ରହ । ଅଧ୍ୟୟନ ପ୍ରଣାଳୀରେ ନିମ୍ନଲିଖିତ ଅନୁସନ୍ଧାନ ପଦ୍ଧତି ଅବଲମ୍ବନ କରାଯାଇଛି ।

### ୩.୫.୩.୧ ପରୋକ୍ଷ ଭାବରେ ସଂଗୃହୀତ ତଥ୍ୟଗୁଡିକର ସମୀକ୍ଷା

ଅଧ୍ୟୟନର ଏକ ଅଙ୍ଗ ଭାବରେ, ପ୍ରକାଶିତ ଏବଂ ଅପ୍ରକାଶିତ ଅନେକ ଦସ୍ତାବିଜର ସମୀକ୍ଷା, ବିଭିନ୍ନ ଉନ୍ନୟନ ଯୋଜନା ଓ ମାନଚିତ୍ର, ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିସ୍ଥାପନ ଓ ପୁନର୍ବାସ ନୀତିନିୟମ, LARR Act-୨୦୧୩ ଏବଂ ଓଡିଶା ସରକାରଙ୍କ ଉପଯୁକ୍ତ କ୍ଷତିପୂରଣ  ଓ ଜମି ଅଧିଗ୍ରହଣ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ ୨୦୧୬, ଏଥି ସମ୍ବନ୍ଧୀତ ପ୍ରକାଶିତ ଅନୁସନ୍ଧାନ ପ୍ରବନ୍ଧର ସମୀକ୍ଷା କରାଯାଇଥିଲା । ଯେଉଁ ଉତ୍ସରୁ ପରୋକ୍ଷ ତଥ୍ୟ ସଂଗ୍ରହ କରାଯାଇଛି ସେଗୁଡିକ ହେଲା (୧) ପ୍ରକଳ୍ପ ଏବଂ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳ ସମ୍ବନ୍ଧରେ ବିବରଣୀ (୨) ଜନଗଣନା ରିପୋର୍ଟ (୩) ଓଡିଶା ସରକାରଙ୍କ ଦଲିଲ। ପରୋକ୍ଷ ତଥ୍ୟ ଗୁଡିକ ଏକତ୍ର କରିବା ନିମନ୍ତେ ଜମିର ଅନୁସୂଚୀ, ପ୍ରଭାବିତ ପଡ଼ା ବା ଗ୍ରାମର ଜନସଂଖ୍ୟା, ପ୍ରକଳ୍ପ ଅଞ୍ଚଳର ମାନଚିତ୍ର ଓ ପ୍ରକଳ୍ପର ବିସ୍ତୃତ ବିବରଣୀ, ଅଧିନିୟମ ଓ ନିୟମର ଦଲିଲ ମାନଙ୍କୁ, ନୀତି ନିର୍ଦ୍ଦେଶିକା, ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା ଏବଂ ଅନ୍ୟାନ୍ୟ ବିବରଣୀ ଗୁଡିକୁ ଉତ୍ସ ଭାବରେ ଗ୍ରହଣ କରାଯାଇଛି।

## ୩.୫.୪ ବ୍ୟବହୃତ ନମୁନାପ୍ରସ୍ତୁତି ପଦ୍ଧତି

ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଅନୁଗୁଳ, ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ୬.୨୫୫୪ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦେଇଥିଲେ। ଜମି ଆବଶ୍ୟକ କରୁଥିବା ସଂସ୍ଥା ପ୍ରଦାନ କରିଥିବା ଆର ଓ ଆର ଅନୁଯାୟୀ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ହେତୁ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ୨୪ ଟି ଖାତାର ୩୭ ଟି  ପ୍ଲଟର ୮୨ ଜଣ ଆର ଓ ଆର ଧାରକ ପ୍ରସ୍ତାବିତ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବ, କିନ୍ତୁ ସର୍ବେକ୍ଷଣ ସମୟରେ ଏହା ଜଣାପଡିଥିଲା ଯେ ୧୪ ଟି ଘରର ନାମ ପୁନରାବୃତ୍ତି ହୋଇଛି ଏବଂ ୮ ଟି ଘର ଉପଲବ୍ଧ ହେଲେ ନାହିଁ/ ଅନ୍ୟତ୍ର ବସବାସ କରୁଛନ୍ତି | ଅବଶିଷ୍ଟ ୬୦ଟି ପରିବାରର ବଂଶାବଳି ବିଶ୍ଳେଷଣ ସମୟରେ ଆଉ ୬୫ ଟି ବିସ୍ତାରିତ ପରିବାର ଚିହ୍ନଟ କରାଯାଇଥିଲା | ଶେଷରେ, ଉଦ୍ଦେଶ୍ୟ ପାଇଁ, ୧୨୫ ଟି  ପ୍ରଭାବିତ ପରିବାରକୁ ସର୍ଭେକାର୍ଯ୍ୟ ରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ପ୍ରସ୍ତାବିତ ପ୍ରକଳ୍ପର ତୁଳନାତ୍ମକ ପ୍ରଭାବ

ଆକଳନ କରିବା ପାଇଁ, ଗ୍ରାମରୁ ୧୦ଟି ଅଣ ପ୍ରଭାବିତ ପରିବାର ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା। ହାରାହାରି ଏବଂ ଶତକଡା ପରି ସରଳ ଏବଂ ପ୍ରାସଙ୍ଗିକ ପରିସଂଖ୍ୟାନ ପ୍ରଣାଳୀ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ କରାଯାଇଥିଲା |

**ସାରଣୀ ୩.୨ - ସର୍ବେକ୍ଷଣ କରାଯାଇଥିବା ପରିବାର ସଂଖ୍ୟା**

| କ୍ର.ନଂ | ଗ୍ରାମ/ୱାର୍ଡ଼ | ଆର୍ ଓ ଆର୍ (ପଟ୍ଟା) ମାଲିକାନା ଅନୁଯାୟୀ | ପୁନରାବୃତ୍ତି ହୋଇଥିବା ପରିବାର ସଂଖ୍ୟା | ଉପଲବ୍ଧ ହୋଇନଥିବା / ଅନ୍ୟତ୍ର ବସବାସ କରୁଥିବା ପରିବାର ସଂଖ୍ୟା | ଅବଶିଷ୍ଟ | ସମ୍ପ୍ରସାରିତ ପରିବାର ସଂଖ୍ୟା | ସମୁଦାୟ ସର୍ବେକ୍ଷଣ ପରିବାର ସଂଖ୍ୟା | ସର୍ବେକ୍ଷଣ ହୋଇଥିବା ଅଣପ୍ରଭାବିତ ପରିବାର ସଂଖ୍ୟା |
|---|---|---|---|---|---|---|---|---|
| ୧ | ମଝିକା | ୮୨ | ୧୪ | ୮ | ୬୦ | ୬୫ | ୧୨୫ | ୧୦ |
| | **ମୋଟ** | **୮୨** | **୧୪** | **୮** | **୬୦** | **୬୫** | **୧୨୫** | **୧୦** |

*ଉତ୍ସ-ପ୍ରାଥମିକ ପରିବାର ସର୍ବେକ୍ଷଣ*

ଯେତେବେଳେ ଲୋକମାନଙ୍କ ପ୍ରକୃତ ଜୀବିକା ପ୍ରଭାବିତ ହୁଏ, ସେତେବେଳେ ସାମାଜିକ ପ୍ରଭାବ ଆକଳନ ଏବଂ ପୁନର୍ବାସ କାର୍ଯ୍ୟ ଯୋଜନାର ଆବଶ୍ୟକ ହୁଏ । ପୁନର୍ବାସ କାର୍ଯ୍ୟର ଯୋଜନା ନିଶ୍ଚିତ କରିବା ଦରକାର ଯେ, ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରଙ୍କ ଜୀବିକା ପ୍ରକଳ୍ପ ଆରମ୍ଭ ପୂର୍ବରୁ ଯେପରି ସ୍ଥିତିରେ ଥିଲା ସେପରିସ୍ଥିତିକୁ ଯେପରି ଫେରି ଆସିପାରିବ । ଗୋଟିଏ ପ୍ରଭାବୀ ସାମାଜିକ ପ୍ରଭାବ ଆକଳନ ଏବଂ ପୁନର୍ବାସ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ସମୟରେ ନିମ୍ନଲିଖିତ ପଦକ୍ଷେପ ଗୁଡିକୁ ପାଳନ କରିବା ଆବଶ୍ୟକ ।

- ପ୍ରକଳ୍ପର ସାମାଜିକ-ଅର୍ଥନୈତିକ ପ୍ରଭାବ ଗୁଡିକର ଚିହ୍ନଟ,
- ସାଧାରଣ ଲୋକମାନଙ୍କ ସହ ବିଚାର ବିମର୍ଶ,
- ଭୂମି ଅଧିଗ୍ରହଣ ଓ କ୍ଷତିପୂରଣ  ଆଇନ ପ୍ରକ୍ରିୟା,
- ପ୍ରାପ୍ୟ ସମ୍ପର୍କିତ ନୀତି ନିୟମ ଓ ଛାଞ୍ଚ,

ସାମାଜିକ ପ୍ରଭାବ ଆକଳନ ଯେଉଁଥିରେ କି ପୁନର୍ବାସ କାର୍ଯ୍ୟ ଯୋଜନା ସଂଶ୍ଳିଷ୍ଟ ତାହା ଓଡିଶା ସରକାରଙ୍କ ଉପଯୁକ୍ତ କ୍ଷତିପୂରଣ  ଓ ଜମି ଅଧିଗ୍ରହଣ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ ୨୦୧୩ (ରୁଲ୍ – ୨୦୧୬), (Right to Fair Compensation and Transparency in Land Acquisition, Rehabilitation and Resettlement (RTFCTLARR) Act ୨୦୧୩ (Rule ୨୦୧୬)) ଅନୁଯାୟୀ ପ୍ରସ୍ତୁତ କରାଯାଇଛି ।

## ୩.୫.୫ ବ୍ୟବହୃତ ସୂଚନା କିମ୍ବା ତଥ୍ୟର ଉତ୍ସର ସମୀକ୍ଷା (ବିସ୍ତୃତ ରେଫରେନ୍ସ ଫର୍ମରେ ପୃଥକ ଭାବରେ ଅନ୍ତର୍ଭୂକ୍ତ କରାଯିବା ଆବଶ୍ୟକ)

ଯେଉଁ ଉତ୍ସରୁ ପରୋକ୍ଷ ତଥ୍ୟ ଉପଲବ୍ଧ ହୋଇଥିଲା ତାହା ହେଉଛି (କ) ପ୍ରକଳ୍ପ ଏବଂ ଏହା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ବିଷୟରେ ବିବରଣୀ (ଖ) ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା (ଗ) ଜିଲ୍ଲା ଜନଗଣନା ରିପୋର୍ଟ ଏବଂ (ଘ) ଓଡିଶା ସରକାରଙ୍କ ରେକର୍ଡ। (ଙ) ORSAC ର ମାନଚିତ୍ର । ଜମିଜମା ସମ୍ପର୍କିତ କାଗଜପତ୍ର, ପ୍ରଭାବିତ ଗ୍ରାମଗୁଡିକର ଜନସଂଖ୍ୟା, ପ୍ରକଳ୍ପ କ୍ଷେତ୍ରର ମାନଚିତ୍ର ଏବଂ ପ୍ରକଳ୍ପ ବିବରଣୀ, କାର୍ଯ୍ୟ ଏବଂ ନିୟମର ରେକର୍ଡ, ନୀତି ନିର୍ଦ୍ଦେଶାବଳୀ, ଜିଲ୍ଲା ପରିସଂଖ୍ୟାନ ହ୍ୟାଣ୍ଡବୁକ୍ ଏବଂ ଅନ୍ୟାନ୍ୟ ରିପୋର୍ଟଗୁଡିକ ଆବଶ୍ୟକୀୟ ଦଳୀୟ ତଥ୍ୟ ସଂଗ୍ରହ ପାଇଁ ବ୍ୟବହୃତ ମୁଖ୍ୟ ଦଲିଲ ଅଟେ |

## ୩.୫.୬ ଜନ ପ୍ରତିନିଧୀ ଏବଂ ପ୍ରମୁଖ ଅଂଶୀଦାରମାନଙ୍କ ସହିତ ପରାମର୍ଶର କାର୍ଯ୍ୟସୂଚୀ

ସହଭାଗୀ ଗ୍ରାମୀଣ ମୂଲ୍ୟାୟନ (PRA) କୌଶଳଗୁଡିକର ସମୂହ ଯାହା ଉତ୍ତରଦାତାମାନଙ୍କୁ, ଏହି ଅଧ୍ୟୟନରେ ପ୍ରଭାବିତ ଲୋକମାନଙ୍କୁ, କାର୍ଯ୍ୟକ୍ରମରେ ଭାଗ ନେବାପାଇଁ ଉତ୍ସାହିତ କରିବାକୁ ପ୍ରସ୍ତୁତ କରାଯାଇଛି । ଏହାର ଉଦ୍ଦେଶ୍ୟ,ରଚନାତ୍ମକ ଓ ପାରସ୍ପରିକ କୌଶଳ ବ୍ୟବହାରକରି ଏହାର ମାଧ୍ୟମରେ ଭାଗନେଇଥିବା ବ୍ୟକ୍ତିମାନଙ୍କୁ ସାମାଜିକ ସ୍ୱରୂପ, ସମ୍ବଳ ବିନିଯୋଗ ପ୍ରଣାଳୀ, ମିଳୁଥିବା ଓ ବ୍ୟବହାର କରାଯାଇପାରୁଥିବା ବିଭିନ୍ନ ସାମାଜିକ ଢାଞ୍ଚା ଇତ୍ୟାଦି ସମ୍ବନ୍ଧରେ ଆବଶ୍ୟକୀୟ ତଥ୍ୟ ଓ ସୂଚନା ଦେବା ପାଇଁ ସକ୍ଷମ କରିପାରିବ । ସହଭାଗୀ ଗ୍ରାମୀଣ ମୂଲ୍ୟାୟନର (PRA) ଅନେକ ଗୁଡିଏ କୌଶଳ ମଧ୍ୟରୁ, ବିଶେଷ ଭାବରେ ସାମାଜିକ ମାନଚିତ୍ର ଏବଂ ସମ୍ବଳ ମାନଚିତ୍ର ଉପରେ ଧ୍ୟାନ ଦିଆଯାଇଥିଲା । ସହଭାଗୀ ଗ୍ରାମୀଣ ମୂଲ୍ୟାୟନର (PRA) କାର୍ଯ୍ୟକ୍ରମରେ ବ୍ୟବହାର କରାଯାଉଥିବା ମାନଚିତ୍ର ପ୍ରସ୍ତୁତି କୌଶଳ ମୂଲ୍ୟାୟନକର୍ତ୍ତାଙ୍କୁ କେବଳ ଯେ, ଗ୍ରାମଗୋଷ୍ଠୀର ଭୌତିକ ଲକ୍ଷଣ ବାବଦରେ ସୂଚନା ପ୍ରଦାନ କରେ ତାହା ନୁହେଁ, ବରଂ ଏହା ଗୋଷ୍ଠୀର ସାମାଜିକ ଅର୍ଥନୈତିକ ଅବସ୍ଥା ସମ୍ପର୍କରେ ଅଧିକ ଅବଗତ କରାଇବା ସହିତ ଭାଗନେଇଥିବା ବ୍ୟକ୍ତି ତାଙ୍କ ସମାଜକୁ କିପରି ଅନୁଭବ କରନ୍ତି ତାହାମଧ୍ୟ ସୂଚାଇଥାଏ । ସାଧାରଣତଃ ଏହି ମାନଚିତ୍ର କିଛି ଗ୍ରାମବାସୀଙ୍କ ଦ୍ୱାରା ବଡ଼ ଖଣ୍ଡେ କାଗଜରେ ଅଙ୍କନ କରାଯାଇଥିଲା । ଚୂଡାନ୍ତ ମାନଚିତ୍ର PRA କାର୍ଯ୍ୟକ୍ରମ କରୁଥିବା ଦଳର ସଦସ୍ୟମାନେ ଭବିଷ୍ୟତରେ ଉପସ୍ଥାପନ ନିମନ୍ତେ ଲିପିବଦ୍ଧକରି ନେଇଥିଲେ ।

### ୩.୫.୬.୧ କେନ୍ଦ୍ରୀଭୂତ ଦଳଗତ ଆଲୋଚନା (FGDs)

ଗୋଟିଏ କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ, ସମାନ ପୃଷ୍ଠଭୂମି ବା ଅଭିଜ୍ଞତାର ଲୋକମାନେ ଗୋଟିଏ ଜାଗାରେ ଏକାଠି ହୋଇ ଅନୁସନ୍ଧାନକାରୀମାନଙ୍କ ସ୍ୱାର୍ଥ ସମ୍ବନ୍ଧୀୟ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା କରନ୍ତି । କେନ୍ଦ୍ରୀଭୂତ ଦଳଗତ ଆଲୋଚନାର ଉଦ୍ଦେଶ୍ୟ, ସ୍ୱାର୍ଥ ସମ୍ବନ୍ଧୀୟ ବିଷୟ ଉପରେ ଲୋକମାନଙ୍କ ମତାମତ/ବିଚାରର ଗୋଟିଏ ଶୃଙ୍ଖଳ ଅନ୍ୱେଷଣ କରିବା, ଏହି ଘଟଣାରେ, ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସର୍ବେକ୍ଷଣରୁ ମିଳିଥିବା ଅଧିକ ଆବଶ୍ୟକୀୟ ତଥ୍ୟକୁ ଯୋଡିବା ।

ଏହି ଅଧ୍ୟୟନରେ ଗ୍ରାମବାସୀମାନଙ୍କ ଜୀବନ ଓ ଜୀବିକା ସମ୍ବନ୍ଧୀତ ବିଭିନ୍ନ ଦିଗ ତଥା ଜିବନଧାରଣ ମାନର ଉନ୍ନତି ପାଇଁ ସେମାନଙ୍କ ସମୂହ ମତାମତ ଓ ସୁପାରିଶ ଜାଣିବାକୁ ସହଭାଗୀ ଗ୍ରାମୀଣ ମୂଲ୍ୟାୟନ ବ୍ୟତୀତ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଗ୍ରାମବାସୀମାନଙ୍କ ସହ ବିଶେଷତଃ ପ୍ରଭାବିତ ପରିବାରଗୁଡିକ ସହ କରାଯାଇଥିଲା । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସଞ୍ଚାଳନରେ ସହାୟତା ଦେବା ପାଇଁ ବିଭିନ୍ନ ସମସ୍ୟାଗୁଡିକର ଗୋଟିଏ ଚିହ୍ନସୂଚୀ ପ୍ରସ୍ତୁତ କରାଯାଇଥିଲା , ଯେଉଁଗୁଡିକ ନିମ୍ନରେ ଦିଆଯାଇଛି :

- ପ୍ରଭାବିତ ପରିବାରଗୁଡିକୁ ବିଭିନ୍ନ ସାମାଜିକ ବର୍ଗ ଅନୁଯାୟୀ ଚିହ୍ନଟକରି ବର୍ଗୀକରଣ
- ନିଯୁକ୍ତି ଓ ଜୀବିକାର ମୁଖ୍ୟ ସ୍ରୋତ
- କୃଷିର ସ୍ଥିତି
- ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଇତ୍ୟାଦିର ସ୍ଥିତି

- ଢାଞ୍ଚାଗତ ସୁବିଧା ସୁଯୋଗ ଯଥା ଗମନା ଗମନ, ବିଦ୍ୟୁତ ଏବଂ ଅନ୍ୟାନ୍ୟ ସାର୍ବଜନିକ ଉପଯୋଗିତା
- ଅଭିଯୋଗ ଶୁଣିବାପାଇଁ କୌଣସି ବ୍ୟବସ୍ଥା
- ଗ୍ରାମର ସମସ୍ୟା ସମାଧାନ କରିବା ପାଇଁ ଯଦି କୌଣସି କୌଶଳ ବା ଉପାୟ ଥାଏ
- ଆଶା, ମତାମତ ଇତ୍ୟାଦି

କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସଞ୍ଚାଳନ ସମୟରେ ଯେଉଁ ମତାମତ ଓ ପ୍ରସ୍ତାବଗୁଡିକ ବାହାରିଲା ତାହା ଅଧ୍ୟୟନର ନିଷ୍କର୍ଷକୁ ତଥ୍ୟ ସିଦ୍ଧ କରିବା ନିମନ୍ତେ ଯେଉଁଠାରେ ଆବଶ୍ୟକ ସେଠାରେ ବ୍ୟବହାର କରାଯାଇଛି ।

**୩.୫.୬.୨ ଗ୍ରାମରେ ସଭା**

ଗ୍ରାମରେ ସଭା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗ୍ରାମବାସୀମାନଙ୍କ ସହିତ ତୁରନ୍ତ ସମ୍ବନ୍ଧ ସ୍ଥାପନ କରିବା, ସେମାନଙ୍କୁ ଗ୍ରାମରେ ହେବାକୁ ଯାଉଥିବା ସାମାଜିକ- ଅର୍ଥନୈତିକ ସର୍ବେକ୍ଷଣର ଉଦ୍ଦେଶ୍ୟ ବୁଝାଇବା, ଗ୍ରାମର ବିଭିନ୍ନ ଅବସ୍ଥା ଉପରେ ବିହଙ୍ଗାବଲୋକନ କରିବା ଏବଂ ଗ୍ରାମବାସୀମାନଙ୍କ ଠାରୁ ସେମାନଙ୍କ ଜୀବନ ସମ୍ବନ୍ଧୀତ ବିଷୟରେ ନୁହେଁ ବରଂ ପ୍ରକଳ୍ପ ନିମନ୍ତେ ସେମାନଙ୍କ ଜମି ଅଧିଗ୍ରହଣ ସମ୍ବନ୍ଧରେ ସମସ୍ୟା, ଆବଶ୍ୟକତା, ମତାମତ, ବିଚାର ଏବଂ ପ୍ରସ୍ତାବ ଜାଣିବା । ଗ୍ରାମରେ ଆୟୋଜନ କରାଯାଇଥିବା ପ୍ରାରମ୍ଭିକ ସଭାରେ କେବଳ ନୁହେଁ ବରଂ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଏବଂ ସହଭାଗୀ ଗ୍ରାମୀଣ ମୂଲ୍ୟାୟନ (PRA) କୌଶଳଗୁଡିକ ମାଧ୍ୟମରେ ମଧ୍ୟ ପ୍ରତ୍ୟେକ ପ୍ରଭାବିତ ଗ୍ରାମର ପାର୍ଶ୍ୱଚିତ୍ର ସଂଗ୍ରହ କରାଯାଇଛି । ପ୍ରତ୍ୟେକ ପ୍ରଭାବିତ ଗ୍ରାମରେ ବୈଠକର ଆୟୋଜନକରି, ପ୍ରଭାବିତ ଗ୍ରାମର ସମ୍ପୂର୍ଣ୍ଣ ପାର୍ଶ୍ୱଚିତ୍ର ଗୋଟିଏ ପୂର୍ବ ପରିକ୍ଷୀତ ଓ ଉତ୍ତମ ଭାବରେ ପ୍ରସ୍ତୁତ ପ୍ରଶ୍ନାବଳୀ ଅନୁସୂଚୀ ସାହାଯ୍ୟରେ ସଂଗ୍ରହ କରାଯାଇଛି । ନିମ୍ନଲିଖିତ ବିଷୟଗୁଡିକ ଗ୍ରାମର ପାର୍ଶ୍ୱଚିତ୍ରରେ ଅନ୍ତର୍ଗତ ହୋଇଅଛି ।

- ସୁବିଧା ସୁଯୋଗ ଓ ଅନୁଷ୍ଠାନ ସମ୍ବନ୍ଧରେ ଗ୍ରାମର ପୃଷ୍ଠଭୂମି ତଥ୍ୟ ।
- ଗ୍ରାମର ପ୍ରତିଷ୍ଠା କିମ୍ବା ଐତିହାସିକ ବିଶ୍ଳେଷଣ
- ଜନସାଂଖ୍ୟିକ ପାର୍ଶ୍ୱଚିତ୍ର
- ବ୍ୟବସାୟୀକ ସ୍ଥିତି
- ଗ୍ରାମରେ ସମ୍ବଳର ପ୍ରାପ୍ତି ଯଥା:
  - ପାନୀୟ ଜଳ
  - ଜଳସେଚନ
  - ଭୂମି ଏବଂ ଅନ୍ୟାନ୍ୟ ପ୍ରାକୃତିକ ସମ୍ବଳ
- ସାମାଜିକ – ସାଂସ୍କୃତିକ ଅନୁଷ୍ଠାନ
- ଗ୍ରାମରେ ହାତକୁ ନିଆଯାଇଥିବା କୌଣସି ଉନ୍ନୟନମୂଳକ କାର୍ଯ୍ୟ :
  - ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା
  - ଯେଉଁ ପ୍ରକଳ୍ପ ନିମନ୍ତେ ଗ୍ରାମ ପ୍ରଭାବିତ ହେଉଛି ସେହି ପ୍ରକଳ୍ପର ଅଧିକାରୀଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟ
  - ବେସରକାରୀ ଅନୁଷ୍ଠାନ ଦ୍ୱାରା
  - ଲୋକଙ୍କ ନିଜ ଉଦ୍ୟମରେ

- ବିଭିନ୍ନ ସୁବିଧା ସୁଯୋଗ ଏବଂ ସହାୟକ ସେବା ସମ୍ବନ୍ଧରେ ଲୋକମାନଙ୍କ ମତାମତ ଅନୁସାରେ :
  - ସୁବିଧା ଯାହା ସେମାନେ ପାଇଛନ୍ତି
  - ସମସ୍ୟା ଯାହା ସେମାନେ ସମ୍ମୁଖୀନ ହୋଇଛନ୍ତି
  - ବିଭିନ୍ନ ସୁବିଧା ସୁଯୋଗ ଏବଂ ସହାୟକ ସେବାର ଉନ୍ନତି ସମ୍ବନ୍ଧରେ ଲୋକମାନଙ୍କ ମତାମତ
- ଗ୍ରାମବାସୀଙ୍କର ନିଜ ଅବସ୍ଥାର ଉନ୍ନତି ପାଇଁ କିଛି ନିର୍ଦ୍ଦିଷ୍ଟ ସହାୟତାର ଆବଶ୍ୟକତା

ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକରେ କରାଯାଇଥିବା ସଭାରୁ ଉପର ବର୍ଣ୍ଣିତ ତଥ୍ୟଗୁଡିକ ସଂଗ୍ରହ କରାଯାଇଥିଲା ।

### ୩.୫.୬.୩ ପ୍ରଭାବିତ ହେଉଥିବା ଏବଂ ପ୍ରଭାବିତ ହେଉନଥିବା ପରିବାର ସହ ବ୍ୟକ୍ତିଗତ ସାକ୍ଷାତକାର

ସମସ୍ତ ପ୍ରଭାବିତ ପରିବାର ଏବଂ ପ୍ରଭାବିତ ହେଉନଥିବା କିଛି ପରିବାରର ରୋଜଗାର ଓ ଖର୍ଚ୍ଚ ବିବରଣୀ ସହିତ ସମାଜିକ ଅର୍ଥନୈତିକ ଅବସ୍ଥା, ଜମି ମାଲିକାନାସ୍ୱତ୍ୱ ପ୍ରଣାଳୀ, ଅଧିଗ୍ରହଣ କରାଯାଉଥିବା ଜମିର ସମସ୍ତ ପ୍ରକାର ବିବରଣୀ, ଲୋକମାନଙ୍କ କ୍ଷତିପୂରଣ  (ଜମି କିମ୍ବା ଟଙ୍କା) ପାଇବା ଆଶା, ସାମାଜିକ ଓ ଅର୍ଥନୈତିକ ଉପକାର ଏବଂ ପରିଣାମ  ଆଦିର ସର୍ବେକ୍ଷଣ ପୂର୍ବ ପରିକ୍ଷୀତ ପ୍ରଶ୍ନାବଳୀ ଦ୍ୱାରା  କରାଯାଇଥିଲା । ସର୍ବେକ୍ଷଣ ନିମନ୍ତେ ପ୍ରଶ୍ନାବଳୀ କୁ ଅନ୍ତିମ ରୂପ ଦେବା ପୂର୍ବରୁ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ପ୍ରଶ୍ନାବଳୀ ଗୁଡିକର ଅଧିକାଂଶ ଭାଗ ସାଙ୍କେତିକ ଉତ୍ତରଯୁକ୍ତ ହୋଇଥିବାବେଳେ ଯେଉଁ ପ୍ରଶ୍ନଗୁଡିକ ରାୟ ବା ମତାମତ ସମ୍ବନ୍ଧୀୟ ସେଗୁଡିକୁ ଖୋଲା ଛଡା ଯାଇଥିଲା । (ପ୍ରଶ୍ନାବଳୀ ର ନକଲ ସଂଲଗ୍ନ ପତ୍ର ଉଲ୍ଲେଖ କରାଯାଇଛି) । ପ୍ରଶ୍ନାବଳୀ ଉପରେ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପ୍ରଭାବିତ ପରିବାର ଗୁଡିକୁ କୌଣସି ନିର୍ଦ୍ଦିଷ୍ଟ ଢାଞ୍ଚା ବା ସ୍ଥାନ ଉପରେ ଥିବା ସେମାନଙ୍କ ଅଧିକାର ସମ୍ପର୍କିତ କାଗଜପତ୍ରର ଏକକିତା ନକଲ ଦେବାକୁ କୁହା ଯାଇଥିଲା । ତେଣୁ ବିଭିନ୍ନ ନଥିପତ୍ର ଯଥା  ରାସନ୍ କାର୍ଡ଼, ଜମି ଅଧିକାର ପତ୍ର, ଭୋଟ ପରିଚୟ ପତ୍ର ଆଦି ଯାଞ୍ଚ କରାଯାଇଥିଲା । ସର୍ବେକ୍ଷଣର ଏକ ଅଂଶ ଭାବରେ ଅଧ୍ୟୟନ ଦଳର ସଭ୍ୟମାନେ ସ୍ଥାନୀୟ ସମର୍ଥକଙ୍କ ସମେତ ପଞ୍ଚାୟତରାଜ ଅନୁଷ୍ଠାନର ସଦସ୍ୟ ଜମି ହରାଉଥିବା ବ୍ୟକ୍ତି, ଜୀବିକା ହରାଉଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ତଥା ପ୍ରାଥମିକ ତଥ୍ୟ ଗୁଡିକର ସତ୍ୟାସତ୍ୟ ଯାଞ୍ଚ କରିବା ପାଇଁ, ବ୍ୟାପକ ଭାବରେ ବିଚାର ବିମର୍ଷ କରାଯାଇଥିଲା। ଏତଦବ୍ୟତୀତ, ସରକାରୀ ଅଧିକାରୀ ମାନଙ୍କ ସହ ମଧ୍ଯ ସେମାନଙ୍କ ମତାମତ ଜାଣିବା ପାଇଁ ବିଚାର ବିମର୍ଶ କରାଯାଇଥିଲା । ମୁଖ୍ୟ ଲୋକ ପ୍ରତିନିଧି ଏବଂ ସରକାରୀ ଅଧିକାରୀ ଯେଉଁମାନଙ୍କ ସହ ପ୍ରତ୍ୟହ ପରାମର୍ଶ କରାଯାଉଥିଲା ସେମାନଙ୍କ ସମ୍ପୂର୍ଣ୍ଣ ଯୋଗାଯୋଗ ବିବରଣୀ ନିମ୍ନରେ ପ୍ରଦାନ କରାଗଲା

### ୩.୫.୭ ଅନୁଷ୍ଠିତ ହେବାକୁ ଥିବା ଜନଶୁଣାଣିର ସଂକ୍ଷିପ୍ତ ବର୍ଣ୍ଣନା

ଭାରତ ସରକାରଙ୍କ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩ର ପଞ୍ଚମ ଧାରା ଅନୁସାରେ ଜନଶୁଣାଣି ସଭାର ଆୟୋଜନ କରାଯିବ ।  ଏହି ସଭାରେ ଜମି ଅଧିଗ୍ରହଣ ଜନିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ନିର୍ଯ୍ୟାସ ଉପରେ ବିସ୍ତୃତ ଆଲୋଚନା କରାଯାଇ ଉପସ୍ଥିତ ସାଧାରଣ ଜନତା ଓ ହିତାଧିକାରୀମାନଙ୍କ ମତାମତ ସଂଗ୍ରହ କରାଯିବ  । ଉକ୍ତ ସଭାରେ ମହିଳା, ଅକ୍ଷମ ଓ ଅସୁବିଧାରେ ଥିବା ଲୋକ ଏବଂ ଅସୁରକ୍ଷିତ ଲୋକମାନଙ୍କର ମତାମତକୁ ଗୁରୁତ୍ୱ ଦିଆଯାଇ ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ, ନିଯୁକ୍ତି ସୁଯୋଗ ସୃଷ୍ଟି, ଅଭିଯୋଗର ପ୍ରଶମନ, ଏବଂ ପ୍ରଶାସନର ଭୂମିକା ଇତ୍ୟାଦି ଉପରେ ଜନଶୁଣାଣି ସଭାରେ ଆଲୋଚନା କରାଯିବ । ଜନ ଶୁଣାଣିର ଭିଡିଓ ରେକର୍ଡିଂ ଏବଂ ଦଲିଲକରଣ କରାଯିବ ।  ପ୍ରଭାବ ଆକଳନ ଅନୁସନ୍ଧାନର ଫଳାଫଳ, ଜନଶୁଣାଣି ସଭାରେ

ପ୍ରଦତ୍ତ ଲୋକମାନଙ୍କର ମତାମତ, ତଥା ଅତିରିକ୍ତ ସୂଚନାମାନଙ୍କୁ ସ୍ଥାନୀତ କରି ପୂର୍ବ ପ୍ରସ୍ତୁତି ଚିଠା ବିବରଣୀ କୁ ପୁନଃନିରୀକ୍ଷଣ କରାଯାଇ ସେହି ଆଧାରରେ ଏହି ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଚୂଡ଼ାନ୍ତ ବିବରଣୀ ପ୍ରସ୍ତୁତ କରାଯାଇ ଦାଖଲ କରାଯିବ ।

## ୩.୬ ବିବରଣୀରେ ଅନ୍ତର୍ଭୁକ୍ତ ହୋଇଥିବା କିଛି ନିର୍ଦ୍ଦିଷ୍ଟ ମତାମତ

କଥିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର କଳ୍ପନା ଓ କୌଶଳ, ଏହାର ଆରମ୍ଭ ମାର୍ଗ, ସାଧନ, କାର୍ଯ୍ୟ ପ୍ରଣାଳୀ, ଏବଂ କାର୍ଯ୍ୟ ପ୍ରକ୍ରିୟା ଆଦିକୁ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ, ଫଳାଫଳ ନିର୍ଦ୍ଧାରଣ ଓ ସିଦ୍ଧାନ୍ତମାନଙ୍କୁ ବ୍ୟାଖ୍ୟା କରିବା ଆଦିରେ ବ୍ୟବହାର କରାଯାଇଥିଲା । ଏଣୁ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହରେ ରହିଯାଇଥିବା ଦୁର୍ବଳତା ଏବଂ ନମୂନା ପଦ୍ଧତି ଅବଲମ୍ବନରେ ଉପୁଜିଥିବା ସମସ୍ୟା ହେତୁ, ଏହି ବିବରଣୀରେ ପ୍ରଦତ୍ତ ତଥ୍ୟର ସୀମାବଦ୍ଧତା ସ୍ୱୀକାର୍ଯ୍ୟ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି ଉପର ବର୍ଣ୍ଣିତ ସଠିକ ଢାଞ୍ଚା, କୌଶଳ ଏବଂ ପଦ୍ଧତି ବ୍ୟବହାର କରି ପ୍ରସ୍ତୁତ କରାଯାଇଛି ଅଧ୍ୟୟନକାରୀ ଦଳର ସଦସ୍ୟମାନେ ପରିସଂଖ୍ୟାନ ତଥ୍ୟ ସଂଗ୍ରହରେ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ସମସ୍ତ ପ୍ରକାରର ସମସ୍ୟା ଗୁଡିକୁ ଦୂରକରିବାକୁ ଚେଷ୍ଟା କରିଛନ୍ତି କିନ୍ତୁ ଏହି ଅଧ୍ୟୟନଟି କେତେଗୁଡିଏ ପରିସୀମା ମଧ୍ୟରେ ସୀମିତ ରହିଛି ଯାହାକି ନିମ୍ନରେ ବର୍ଣ୍ଣନା କରାଯାଇଛି

୧. ଏହା ଏକ ପୁରାତନ ଅଭ୍ୟାସ ହୋଇଛି ଯେ ବିବାହିତ କନ୍ୟା ସନ୍ତାନ, ସର୍ବଦା ପୈତୃକ ସମ୍ପତ୍ତିର କୌଣସି ଅଂଶ ପାଇବ ନାହିଁ | କିନ୍ତୁ ବର୍ତ୍ତମାନ ଆଇନ ସ୍ପଷ୍ଟ ଏବଂ ତେଣୁ ସେ ଆନୁପାତିକ କ୍ଷତିପୂରଣ ପାଇବାକୁ ହକଦାର ।

୨. ଯେହେତୁ ପ୍ରକଳ୍ପଟି ପ୍ରସ୍ତାବିତ ସ୍ତରରେ ଅଛି ତେଣୁ ପ୍ରକଳ୍ପର ପ୍ରଭାବ ବିଷୟରେ ଲୋକମାନଙ୍କର ଅଦ୍ୟାବଧି କୌଣସି ଅନୁଭୂତି ହୋଇନାହିଁ । କେତେକ କ୍ଷେତ୍ରରେ ଉତ୍ତରଦାତାମାନେ ପରିବହନ କ୍ଷେତ୍ରରେ ଲାଭ ହେବା ବ୍ୟତୀତ ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ଜୀବନ ଉପରେ ନିର୍ଦ୍ଦିଷ୍ଟ କଣ ପ୍ରଭାବ ପଡିବ ତାହା ସୂଚନା ଦେବା ପାଇଁ ଅକ୍ଷମ ହୋଇଥିଲେ । ଅଧ୍ୟୟନ କ୍ଷେତ୍ରରେ ପ୍ରକଳ୍ପଟି ଯେତେବେଳେ କାର୍ଯ୍ୟକାରୀ କରାଯିବ ସେତେବେଳେ ଏହି ପ୍ରଭାବ ସାମାନ୍ୟ କମ୍ କିମ୍ବା ବେଶି ହୋଇପାରେ ।

୩. ଅଧ୍ୟୟନ ସମୟରେ ପରାମର୍ଶଦାତାମାନଙ୍କ ପାଇଁ ଉପଲବ୍ଧ ସର୍ବନିମ୍ନ ସୂଚନା, ସମୟ ସୀମା ଏବଂ ବଜେଟ୍ ସହିତ ଅଧ୍ୟୟନ କରାଯାଇଥିଲା |

# ଚତୁର୍ଥ ଅଧ୍ୟାୟ

# ଜମିର ଆକଳନ

## ୪.୧ ପ୍ରକଳ୍ପ ଅଧୀନରେ ପ୍ରଭାବିତ ଅଞ୍ଚଳକୁ ଦର୍ଶାଉଥିବା ମାନଚିତ୍ର

ଜମି ଅଧିଗ୍ରହଣ ଅଞ୍ଚଳ ପ୍ରଦର୍ଶିତ କରି ମଝିକା ଗ୍ରାମର ମାନଚିତ୍ର



## ୪.୨ ପ୍ରକଳ୍ପ ଅଧୀନରେ ପ୍ରଭାବିତ ଅଞ୍ଚଳକୁ ଦର୍ଶାଉଥିବା ମାନଚିତ୍ରଉଭୟ ଅଧିଗ୍ରହଣ ହେବାକୁ ଥିବା ଜମି ଏବଂ ପ୍ରକଳ୍ପର ପରିବେଶ, ସାମାଜିକ କିମ୍ବା ଅନ୍ୟାନ୍ୟ ପ୍ରଭାବ ଦ୍ଵାରା ପ୍ରଭାବିତ ଅଞ୍ଚଳ ସହିତ ପ୍ରସ୍ତାବିତ ପ୍ରକଳ୍ପ ଅଧୀନରେ ପ୍ରଭାବିତ କ୍ଷେତ୍ର

ପୂର୍ବରୁ ସୂଚିତ କରାଯାଇଛି ଯେ ଅନ୍ୟ କୌଣସି ଅଞ୍ଚଳ ନଥିବା ଏହା ହେଉଛି ଏକମାତ୍ର ବିକଳ୍ପ | ଏହାର ପ୍ରଭାବ ଗୋଟିଏ ଗ୍ରାମ ଉପରେ ପଡିବ ଯେଉଁଠାରୁ ଜମି ଅଧିଗ୍ରହଣ ହେଉଛି | ଗ୍ରାମାଞ୍ଚଳର ସାମାଜିକ ଉନ୍ନତି ପାଇଁ ଯୋଗାଯୋଗ ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଓଡିଶା ରାଜ୍ୟ ସରକାର ଯୋଜନା କରିଛନ୍ତି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅନୁଯାୟୀ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ମୋଟ ୬.୨୫୫୪ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ । ଜମି ଅଧିଗ୍ରହଣରେ ଯଥାର୍ଥ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଦେବା ଏବଂ ଉକ୍ତ ଗ୍ରାମଗୁଡିକରେ ଏହିପରି ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଜାଣିବା ପାଇଁ ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ପରିବାରକୁ ନେଇ ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବା ଆବଶ୍ୟକ ଅଛି | ପ୍ରଭାବର ସବିଶେଷ ବିବରଣୀ ସପ୍ତମ ଅଧ୍ୟାୟ ରେ ଆଲୋଚନା କରାଯାଇଛି |

## ୪.୩ ଏହି ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ର ପରିମାଣ ଏବଂ ଅବସ୍ଥିତି

ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ମୋଟ ୬.୨୫୫୪ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ ।

## ୪.୪ ଏହି ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ହେଉଥିବା ଜମି ସର୍ବନିମ୍ନ ଆବଶ୍ୟକତା ଅଟେ କି ।

ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ କରାଯାଇଛି । ପ୍ରସ୍ତାବିତ ପ୍ରକଳ୍ପର ଡିଜାଇନ୍ ଏବଂ ସ୍ଥାନ ଦକ୍ଷ ଅଧିକାରୀଙ୍କ ଦ୍ଵାରା ଚୂଡାନ୍ତ କରାଯାଇଛି | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ସର୍ବନିମ୍ନ ଆବଶ୍ୟକତା ଅଟେ |

## ୪.୫ ଏହି ପ୍ରକଳ୍ପ ନିମନ୍ତେ ବିକଳ୍ପ ସ୍ଥାନର ଅନୁସନ୍ଧାନ ଏବଂ ତାହାର ଉପଯୁକ୍ତତା ସମ୍ବନ୍ଧରେ ପରୀକ୍ଷଣ

ଅନୁଗୁଳ ସହରକୁ ଏକ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ଅଧିଗ୍ରହଣ ହେବାକୁଥିବା ପ୍ରସ୍ତାବିତ ଜମିର ସ୍ଥାନ ପରିବର୍ତ୍ତନ କରିବାକୁ ତଥା ଅନ୍ୟ ସମ୍ଭାବ୍ୟ ବିକଳ୍ପଗୁଡିକ ପରୀକ୍ଷା କରିବାକୁ ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ମଧ୍ୟ ଏକ ପ୍ରୟାସ କରିଥିଲେ, ଯାହା ଦ୍ଵାରା ଜମି ଅଧିଗ୍ରହଣକୁ କମ୍ କରାଯାଇପାରିବ | କିନ୍ତୁ ଏହା ସମ୍ଭବ ନୁହେଁ କାରଣ ଏକ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି ଅଧିଗ୍ରହଣ କରାଯାଉଥିବା ଜମି ମଧ୍ୟରେ କିଛି ସରକାରୀ ଜମି ଅଛି , ଯାହାକି ସୁବିଧାରେ ଉପଲବ୍ଧ ହୋଇପାରିବ ଏବଂ ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଜାତୀୟ ରାଜପଥ - ୫୫ କୁ ରାଜ୍ୟ ରାଜପଥ - ୬୩ ଅନୁଗୁଳ –ଛେଣ୍ଡିପଦା-ସରପାଳ – ବୁଢାପଲା ରାସ୍ତା ସହ ସର୍ବନିମ୍ନ ଦୂରତା ମଧ୍ୟରେ ସଂଯୋଗ କରିବା । ସ୍ଥାନରେ ଏପରି କୌଣସି ପରିବର୍ତ୍ତନ ନକାରାତ୍ମକ ପ୍ରଭାବ ପକାଇପାରେ । ଶେଷରେ, ପ୍ରକଳ୍ପ ସ୍ଥାନ ସମ୍ବନ୍ଧରେ ସମସ୍ତ ବିକଳ୍ପଗୁଡିକ ପରୀକ୍ଷା କରିବା ପରେ ଅଧ୍ୟୟନ ଦଳ ଜାଣିବାକୁ ପାଇଲେ ଯେ ମନୋନୀତ ସ୍ଥାନ ଯଥାର୍ଥ ଅଟେ ଏବଂ ବର୍ତ୍ତମାନ ପର୍ଯ୍ୟାୟରେ ସର୍ବନିମ୍ନ ଆବଶ୍ୟକତା ସୁନିଶ୍ଚିତ କରେ | ଜମି ଅଧିଗ୍ରହଣକୁ କମ୍ କରିବା ପାଇଁ ବିକଳ୍ପର ବିଶ୍ଳେଷଣ ବିଷୟରେ, ଅଧ୍ୟୟନରୁ

ଜଣାପଡିଛି ଯେ ଭବିଷ୍ୟତରେ ଗ୍ରାମରେ ଜମି ଅଧିଗ୍ରହଣ ଏବଂ ବିଶୃଙ୍ଖଳାକୁ କମ କରି ବାଇ-ପାସ ରାସ୍ତାର ପ୍ରସ୍ତାବିତ ନିର୍ମାଣ ଯୋଜନା କରାଯାଇଛି । ଗ୍ରାମବାସୀଙ୍କ ସହ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ସ୍ଥାନ ବଦଳାଇବା ନିମନ୍ତେ ଅନ୍ୟାନ୍ୟ ସମ୍ଭାବ୍ୟ ବିକଳ୍ପଗୁଡିକ ଯାଞ୍ଚ କରିବାକୁ SIA ଅଧ୍ୟୟନ ଦଳ ଦ୍ଵାରା ମଧ୍ୟ ଏକ ପ୍ରୟାସ କରାଯାଇଥିଲା, ଯାହା ଦ୍ଵାରା ଜମି ମାଲିକଙ୍କ ଜମି ଅଧିଗ୍ରହଣକୁ କମ୍ କରାଯାଇପାରିବ । କିନ୍ତୁ ଲକ୍ଷ କରାଗଲା ଯେ, ଏହା ସମ୍ଭବ ନୁହେଁ କାରଣ ଏକ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି ଏବଂ ପ୍ରସ୍ତାବିତ ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଜାତୀୟ ରାଜପଥ-୫୫ ରେ ଆସୁଥିବା ଭାରୀଯାନଗୁଡ଼ିକୁ ରାଜ୍ୟ ରାଜପଥ - ୬୩ ଅନୁଗୁଳ –ଛେଣ୍ଡିପଦା-ସରପାଳ – ବୁଢାପଲା ରାସ୍ତାରେ ଯିବା ପାଇଁ ଏକ ବାଇପାସ ରାସ୍ତା ପ୍ରଦାନ କରିବା । ଶେଷରେ ଏ ସମ୍ବନ୍ଧରେ ସମସ୍ତ ବିକଳ୍ପଗୁଡିକ ପରୀକ୍ଷା କରିବା ପରେ ଅଧ୍ୟୟନ ଦଳ ଜାଣିବାକୁ ପାଇଲେ ଯେ ମନୋନୀତ ସ୍ଥାନ ଯଥାର୍ଥ ଅଟେ ଏବଂ ବର୍ତ୍ତମାନ ପର୍ଯ୍ୟାୟରେ ସର୍ବନିମ୍ନ ଆବଶ୍ୟକତା ନିଶ୍ଚିତ କରେ |

## ୪.୬ ଅନୁସୂଚିତ ଅଞ୍ଚଳରେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ସର୍ବଶେଷ ଉପାୟ କି ?

ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମି ଅନୁସୂଚିତ ଅଞ୍ଚଳରେ ଅବସ୍ଥିତ ନାହିଁ | କେବଳ ରେଖାକାରରେ ଏବଂ ଲମ୍ବ ଭାବରେ ଜମି ଅଧିଗ୍ରହଣ ହେବ ଏବଂ ଏହି ପ୍ରକଳ୍ପକୁ ସରକାରୀ ଜମିରେ ସ୍ଥାନିତ କରିବାକୁ ଚେଷ୍ଟା କରାଯାଇଛି ଯାହା ଦ୍ଵାରା ସର୍ବନିମ୍ନ ଘରୋଇ ଜମି ଅଧିଗ୍ରହଣ ହେବ । ଯୋଗାଯୋଗ ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଓଡିଶା ରାଜ୍ୟ ସରକାର ଚାହୁଁଛନ୍ତି ତେଣୁ ଅଧିଗ୍ରହଣ ସ୍ଥାନ ପରିବର୍ତ୍ତନ କରାଯାଇପାରିବ ନାହିଁ । ଓଡିଶା ସରକାର ଅନୁଗୁଳ ଜିଲ୍ଲାରେ ଯୋଗାଯୋଗ ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଯୋଜନା କରିଛନ୍ତି । ତେଣୁ ଅଧିଗ୍ରହଣ ପରିବର୍ତ୍ତନ ହୋଇପାରିବ ନାହିଁ |

## ୪.୭ ଯଦି ପୂର୍ବରୁ କୌଣସି ଜମି, କ୍ରୟ, କିସମ ପରିବର୍ତ୍ତନ, ଲିଜ୍ କିମ୍ବା ଅଧିଗ୍ରହଣ ହୋଇଥାଏ ଏବଂ ପ୍ରକଳ୍ପ ପାଇଁ ଆବଶ୍ୟକ ପ୍ରତ୍ୟେକ ଜମି ପାଇଁ ଉଦ୍ଦିଷ୍ଟ ବ୍ୟବହାର

ଏହି ପ୍ରକଳ୍ପ ପାଇଁ ପୂର୍ବରୁ କୌଣସି ଜମି, କ୍ରୟ, କିସମ ପରିବର୍ତ୍ତନ, ଲିଜ୍ କିମ୍ବା ଅଧିଗ୍ରହଣ ହୋଇନାହିଁ ।

## ୪.୮ ପ୍ରକଳ୍ପ ପାଇଁ ଆବଶ୍ୟକ ପ୍ରତ୍ୟେକ ଜମି ପାଇଁ ଉଦ୍ଦିଷ୍ଟ ବ୍ୟବହାର ଏହି ପ୍ରକଳ୍ପ ପାଇଁ ଯେ କୌଣସି ସାର୍ବଜନୀନ ଅବ୍ୟବହୃତ ଜମି ବ୍ୟବହାର ହେବାର ସମ୍ଭାବନା ଏବଂ ଏହିପରି କୌଣସି ଜମି କାହା ଦଖଲରେ ଅଛି କି ? ।

ଏହି ପ୍ଲଟଗୁଡିକ ମଧ୍ୟରେ ୨ ଟି ସରକାରୀ ଜମି ଅବସ୍ଥିତ ଅଛି ଯାହାକି ସରକାରୀ ରେକର୍ଡ ରେ ଗୋଚର କିସମ୍ ଜମି ବୋଲି ଦର୍ଶାଯାଇଛି ଏବଂ ଗ୍ରାମବାସୀମାନେ ଏହାକୁ ଗୋଚର ଭାବରେ ବ୍ୟବହାର କରନ୍ତି ଏବଂ ପ୍ରସ୍ତାବିତ ପ୍ରକଳ୍ପ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ |

## ୪.୯ ଜମିର ପ୍ରକାର, ବର୍ତ୍ତମାନର ବ୍ୟବହାର ଏବଂ ଜମିର ବର୍ଗୀକରଣ ଏବଂ ଯଦି ଏହା ଏକ କୃଷି ଜମି, ଉକ୍ତ ଜମି ପାଇଁ ଜଳସେଚନର ବ୍ୟାପ୍ତି ଏବଂ ଫସଲ ଢାଞ୍ଚା |

ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ସମୁଦାୟ ୬.୨୫୫୪ ଏକର ଜମି ହେଉଛି ଚକ ଜମି | । ଏହି ଜମି କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ | ବାଇପାସ୍ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ପରେ ଜମିର ବଳକା ଅଂଶ ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ |

## ୪.୧୦ ପ୍ରସ୍ତାବିତ ଜମି ଅଧିଗ୍ରହଣରେ ଖାଦ୍ୟ ନିରାପତ୍ତାକୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ପାଳନ କରାଯାଇଛି କି ନାହିଁ

ପ୍ରସ୍ତାବିତ ବାଇ-ପାସ୍ ରାସ୍ତା ନିର୍ମାଣ ପାଇଁ ଅଧିଗ୍ରହଣ ହେଉଥିବା ସମୁଦାୟ ୬.୨୫୫୪ ଏକର ଜମି ଜଳସେଚନ ସୁବିଧା ପାଉଛି | ତେଣୁ, ଧାରା ୧୦ (୧), RFCTLAR & R Act ୨୦୧୩ ର ଅଧ୍ୟାୟ III ଅନୁଯାୟୀ ଜଳସେଚିତ ବହୁ-ଫସଲ ଜମି ଅଧିଗ୍ରହଣ ପାଇଁ ପ୍ରଯୁଜ୍ୟ ଖାଦ୍ୟ ନିରାପତ୍ତା ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା ଏହି ପ୍ରକଳ୍ପ ପାଇଁ ମଧ୍ୟ ପ୍ରଯୁଜ୍ୟ | ଅଧିକନ୍ତୁ, ପ୍ରସ୍ତାବିତ ପ୍ରକଳ୍ପ ଏକ ରେଖାକାର ପ୍ରକଳ୍ପ (ରେଳପଥ, ରାଜପଥ, ମୁଖ୍ୟ ଜିଲ୍ଲା ସଡକ, ଜଳସେଚନ କେନାଲ, ବିଦ୍ୟୁତ୍ ଲାଇନ ଏବଂ ଏହିପରି ଅନ୍ୟାନ୍ୟ ରେଖାକାର ପ୍ରକଳ୍ପ) କ୍ଷେତ୍ରରେ ଓଡିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ର ବିଜ୍ଞପ୍ତି ସଂଖ୍ୟା LA (A) -୨୩/୨୦୧୪/୯୦୬୮ ତାରିଖ ୧୯.୦୩.୨୦୧୬ ନିୟମ ଅନୁଯାୟୀ ଖାଦ୍ୟ ନିରାପତ୍ତାକୁ ନେଇ ବିଶେଷ ବ୍ୟବସ୍ଥା ଆକର୍ଷିତ କରେ ନାହିଁ । ପ୍ରସ୍ତାବିତ ବାଇ-ପାସ୍ ରାସ୍ତା ହେଉଛି ଏକ ରେଖାକାର ପ୍ରକଳ୍ପ ଏବଂ କେବଳ ଲମ୍ବ ଭାବରେ ଏକ ଜମି ଅଧିଗ୍ରହଣ ହେବ | ଅଧିଗ୍ରହଣ ପରେ ଜମିର ବଳକା ଅଂଶ ରେ ଦୋକାନ, ଢାବା ହୋଟେଲ, ଚା ଦୋକାନ, ମୋଟର ଗ୍ୟାରେଜ୍ ଇତ୍ୟାଦି ଖୋଲିବା ପାଇଁ ବ୍ୟବହୃତ କରାଯାଇପାରେ ଏବଂ ଏହା ପ୍ରଭାବିତ ପରିବାରକୁ ଜୀବିକା ସହାୟତା ଦେଇପାରେ |

## ୪.୧୧ ଜମି ଧାରଣର ଆକାର, ମାଲିକାନା ଢାଞ୍ଚା, ଜମି ଆବଣ୍ଟନ, ଆବାସିକ ଘର ସଂଖ୍ୟା ଏବଂ ସରକାରୀ ଓ ବେସରକାରୀ ଭିତ୍ତିଭୂମି ଏବଂ ସମ୍ପତ୍ତି;

ଜମି ଧାରଣର ଆକାର, ମାଲିକାନା ଢାଞ୍ଚା, ଜମି ବିତରଣ, ଆବାସିକ ଘର ସଂଖ୍ୟା ଏବଂ ସରକାରୀ ଏବଂ ବେସରକାରୀ ଭିତ୍ତିଭୂମି ଏବଂ ସମ୍ପତ୍ତି ନିମ୍ନରେ ଆଲୋଚନା କରାଯାଇଛି;

### ୪.୧୧.୧ ଜମି ଧାରଣର ଆକାର, ମାଲିକାନା ଢାଞ୍ଚା, ଜମି ଆବଣ୍ଟନ,

ଅନୁଗୁଳ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ୬.୨୫୫୪ଏକର ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି । ଜମି ଆବଶ୍ୟକ କରୁଥିବା ସଂସ୍ଥା ପ୍ରଦାନ କରିଥିବା ଆର ଓ ଆର ଅନୁଯାୟୀ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ହେତୁ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ୨୪ ଟି ଖାତାର ୩୭ ଟି ପ୍ଲଟର ୮୨ ଜଣ ଆର ଓ ଆର ଧାରକ ପ୍ରସ୍ତାବିତ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବେ , କିନ୍ତୁ ସର୍ବେକ୍ଷଣ ସମୟରେ ଏହା ଜଣାପଡିଥିଲା ଯେ ୧୪ ଟି ଘରର ନାମ ପୁନରାବୃତ୍ତି ହୋଇଛି ଏବଂ ୮ ଟି ଘର ଉପଲବ୍ଧ ହେଲେ ନାହିଁ/ ଅନ୍ୟତ୍ର ବସବାସ କରୁଛନ୍ତି | ଅବଶିଷ୍ଟ ୬୦ଟି ପରିବାରର ବଂଶାବଳି ବିଶ୍ଳେଷଣ ସମୟରେ ଆଉ ୬୫ ଟି ବିସ୍ତାରିତ ପରିବାର ଚିହ୍ନଟ କରାଯାଇଥିଲା | ଶେଷରେ, ଉଦ୍ଦେଶ୍ୟ ପାଇଁ, ୧୨୫ ଟି ପ୍ରଭାବିତ ପରିବାରକୁ ସର୍ଭେକାର୍ଯ୍ୟ ରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ପ୍ରସ୍ତାବିତ ପ୍ରକଳ୍ପର ତୁଳନାତ୍ମକ ପ୍ରଭାବ ଆକଳନ କରିବା ପାଇଁ, ଗ୍ରାମରୁ ୧୦ଟି ଅଣ ପ୍ରଭାବିତ ପରିବାର ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା। ହାରାହାରି ଏବଂ ଶତକଡା ପରି ସରଳ ଏବଂ ପ୍ରାସଙ୍ଗିକ ପରିସଂଖ୍ୟାନ ପ୍ରଣାଳୀ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ କରାଯାଇଥିଲା | ତେଣୁ, ଅନୁମାନ କରାଯାଏ ଯେ ଜମି ନଷ୍ଟ ହେବା ଅଂଶର ମାଲିକାନା ପରିବାର ଉପରେ ଯଥେଷ୍ଟ ପ୍ରଭାବ ପକାଇପାରେ | ସମୁଦାୟ ଚାଷ ହୋଇଥିବା ଜମି ଏବଂ ଅଧିଗ୍ରହଣ ହୋଇଥିବା ଜମି ଏବଂ ତାହାର ପ୍ରତିଶତ ନିମ୍ନ ସାରଣୀରେ ଉପସ୍ଥାପିତ ହୋଇଛି |

## ସାରଣୀ ୪.୩ : ପ୍ରସ୍ତାବିତ ପ୍ରକଳ୍ପ ପାଇଁ ପ୍ରଭାବିତ ଏବଂ ଅଧିଗ୍ରହଣ ହେବାକୁ ଥିବା ଜମିର ପ୍ରକାର

(ଜମିର ପରିମାଣ ଏକରରେ)

| କ୍ର ସଂ | ରେକର୍ଡଧାରୀଙ୍କ ନାମ | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ସମୁଦାୟ ପ୍ରଭାବିତ ଜମି | ଅଧିଗ୍ରହଣ ହେବାକୁ ଥିବା ଜମି | ଅଧିଗ୍ରହଣ ହେବାକୁ ଥିବା ଜମି ପ୍ରଭାବିତ ଜମି ର କେତେ ପ୍ରତିଶତ |
|---|---|---|---|---|---|---|---|
| ୧ | ବସନ୍ତ ସାହୁ, ପିତା - ସ୍ୱର୍ଗତ ଅଇଣ୍ଠୁ ସାହୁ | ୬ | ୧୨୩ | | ୦.୯ | ୦.୧ | ୧୧.୧୧ |
| ୨ | ହେମନ୍ତ ସାହୁ, ପିତା - ଅଇଣ୍ଠୁ ସାହୁ | | | | | | |
| ୩ | ଟୁନା ସାହୁ, ପିତା - ସ୍ୱର୍ଗତ ଅଇଣ୍ଠୁ ସାହୁ | | | | | | |
| ୪ | ସୁରେସା ସାହୁ, ପିତା - ସ୍ୱର୍ଗତ ତ୍ରିନାଥ ସାହୁ | | | | | | |
| ୫ | ନରେନ୍ଦ୍ର ସାହୁ, ପିତା - ସ୍ୱର୍ଗତ ଲୋକନାଥ ସାହୁ | | | | | | |
| ୬ | ନାଳିନୀ ସାହୁ, ପିତା - ସ୍ୱର୍ଗତ ଲୋକନାଥ ସାହୁ | | | | | | |
| ୭ | ସୁଦର୍ଶନ ସାହୁ, ପିତା - ସ୍ୱର୍ଗତ ସର୍ବେଶ୍ୱର ସାହୁ | | | | | | |
| ୮ | ବ୍ରଜମୋହନ ସାହୁ, ପିତା - ସ୍ୱର୍ଗତ ସର୍ବେଶ୍ୱର ସାହୁ | | | | | | |
| ୯ | ବେଦୀ ସାହୁ, ପିତା - ସ୍ୱର୍ଗତ ସର୍ବେଶ୍ୱର ସାହୁ | | | | | | |
| ୧୦ | ବିପିନି ବିହାରୀ ସାହୁ, ପିତା - ସ୍ୱର୍ଗତ ବାଞ୍ଛା ସାହୁ | | | | | | |
| ୧୧ | ମଣ୍ଟୁ ସାହୁ, ପିତା - ସ୍ୱର୍ଗତ ପ୍ରମୋଦ ସାହୁ | | | | | | |
| ୧୨ | ଲିଟୁ ସାହୁ, ପିତା - ସ୍ୱର୍ଗତ ପ୍ରମୋଦ ସାହୁ | | | | | | |
| ୧୩ | ଚତୁର୍ଭୁଜ ସାହୁ, ପିତା - ସ୍ୱର୍ଗତ ଅର୍ଜୁନ ସାହୁ | ୭ | ୨୪୩ | | ୧.୪୩ | ୦.୧୪ | ୯.୭୯ |
| ୧୪ | କାଳିଆ ସାହୁ, ପିତା - ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁ | | | | | | |
| ୧୫ | ସବିତା ସାହୁ, ପିତା - ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁ | | | | | | |
| ୧୬ | ଶଶି ସାହୁ, ପିତା - ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁ | | | | | | |
| ୧୭ | ମାମି ସାହୁ, ପିତା - ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁ | | | | | | |
| ୧୮ | ବନିତା ସାହୁ, ପିତା - ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁ | | | | | | |
| ୧୯ | ସୁଜତା ସାହୁ, ପିତା - ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁ | | | | | | |
| ୨୦ | ମେଘି ସାହୁ, ପିତା - ସ୍ୱର୍ଗତ ଅର୍ଜୁନ ସାହୁ | | | | | | |
| ୨୧ | ନିରାକାର ପ୍ରଧାନ, ପିତା - ସ୍ୱର୍ଗତ ଉଚେଇ ପ୍ରଧାନ | ୧୮ | ୧୪୦, ୨୪୬ | | ୨.୩୮ | ୦.୯୭ | ୪୦.୭୬ |
| ୨୨ | ଦିବାକର ପ୍ରଧାନ, ପିତା - ସ୍ୱର୍ଗତ ଉଚେଇ ପ୍ରଧାନ | | | | | | |
| ୨୩ | ଶ୍ରୀଧର ପ୍ରଧାନ, ପିତା - ସ୍ୱର୍ଗତ ଉଚେଇ ପ୍ରଧାନ | | | | | | |
| ୨୪ | ମାୟା ପ୍ରଧାନ ପିତା - ସ୍ୱର୍ଗତ ଉଚେଇ ପ୍ରଧାନ | | | | | | |
| ୨୫ | ଟଙ୍ଗୁଲି ପ୍ରଧାନ, ପିତା - ନଖିଆ ପ୍ରଧାନ | | | | | | |
| ୨୬ | କସ୍ତୁ ପ୍ରଧାନ, ପିତା - ସ୍ୱର୍ଗତ ବଂଶୀଧର ପ୍ରଧାନ | | | | | | |
| ୨୭ | ରାଜ ପ୍ରଧାନ, ପିତା - ସ୍ୱର୍ଗତ ବଂଶୀଧର ପ୍ରଧାନ | | | | | | |
| ୨୮ | ଦେବ ପ୍ରଧାନ, ପିତା - ସ୍ୱର୍ଗତ ବଂଶୀଧର ପ୍ରଧାନ | | | | | | |
| ୨୯ | ଭମା ପ୍ରଧାନ ପିତା - ସ୍ୱର୍ଗତ ବଂଶୀଧର ପ୍ରଧାନ | | | | | | |
| ୩୦ | ଚାରୁ ପ୍ରଧାନ, ପିତା - ସ୍ୱର୍ଗତ ବଂଶୀଧର ପ୍ରଧାନ | | | | | | |
| ୩୧ | ହୃଷୀକେଶ ମହାପାତ୍ର, ପିତା - ଗୁଞ୍ଜର ମହାପାତ୍ର | ୩୮ | ୨୫,୯୧, | | ୧.୦୬ | ୦.୪୬ | ୪୩.୪୦ |

| କ୍ର ସଂ | ରେକର୍ଡଧାରୀଙ୍କ ନାମ | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ସମୁଦାୟ ପ୍ରଭାବିତ ଜମି | ଅଧିଗ୍ରହଣ ହେବାକୁ ଥିବା ଜମି | ଅଧିଗ୍ରହଣ ହେବାକୁ ଥିବା ଜମି ପ୍ରଭାବିତ ଜମି ର କେତେ ପ୍ରତିଶତ |
|---|---|---|---|---|---|---|---|
| | | | ୧୩, ୧୧୪ | | | | |
| ୩୨ | ଅମରି ମହାପାତ୍ର, ପିତା - ଗୁଞ୍ଜର ମହାପାତ୍ର | | | | | | |
| ୩୩ | ଦୁଆରୀ ପ୍ରଧାନ, ପିତା - ସ୍ୱର୍ଗତି ଗୋବିନ୍ଦା ପ୍ରଧାନ | ୪୨ | ୧୪୩ | | ୦.୦୭ | ୦.୦୭ | ୧୦୦.୦୦ |
| ୩୪ | ତିରି ପ୍ରଧାନ, ପିତା - ସ୍ୱର୍ଗତ ଗୋବିନ୍ଦ ପ୍ରଧାନ | | | | | | |
| ୩୫ | ସତ୍ୟନାରାୟଣ ସିଂହସାମନ୍ତ,<br>ପିତା - ସ୍ୱର୍ଗତ ଗୋଲେଖପ୍ରସାଦ ସିଂହସାମନ୍ତ | ୪୪ | ୧୧୦ | | ୦.୬୫ | ୦.୨୪ | ୩୬.୯୨ |
| ୩୬ | ଅଖିଳ ସିଂହସାମନ୍ତ<br>ପିତା - ସ୍ୱର୍ଗତ ଗୋଲେଖପ୍ରସାଦ ସିଂହସାମନ୍ତ | | | | | | |
| ୩୭ | ଅମୁଲ୍ୟ ଦେହୁରୀ,<br>ପିତା - ସ୍ୱର୍ଗତ ଚାଣ୍ଡାଳ ଦେହୁରୀ | ୪୯ | ୧୨୧ | | ୦.୪୪ | ୦.୧୪ | ୩୧.୮୨ |
| ୩୮ | କାମିନୀ ଦେହୁରୀ ପିତା - ସ୍ୱର୍ଗତ ଚାଣ୍ଡାଳ ଦେହୁରୀ | | | | | | |
| ୩୯ | ଭବାନୀ ଦେହୁରୀ ପିତା - ସ୍ୱର୍ଗତ ଚାଣ୍ଡାଳ ଦେହୁରୀ | | | | | | |
| ୪୦ | କୁଳମଣି ସାହୁ, ପିତା - ସ୍ୱର୍ଗତ ଯୋଗିଆ ସାହୁ | ୫୭ | ୧୬୦,୧୬୧,୧୬୧/୦୧୪ | | ୨.୦୬ | ୦.୯୬ | ୪୬.୬୦ |
| ୪୧ | କୁଶ ସାହୁ, ପିତା - ସ୍ୱର୍ଗତ ଯୋଗିଆ ସାହୁ | | | | | | |
| ୪୨ | ଦେବ ସାହୁ, ପିତା - ସ୍ୱର୍ଗତ ଜଗେଇ ସାହୁ | | | | | | |
| ୪୩ | କରୁଣା ସାହୁ, ପିତା - ସ୍ୱର୍ଗତ ଜଗେଇ ସାହୁ | | | | | | |
| ୪୪ | ଲାବଙ୍ଗୀ ସାହୁ, ପିତା - ସ୍ୱର୍ଗତ ଜଗେଇ ସାହୁ | | | | | | |
| ୪୫ | ଝଟକ ସାହୁ, ପିତା - ସ୍ୱର୍ଗତ ଜଗେଇ ସାହୁ | | | | | | |
| ୪୬ | ବିନୋଦ ଭୁତିଆ, ପିତା - ସ୍ୱର୍ଗତ ଅସିଲି ପ୍ରଧାନ | ୫୮ | ୧୨୭ | | ୦.୪୫ | ୦.୦୪ | ୮.୮୯ |
| ୪୭ | ଅଙ୍ଗଡା ଭୁତିଆ, ପିତା - ସ୍ୱର୍ଗତ ଅସିଲି ପ୍ରଧାନ | | | | | | |
| ୪୮ | ବିରଞ୍ଚି ଭୁତିଆ, ପିତା - ସ୍ୱର୍ଗତ ଅସିଲି ପ୍ରଧାନ | | | | | | |
| ୪୯ | ଧିରେନ ଭୁତିଆ, ପିତା - ସ୍ୱର୍ଗତ ଅସିଲି ପ୍ରଧାନ | | | | | | |
| ୫୦ | ବିଳାଶ ଭୁତିଆ, ପିତା - ସ୍ୱର୍ଗତ ଅସିଲି ପ୍ରଧାନ | | | | | | |
| ୫୧ | ନିରସା ଭୁତିଆ, ପିତା - ସ୍ୱର୍ଗତ ଅସିଲି ପ୍ରଧାନ | | | | | | |
| ୫୨ | ଦୁଆରୀ ପ୍ରଧାନ, ପିତା - ସ୍ୱର୍ଗତ ଅଧିକାରୀ ପ୍ରଧାନ | ୬୫ | ୧୪୪ | | ୦.୮୯ | ୦.୦୭ | ୭.୮୭ |
| ୫୩ | ହଟିଆ ପ୍ରଧାନ, ପିତା - ସ୍ୱର୍ଗତ ଦୟା ପ୍ରଧାନ | | | | | | |
| ୫୪ | ଜଟିଆ ପ୍ରଧାନ, ପିତା - ସ୍ୱର୍ଗତ ଦୟା ପ୍ରଧାନ | | | | | | |
| ୫୫ | କଟିଆ ପ୍ରଧାନ, ପିତା - ସ୍ୱର୍ଗତ ଦୟା ପ୍ରଧାନ | | | | | | |
| ୫୬ | ନଟିଆ ପ୍ରଧାନ, ପିତା - ସ୍ୱର୍ଗତ ଘୁରୁଡୁ ପ୍ରଧାନ | | | | | | |
| ୫୭ | କଛିଆ ପ୍ରଧାନ, ପିତା - ସ୍ୱର୍ଗତ ଘୁରୁଡୁ ପ୍ରଧାନ | | | | | | |
| ୫୮ | ନିମି ସାହୁ, ପିତା - ସ୍ୱର୍ଗତ ନୀଳମଣି ସାହୁ | ୭୮ | ୧୩୯ | | ୦.୨୨ | ୦.୦୧ | ୪.୫୫ |
| ୫୯ | ନନ୍ଦୁ ସାହୁ, ପିତା - ସ୍ୱର୍ଗତ ନୀଳମଣି ସାହୁ | | | | | | |

| କ୍ର ସଂ | ରେକର୍ଡଧାରୀଙ୍କ ନାମ | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ସମୁଦାୟ ପ୍ରଭାବିତ ଜମି | ଅଧିଗ୍ରହଣ ହେବାକୁ ଥିବା ଜମି | ଅଧିଗ୍ରହଣ ହେବାକୁ ଥିବା ଜମି ପ୍ରଭାବିତ ଜମି ର କେତେ ପ୍ରତିଶତ |
|---|---|---|---|---|---|---|---|
| ୬୦ | ରବି ସାହୁ, ପିତା - ସ୍ୱର୍ଗତ ନୀଳମଣି ସାହୁ | | | | | | |
| ୬୧ | ଦୁଖା ପ୍ରଧାନ, ପିତା - ସ୍ୱର୍ଗତ ବେଢା ପ୍ରଧାନ | ୧୧୭ | ୧୨୫ | | ୦.୬୩ | ୦.୧୯ | ୩୦.୧୬ |
| ୬୨ | ବସୁ ପ୍ରଧାନ, ପିତା - ସ୍ୱର୍ଗତ ବେଢା ପ୍ରଧାନ | | | | | | |
| ୬୩ | ଅରୁଣା ପ୍ରଧାନ,<br>ପିତା - ସ୍ୱର୍ଗତ ବୈଦ୍ୟନାଥ ପ୍ରଧାନ | ୧୨୦ | ୧୧୬,୧୧୭,୧୧୮,୧୧୯ & ୨୬୬ | | ୩.୦୪ | ୦.୮୯ | ୨୯.୨୮ |
| ୬୪ | ନାରାନା ପ୍ରଧାନ,<br>ପିତା - ସ୍ୱର୍ଗତ ବୈଦ୍ୟନାଥ ପ୍ରଧାନ | | | | | | |
| ୬୫ | ଚରଣ ପ୍ରଧାନ, ପିତା - ସ୍ୱର୍ଗତ ବୈଦ୍ୟନାଥ ପ୍ରଧାନ | | | | | | |
| ୬୬ | ସଞ୍ଜୁ ପ୍ରଧାନ, ପିତା - ସ୍ୱର୍ଗତ ବୈଦ୍ୟନାଥ ପ୍ରଧାନ | | | | | | |
| ୬୭ | ଶଙ୍କର ପ୍ରଧାନ, ପିତା - ସ୍ୱର୍ଗତ ମହୀ ପ୍ରଧାନ | | | | | | |
| ୬୮ | ଭରତ ଦେହୁରୀ, ପିତା - ସ୍ୱର୍ଗତ ଭିକାରୀ ଦେହୁରୀ | ୧,୨୯,<br>୧୩୦ | ୨୫୮,<br>୨୫୭ | | ୧.୫୬ | ୦.୩୬ | ୨୩.୦୮ |
| ୬୯ | ଅନନ୍ତ ଦେହୁରୀ, ପିତା - ସ୍ୱର୍ଗତ ଭିକାରୀ ଦେହୁରୀ | | | | | | |
| ୭୦ | ଆର୍ତ୍ତ ଦେହୁରୀ, ପିତା - ସ୍ୱର୍ଗତ ଭିକାରୀ ଦେହୁରୀ | | | | | | |
| ୭୧ | ସଞ୍ଜୁ ଦେହୁରୀ ପିତା - ସ୍ୱର୍ଗତ ଭିକାରୀ ଦେହୁରୀ | | | | | | |
| ୭୨ | ବିକ୍ରମ ସାହୁ, ପିତା - ସ୍ୱର୍ଗତ ଶଶିକା ସାହୁ | ୧୫୩ | ୨୪୫ | | ୧.୧ | ୦.୦୩ | ୨.୭୩ |
| ୭୩ | ଟିକନ ସାହୁ, ପିତା - ସ୍ୱର୍ଗତ ଶଶିକା ସାହୁ | | | | | | |
| ୭୪ | ଲୋଚନ ସାହୁ, ପିତା - ସ୍ୱର୍ଗତ ଶଶିକା ସାହୁ | | | | | | |
| ୭୫ | ମାତା ସାହୁ, ପିତା - ସ୍ୱର୍ଗତ ଶଶିକା ସାହୁ | | | | | | |
| ୭୬ | ଭଗବତ ସାହୁ, ପିତା - ସ୍ୱର୍ଗତ ସାହେବ ସାହୁ | ୧୬୩ | ୨୬୫,<br>୨୬୬ | | ୨.୧୯ | ୦.୭୪ | ୩୩.୭୯ |
| ୭୭ | ସୋମନାଥ ସାହୁ, ପିତା - ସ୍ୱର୍ଗତ ସାହେବ ସାହୁ | | | | | | |
| ୭୮ | ଲବଙ୍ଗ ସାହୁ, ପିତା - ସ୍ୱର୍ଗତ ସାହେବ ସାହୁ | | | | | | |
| ୭୯ | ଟଙ୍କଧର ସାହୁ, ପିତା - ସ୍ୱର୍ଗତ ତିର୍ଥବାସି ସାହୁ | | | | | | |
| ୮୦ | ପ୍ରହଲ୍ଲାଦା ସାହୁ, ପିତା - ସ୍ୱର୍ଗତ ତିର୍ଥବାସି ସାହୁ | | | | | | |
| ୮୧ | ପ୍ରଦୀପ ସାହୁ, ପିତା - ସ୍ୱର୍ଗତ ତିର୍ଥବାସି ସାହୁ | | | | | | |
| ୮୨ | ତିଲୋଟାମା ସାହୁ, ପିତା - ସ୍ୱର୍ଗତ ତିର୍ଥବାସି ସାହୁ | | | | | | |
| ୮୩ | ଜୟଦେବ ସାହୁ, ପିତା - ସ୍ୱର୍ଗତ ଶ୍ରୀନିବାସ ସାହୁ | ୧୬୬ | ୧୪୨ | | ୧.୩୧ | ୦.୧ | ୭.୬୩ |
| ୮୪ | ସାହାଦେବ ସାହୁ, ପିତା - ସ୍ୱର୍ଗତ ଶ୍ରୀନିବାସ ସାହୁ | | | | | | |
| ୮୫ | ସରବେଶ୍ୱର ସାହୁ, ପିତା - ସ୍ୱର୍ଗତ କୁଳମଣି ସାହୁ | | | | | | |
| ୮୬ | ପ୍ରମୋଡା ସାହୁ, ପିତା - ସ୍ୱର୍ଗତ କୁଳମଣି ସାହୁ | | | | | | |
| ୮୭ | ପ୍ରେମା ସାହୁ, ପିତା - ସ୍ୱର୍ଗତ କୁଳମଣି ସାହୁ | | | | | | |
| ୮୮ | ନିମି ସାହୁ, ପିତା - ସ୍ୱର୍ଗତ ନିଳମଣି ସାହୁ | | | | | | |

| କ୍ର ସଂ | ରେକର୍ଡଧାରୀଙ୍କ ନାମ | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ସମୁଦାୟ ପ୍ରଭାବିତ ଜମି | ଅଧିଗ୍ରହଣ ହେବାକୁ ଥିବା ଜମି | ଅଧିଗ୍ରହଣ ହେବାକୁ ଥିବା ଜମି ପ୍ରଭାବିତ ଜମି ର କେତେ ପ୍ରତିଶତ |
|---|---|---|---|---|---|---|---|
| ୮୯ | ନନ୍ଦୁ ସାହୁ, ପିତା - ସ୍ୱର୍ଗତ ନିଳମଣି ସାହୁ | | | | | | |
| ୯୦ | ରବି ସାହୁ, ପିତା - ସ୍ୱର୍ଗତ ନିଳମଣି ସାହୁ | | | | | | |
| ୯୧ | ପଞ୍ଚୁ ଧଲ୍, ପିତା - ସ୍ୱର୍ଗତ ବୈଷ୍ଣବ ଧଳ | ୧୭୯ | ୧୩୮ | | ୦.୨୩ | ୦.୦୪ | ୧୭.୩୯ |
| ୯୨ | ବିରା ଧଲ୍, ପିତା - ସ୍ୱର୍ଗତ ବୈଷ୍ଣବ ଧଳ | | | | | | |
| ୯୩ | ଧିରା ଧଲ୍, ପିତା - ସ୍ୱର୍ଗତ ବୈଷ୍ଣବ ଧଳ | | | | | | |
| ୯୪ | ଖିରା ଧଲ୍, ପିତା - ସ୍ୱର୍ଗତ ବୈଷ୍ଣବ ଧଳ | | | | | | |
| ୯୫ | ଛାୟା ଧଲ୍ ପିତା - ସ୍ୱର୍ଗତ ବୈଷ୍ଣବ ଧଳ | | | | | | |
| ୯୬ | ସୁମନ୍ତ ବେହେରା, ପିତା - ହୃଦାନନ୍ଦ ବେହେରା | ୧୯୪/୨୭ | ୧୦୯/୬୪୩ | | ୦.୦୭୧ | ୦.୦୭୧ | ୧୦୦.୦୦ |
| ୯୭ | ବାବୁଲା ବେହେରା, ପିତା - ଅକ୍ଷୟ ବେହେରା | ୧୯୪/୨୪ | ୧୦୯/୬୪୦ | | ୦.୦୬୩୨ | ୦.୦୬୩୨ | ୧୦୦.୦୦ |
| ୯୮ | ଅନିଲ ବେହେରା, ପିତା - କୁନା ବେହେରା | ୧୯୪/୩୩ | ୧୦୯/୬୪୯ | | ୦.୦୭୧ | ୦.୦୭୧ | ୧୦୦.୦୦ |
| ୯୯ | ସୁନୀଲ ବେହେରା, ପିତା - କୁନା ବେହେରା | | | | | | |
| ୧୦୦ | ବିଲନ୍ଦ ବେହେରା, ପିତା - ପ୍ରାଣବନ୍ଧୁ ବେହେରା | ୧୯୪/୨୩ | ୧୦୯/୬୩୯ | | ୦.୦୫୮ | ୦.୦୩ | ୫୧.୭୨ |
| ୧୦୧ | ବିକ୍ରମ ସାହୁ, ପିତା - ସ୍ୱର୍ଗତ ହୃଶିକେଶ ସାହୁ | ୧୯୩ | ୧୪୫ | | ୦.୧୪ | ୦.୦୧ | ୭.୧୪ |
| ୧୦୨ | ଟିକନ ସାହୁ, ପିତା - ସ୍ୱର୍ଗତ ହୃଶିକେଶ ସାହୁ | | | | | | |
| ୧୦୩ | ଲୋଚନ ସାହୁ, ପିତା - ସ୍ୱର୍ଗତ ହୃଶିକେଶ ସାହୁ | | | | | | |
| ୧୦୪ | ମାତା ସାହୁ, ପିତା - ସ୍ୱର୍ଗତ ହୃଶିକେଶ ସାହୁ | | | | | | |
| ୧୦୫ | ବସନ୍ତ ସାହୁ, ପିତା - ସ୍ୱର୍ଗତ ଅନିତୁ ସାହୁ | | | | | | |
| ୧୦୬ | ହେମନ୍ତ ସାହୁ, ପିତା - ଅନିତୁ ସାହୁ | | | | | | |
| ୧୦୭ | ଟୁନା ସାହୁ, ପିତା.ସ୍ୱର୍ଗତ ଅନିତୁ ସାହୁ | | | | | | |
| ୧୦୮ | ସୁରେଶ ସାହୁ, ପିତା - ସ୍ୱର୍ଗତ ତ୍ରିନାଥ ସାହୁ | | | | | | |
| ୧୦୯ | ନରେନ୍ଦ୍ର ସାହୁ, ପିତା - ସ୍ୱର୍ଗତ ଲୋକନାଥ ସାହୁ | | | | | | |
| ୧୧୦ | ନଳିନୀ ସାହୁ, ପିତା - ସ୍ୱର୍ଗତ ଲୋକନାଥ ସାହୁ | | | | | | |
| ୧୧୧ | ସର୍ବେଶ୍ୱର ସାହୁ, ପିତା - ସ୍ୱର୍ଗତ ବାଞ୍ଛା ସାହୁ | | | | | | |
| ୧୧୨ | ଗଣେଶ୍ୱର ସାହୁ, ପିତା - ସ୍ୱର୍ଗତ ବାଞ୍ଛା ସାହୁ | | | | | | |
| ୧୧୩ | ବିପିନ ସାହୁ, ପିତା - ସ୍ୱର୍ଗତ ବାଞ୍ଛା ସାହୁ | | | | | | |
| ୧୧୪ | ପ୍ରମୋଦା ସାହୁ, ପିତା - ସ୍ୱର୍ଗତ ବାଞ୍ଛା ସାହୁ | | | | | | |
| ୧୧୫ | ପୁରନ୍ଦର ସାହୁ, ପିତା - ଭଜି ସାହୁ | | | | | | |
| ୧୧୬ | ନରସିଂହ ସାହୁ, ପିତା - ବିଦେଇ ସାହୁ | | | | | | |
| ୧୧୭ | ବାଲକୃଷ୍ଣ ସାହୁ, ପିତା - ବିଦେଇ ସାହୁ | | | | | | |
| ୧୧୮ | ଲୋକନାଥ ସାହୁ, ପିତା - ଶିବରାମ ସାହୁ | | | | | | |

| କ୍ର ସଂ | ରେକର୍ଡଧାରୀଙ୍କ ନାମ | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ସମୁଦାୟ ପ୍ରଭାବିତ ଜମି | ଅଧିଗ୍ରହଣ ହେବାକୁ ଥିବା ଜମି | ଅଧିଗ୍ରହଣ ହେବାକୁ ଥିବା ଜମି ପ୍ରଭାବିତ ଜମି ର କେତେ ପ୍ରତିଶତ |
|---|---|---|---|---|---|---|---|
| ୧୧୯ | ଅଭିରାମ ସାହୁ, ପିତା - ଶିବରାମ ସାହୁ | | | | | | |
| ୧୨୦ | ପ୍ରତାପ ସାହୁ, ପିତା - ଶିବରାମ ସାହୁ | | | | | | |
| ୧୨୧ | କସ୍ତୁ ପ୍ରଧାନ, ପିତା - ସ୍ୱର୍ଗତ ବଂଶୀଧର ପ୍ରଧାନ | ୧୦୧ | ୨୫୬ | | ୦.୫୬ | ୦.୧୬ | ୨୮.୫୭ |
| ୧୨୨ | ରାଜ ପ୍ରଧାନ, ପିତା - ସ୍ୱର୍ଗତ ବଂଶୀଧର ପ୍ରଧାନ | | | | | | |
| ୧୨୩ | ଦେବ ପ୍ରଧାନ, ପିତା - ସ୍ୱର୍ଗତ ବଂଶୀଧର ପ୍ରଧାନ | | | | | | |
| ୧୨୪ | ଭମା ପ୍ରଧାନ ପିତା - ସ୍ୱର୍ଗତ ବଂଶୀଧର ପ୍ରଧାନ | | | | | | |
| ୧୨୫ | ଚାରୁ ପ୍ରଧାନ, ପିତା - ସ୍ୱର୍ଗତ ବଂଶୀଧର ପ୍ରଧାନ | | | | | | |

*ଉତ୍ସ – ଆର ଓ ଆର ଦଲିଲ ଏବଂ କ୍ଷେତ୍ର ସର୍ବେକ୍ଷଣ*

ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଗ୍ରାମରେ ସରକାରୀ ଜମି (ଗୋଚର ଜମି) ପ୍ରଭାବିତ ହେବ। ଅଧିଗ୍ରହଣ ହେବାକୁ ଥିବା ପ୍ରସ୍ତାବିତ ଜମି ଅନୁସୂଚିତ ଅଞ୍ଚଳରେ ଅବସ୍ଥିତ ନାହିଁ ।

### ୪.୧୧.୨ ଆବାସିକ ଘର ଏବଂ ସର୍ବସାଧାରଣ ଓ ବେସରକାରୀ ଭିତ୍ତିଭୂମି ଏବଂ ସମ୍ପତ୍ତିର ପରିମାଣ

କୌଣସି ଆବାସିକ ଗୃହ ଏବଂ ସାର୍ବଜନୀନ ଏବଂ ବେସରକାରୀ ଭିତ୍ତିଭୂମି ଏବଂ ସମ୍ପତ୍ତି ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଯାଉନାହିଁ |

## ୪.୧୨ ଜମି ମୂଲ୍ୟ ଏବଂ ମାଲିକାନାରେ ପରିବର୍ତ୍ତନ ଗତ ତିନିବର୍ଷ ମଧ୍ୟରେ ଜମିର ମାଲିକାନା, ସ୍ଥାନାନ୍ତର ଏବଂ ବ୍ୟବହାରରେ ପରିବର୍ତ୍ତନ

ପୂର୍ବରୁ ଏହା ସୂଚିତ କରାଯାଇଛି ଯେ, ଅନ୍ୟ କୌଣସି ବିକଳ୍ପ ସ୍ଥାନ ନଥିବା ପ୍ରସ୍ତାବିତ ସ୍ଥାନଟି ହେଉଛି ଏକମାତ୍ର ବିକଳ୍ପ । ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ସମସ୍ତ ପରିବାର ନାମମାତ୍ର/କ୍ଷୁଦ୍ର ଚାଷୀ ଏବଂ ପ୍ରତ୍ୟେକ ପରିବାର ନିକଟରେ ୧ ଏକରରୁ କମ ଏବଂ ସର୍ବାଧିକ ୩ ଏକର ପର୍ଯ୍ୟନ୍ତ ଜମି ଅଛି | ମଝିକା ଗ୍ରାମରେ କରାଯାଇଥିବା ଦଳଗତ ଆଲୋଚନା ଅନୁଯାୟୀ, ଗତ ତିନିବର୍ଷ ମଧ୍ୟରେ ଗ୍ରାମରେ କୌଣସି ଜମି କ୍ରୟ ବିକ୍ରୟ ହୋଇନାହିଁ। ତେବେ ଏହି ପ୍ରକାର ଜମିର ବିକ୍ରୟ ହାର ଉପରେ ଅଧ୍ୟୟନ ଦଳ ଦ୍ୱାରା ସଂଗୃହିତ ତଥ୍ୟ ଅନୁଯାୟୀ ଗ୍ରାମବାସୀ ମତ ଦେଇଛନ୍ତି ଯେ, ଏହି ଜମି ଅନୁଗୁଳ ସହର ନିକଟରେ ଅବସ୍ଥିତ ଥିବାରୁ ଏହାର ବ୍ୟବସାୟିକ ମୂଲ୍ୟ ରହିଛି । ଯେହେତୁ ରାଜ୍ୟ ରାଜପଥ- ୬୪ ଅନୁଗୁଳ – ଛେଣ୍ଡିପଦା ରୋଡ୍ ଗ୍ରାମ ମଧ୍ୟ ଦେଇ ଯାଉଛି ତେଣୁ ଗ୍ରାମରେ ଏକର ପିଛା ଜମି ମୂଲ୍ୟ ବଜାର ମୂଲ୍ୟ ହିସାବରେ ଦିଆଯାଉ । RFCTLARR ଆକ୍ଟ ୨୦୧୩ ର ନିର୍ଦ୍ଦେଶାବଳୀ ଆଧାରରେ ନଗଦ କ୍ଷତିପୂରଣ ରାଶି ଚୂଡ଼ାନ୍ତ ହେବ । ଜମି ମୂଲ୍ୟ ଚୂଡ଼ାନ୍ତ ପ୍ରକ୍ରିୟାରେ ଜମିର ବେଞ୍ଚମାର୍କ ମୂଲ୍ୟକୁ ଧ୍ୟାନରେ ରଖାଯିବ । ସେହି ଅନୁଯାୟୀ, ୧୦୦% (ଅନୁକମ୍ପା ରାଶି) ପରି ଅନ୍ୟ ମାନଦଣ୍ଡ, ଜମିର ମୂଳ ମୂଲ୍ୟ ସହିତ ବାର୍ଷିକ ୧୨% ସୁଧ କ୍ଷତିପୂରଣ ସହିତ ଯୋଗ କରାଯିବ |

### ୪.୧୨.୧ ଜମି ଅଧିଗ୍ରହଣ ହେତୁ କ୍ଷତି ହେବାକୁ ଥିବା ଜମିର ମୂଲ୍ୟ ନିର୍ଣ୍ଣୟ କରିବାର ଆଧାର

ଜମି ଅଧିଗ୍ରହଣ ହେତୁ କ୍ଷତି ହେଉଥିବା ଜମିର ମୂଲ୍ୟ ନିମ୍ନଲିଖିତ ନିୟମ ଆଧାରରେ ଆକଳନ କରାଯିବ

(କ) ଯେଉଁଠାରେ ପ୍ରଭାବିତ ଜମି ଅବସ୍ଥିତ ସେଠାରେ (ଭାରତୀୟ ଷ୍ଟାମ୍ପ ଆଇନ-୧୮୯୯ ଅନୁଯାୟୀ) ବିକ୍ରି କବଲାରେ ଉଲ୍ଲେଖ କରାଯାଇଥିବା ମୂଲ୍ୟ ସମ୍ପର୍କିତ କାର୍ଯ୍ୟାଳୟ ର ମୋହରରେ ମୁଦ୍ରିତ ମୂଲ୍ୟ।

(ଖ) ବଜାର ମୂଲ୍ୟ ଉଲ୍ଲେଖ କରାଯାଇଥିବା ଅନୁମୋଦିତ ବେଞ୍ଚମାର୍କ ମୂଲ୍ୟ

(ଗ) ବିଗତ ତିନିବର୍ଷ ମଧ୍ୟରେ ପ୍ରକଳ୍ପ ପ୍ରଭାବିତ ଗ୍ରାମର ଆଖପାଖ ଅଞ୍ଚଳରେ ବିକ୍ରୟ କରାଯାଇଥିବା ଜମି ମଧ୍ୟରୁ ସର୍ବାଧିକ ମୂଲ୍ୟରେ ବିକ୍ରି କରାଯାଇଥିବା ଜମି କବଲା ମଧ୍ୟରୁ ୫୦ ପ୍ରତିଶତ ଜମିର ହାରାହାରୀ ମୂଲ୍ୟ ।

ପ୍ରଭାବିତ ଜମିର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ କ, ଖ, ଗ ମଧ୍ୟରୁ ଯେଉଁଟି ସର୍ବାଧିକ ତାହା ବିଚାରକୁ ନିଆଯିବ। ବଜାର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଆର୍.ଟି.ଏଫ୍.ସି.ଟି.ଏଲ୍.ଏ.ଆର୍.ଆର୍ ୨୦୧୩ ର ୧୧(୧) ଧାରା ଅନୁଯାୟୀ ପ୍ରକାଶିତ ପ୍ରାଥମିକ ବିଜ୍ଞପ୍ତି ର ତାରିଖ କୁ ବିଚାରକୁ ନିଆଯିବ।

### ୪.୧୨.୨ ବିଭିନ୍ନ ଗୁଣକ ଏବଂ ସ୍ଲାଇଡିଙ୍ଗ ସ୍କେଲ

ଜମିର ମୂଲ୍ୟ ଆକଳନ ନିମନ୍ତେ ସ୍ଲାଇଡିଙ୍ଗ ସ୍କେଲରେ ଗୁଣନ କରାଯାଉଥିବା ବିଭିନ୍ନ ଗୁଣକଗୁଡିକ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ବୈଧ ବିଜ୍ଞପ୍ତି ଦ୍ୱାରା ନିର୍ଦ୍ଧାରିତ । ଏହା ସାରଣୀ ୩.୪ରେ ଉଲ୍ଲେଖ କରାଯାଇଛି।

**ସାରଣୀ ୩.୩ ଦୂରତ୍ୱର ପରିଧି, ବିଭିନ୍ନ ଗୁଣକ ଏବଂ ସ୍ଲାଇଡିଙ୍ଗ ସ୍କେଲ**

| କ୍ର ସଂ | ସ୍ତର | ନିକଟସ୍ଥ ସହର ଠାରୁ ଦୂରତ୍ୱର ପରିଧି | ଗୁଣକ |
|---|---|---|---|
| ୧ | ୧ | ୦-୧୦ | ୧.୦୦ |
| ୨ | ୨ | >୧୧-୨୦ | ୧.୨୦ |
| ୩ | ୩ | >୨୧-୩୦ | ୧.୪୦ |
| ୪ | ୪ | >୩୧-୪୦ | ୧.୮୦ |
| ୫ | ୫ | ୪୦ କିଲୋମିଟର ରୁ ଅଧିକ | ୨.୦୦ |

*ଉସ- ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା No. LA(A)-୨୩/୨୦୧୪/୯୦୬୮ dated ୧୯.୦୩.୨୦୧୬*

ଏହି ପରିପ୍ରେକ୍ଷୀରେ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ପାଇଁ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ଗ୍ରାମରେ ଅଧିଗ୍ରହଣ ହେଉଥିବା ଘରୋଇ ଜମି ନିମନ୍ତେ ପ୍ରଯୁଜ୍ୟ ଗୁଣକ ସ୍ତର ନିକଟସ୍ଥ ସହର ଠାରୁ ଅଧିଗ୍ରହଣ ହେଉଥିବା ଜମିର ଦୂରତା ଅନୁଯାୟୀ ସ୍ଥିର କରାଯିବ ।

### ୪.୧୨.୩ ସମ୍ପତ୍ତିର ମୂଲ୍ୟ, ଜମି ଉପରେ ଅବସ୍ଥିତ ଥିବା ଗଛର ମୂଲ୍ୟ

ଆର୍.ଟି.ଏଫ୍.ସି.ଟି.ଏଲ୍.ଏ.ଆର୍. ଆର୍ ଅଧିନିୟମ ୨୦୧୩ ର ୨୯(୧) ଧାରା ଅନୁଯାୟୀ ପ୍ରକାଶିତ ପ୍ରାଥମିକ ବିଜ୍ଞପ୍ତି ର ତାରିଖ କୁ ବିଚାରକୁ ନିଆଯିବ। (କ) ଅଧିଗ୍ରହଣ କରାଯାଉଥିବା ଜମି ସହ ସଂଲଗ୍ନ କୋଠା ବାଡି, ଘର ଏବଂ ଅନ୍ୟାନ୍ୟ ଅଚଳ ସମ୍ପତ୍ତି ଏବଂ (ଖ) ସେହି ଜମି ଉପରେ ଥିବା ବୃକ୍ଷର ମୂଲ୍ୟ ଜମିର ମୂଲ୍ୟ ଆକଳନ ନିମନ୍ତେ ବିଚାରକୁ ନିଆଯିବ। ଜିଲ୍ଲାର ଜିଲ୍ଲାପାଳ, ଯେ କି ଜମିର ମୂଲ୍ୟ ସ୍ଥିର କରନ୍ତି, ସେ ଆବଶ୍ୟକ ଅନୁଭବ କଲେ ଜଣେ ଇଞ୍ଜିନିୟର କିମ୍ବା ପ୍ରାସଙ୍ଗିକ ବିଷୟରେ ଯେପରି କି, କୃଷି, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ରେଶମ ପୋକ ଚାଷ, ମତ୍ସ୍ୟ ଚାଷ ଇତ୍ୟାଦିରେ ବିଶେଷଜ୍ଞ ଥିବା କୌଣସି ବିଶେଷଜ୍ଞଙ୍କ ପରାମର୍ଶ ଗ୍ରହଣ କରିପାରିବେ।

### ୪.୧୨.୪ ଅନୁକମ୍ପା ରାଶି @ ୧୦୦%

ଉପର ବର୍ଣ୍ଣିତ ନିୟମ, ୨୦୧୩ର ଧାରା ୩୦ ଅନୁଯାୟୀ, ଜମି ମୂଲ୍ୟର ଶତ ପ୍ରତିଶତ ଅର୍ଥ ଅନୁକମ୍ପା ମୂଳକ ରାଶି ଆକାରରେ ପ୍ରଦାନ କରାଯିବ। ଜମିର ମୂଲ୍ୟ ସହ ଗୁଣକର ମୂଲ୍ୟକୁ ଗୁଣନ କରାଯିବା ପରେ ଉପଲବ୍ଧ ପରିମାଣ ସହ ସଂଲଗ୍ନ ସମ୍ପତ୍ତି ଓ ବୃକ୍ଷଆଦିର ମୂଲ୍ୟକୁ ମିଶାଇ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯିବ।

### ୪.୧୨.୫ ଅତିରିକ୍ତ ପାଉଣା

୨୦୧୩ ଆଇନର ଧାରା ୩୦(୩) ଅନୁଯାୟୀ, ଭୂମି ଅଧିଗ୍ରହଣ ନିମନ୍ତେ ୧୧(୧) ଧାରା ଅନୁଯାୟୀ ପ୍ରକାଶିତ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ପ୍ରତିବର୍ଷ ଅତିରିକ୍ତ ୧୨ ପ୍ରତିଶତ ସୁଧ, ପୁନର୍ବାସ ଓ ଥଇଥାନର ଘୋଷଣା ପ୍ରକାଶନ ତାରିଖ ପର୍ଯ୍ୟନ୍ତ ଏହି ନିୟମର ଧାରା ୧୯(୧) ଅନୁଯାୟୀ ପ୍ରଭାବିତ ପରିବାରକୁ ଅତିରିକ୍ତ ପାଉଣା ଆକାରରେ ପ୍ରଦାନ କରାଯାଉଥିବା ତାରିଖ ପର୍ଯ୍ୟନ୍ତ କିମ୍ବା ଜିଲ୍ଲାପାଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ କରିବା ପର୍ଯ୍ୟନ୍ତ ଯାହା ପ୍ରଥମରେ ଆସିବ (ସାଧାରଣ ଭାବରେ ପ୍ରତ୍ୟେକ ନିମନ୍ତେ ଏକ ବର୍ଷ ହିସାବରେ ୨ ବର୍ଷ ପର୍ଯ୍ୟନ୍ତ) ଜମି ମୂଲ୍ୟ ଉପରେ ଅତିରିକ୍ତ ପାଉଣା ପ୍ରଦାନ କରାଯିବ। ଉପର ଲିଖିତ ୩.୭.୧ରେ ଦିଆଯାଇଥିବା ତଥ୍ୟ ଭିତ୍ତିରେ ଏହା ନିର୍ଦ୍ଧାରଣ କରାଯିବ। ଧାରା ୧୧ (୧), ୩୦(୩) ଏବଂ ୧୯(୧)ରେ ଉଲ୍ଲେଖ କରାଯାଇଥିବା ପ୍ରବନ୍ଧନ ଅନୁଯାୟୀ ଭୂମି ଅଧିଗ୍ରହଣରେ ଭୂମିର ମୂଲ୍ୟାୟନ ସମ୍ବନ୍ଧରେ ଧାରଣାନିମନ୍ତେ କାଳ୍ପନିକ ଭାବରେ ଗୋଟିଏ ଜମିର ମୂଲ୍ୟ ଟଙ୍କା୧୦୦,୦୦୦/-ଉପରେ ଏକ ନମୁନା ନିମ୍ନ ସାରଣୀ ୩.୧୦ରେ ପ୍ରଦାନ କରାଯାଇଛି।

**ସାରଣୀ – ୪.୪ ହିସାବ ପ୍ରଣାଳୀର ନମୁନା**

| କ୍ର.ସଂ | ବିଷୟ | ମୂଲ୍ୟ (ଟଙ୍କାରେ) |
|---|---|---|
| ୧ | ବଜାର ମୂଲ୍ୟ | ୧,୦୦,୦୦୦.୦୦ |
| ୨ | ଗୁଣକ (ଜମିର ଦୁରତ୍ୱ ହିସାବରେ) | ୧ |
| ୩ | ମୋଟ (୧+୨) | ୧,୦୦,୦୦୦.୦୦ |
| ୪ | ସେହି ଜମି ଉପରେ ଥିବା ସମ୍ପତ୍ତି ଓ ବୃକ୍ଷର ମୂଲ୍ୟ | ୨୦,୦୦୦ |
| ୫ | ମୋଟ (୩+୪) | ୧,୨୦,୦୦୦ |
| ୬ | ୧୦୦% ଅନୁକମ୍ପା ରାଶୀ | ୧,୨୦,୦୦୦ |
| ୭ | | ହିସାବ କରାଯିବ |
| **ସର୍ବମୋଟ (୫ + ୬ + ୭)** | | ୨,୪୦,୦୦୦+ସୁଧ |

*Source:NotificationNo.RDM-LAA-CLRFIC-୨୦୦୦୨-୨୦୧୪(Part)/୨୨୪୮୫/R&DM,dated ୨୨.୦୭.୨୦୧୮.*

*ଦ୍ରଷ୍ଟବ୍ୟ – ୧ରୁ ୪ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ସଂଖ୍ୟା ଅନୁମାନିକ*

# ପଞ୍ଚମ ଅଧ୍ୟାୟ
# ପ୍ରଭାବିତ ପରିବାର ଏବଂ ସମ୍ପତ୍ତିର ଆକଳନ ଓ ଗଣନା

## ୫.୧. ମୁଖବନ୍ଧ

ଜମି ଆବଶ୍ୟକ କରୁଥିବା ସଂସ୍ଥା ପ୍ରଦାନ କରିଥିବେ ଆର୍ ଓ ଆର୍ ଅନୁଯାୟୀ ଅନୁଗୁଳ ଟାଉନକୁ ବାଇପାସ ରାସ୍ତା ନିର୍ମାଣ ହେତୁ ଅନୁଗୁଳ ଜିଲ୍ଲାର ବଅଁରପାଳ ତହସିଲ ଅନ୍ତର୍ଗତ ମଝିକା ୨୪ ଟି ଖାତାର ୩୭ ଟି ପ୍ଲଟର ୮୨ ଜଣ ଜମି ମାଲିକ ପ୍ରସ୍ତାବିତ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବାକୁ ଯାଉଛନ୍ତି କିନ୍ତୁ ସର୍ବେକ୍ଷଣ ସମୟରେ ଏହା ଦେଖାଗଲା ଯେ, ୧୪ ଟି ଜମି ମାଲିକଙ୍କ ନାମ ପୁନରାବୃତ୍ତି ହୋଇଛି ଏବଂ ୮ ଜଣ ଜମି ମାଲିକ ଉପଲବ୍ଧ ହେଲେ ନାହିଁ/ ଅନ୍ୟତ୍ର ବସବାସ କରୁଛନ୍ତି । ଅବଶିଷ୍ଟ ୬୦ ଟି ପରିବାରର ବଂଶାବଳି ବିଶ୍ଳେଷଣ ସମୟରେ ୬୫ ଟି ବିସ୍ତାରିତ ପରିବାର ଚିହ୍ନଟ କରାଯାଇଥିଲା | ଶେଷରେ ଏହି ଉଦ୍ଦେଶ୍ୟ ରେ ୧୨୫ଟି ପ୍ରଭାବିତ ପରିବାର ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଛି ଏବଂ ପ୍ରସ୍ତାବିତ ପ୍ରକଳ୍ପର ତୁଳନାତ୍ମକ ପ୍ରଭାବ ଆକଳନ ଖୋଜିବା ପାଇଁ, ଗ୍ରାମର ୧୦ ଟି ଅଣ ପ୍ରଭାବିତ ପରିବାର ମଧ୍ୟ ସର୍ବେକ୍ଷଣ କରାଯାଇଥିଲା । ହାରାହାରି ଏବଂ ଶତକଡା ପରି ସରଳ ଏବଂ ପ୍ରାସଙ୍ଗିକ ପରିସଂଖ୍ୟାନ ପ୍ରଣାଳୀ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ କରାଯାଇଛି । ଶେଷରେ ଏହା ଦେଖାଗଲା ଯେ ସମ୍ପ୍ରସାରିତ ପରିବାର ସହିତ ୧୨୫ ଟି ପରିବାର ପ୍ରଭାବିତ ଅଞ୍ଚଳରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଯାଉଛନ୍ତି | ସମସ୍ତ ପ୍ରଭାବିତ ଜମି ଖାଲି ଜମି ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ନିଜସ୍ୱ ମାଲିକଙ୍କ ଦ୍ୱାରା ଚାଷ ହେଉଛି | ହାରାହାରି ଏବଂ ଶତକଡା ପରି ସରଳ ଏବଂ ପ୍ରାସଙ୍ଗିକ ପରିସଂଖ୍ୟାନ ପ୍ରଣାଳୀ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ କରାଯାଇଛି । ଏହି ପରିବାରର ସାମାଜିକ ଅର୍ଥନୈତିକ ପାର୍ଶ୍ୱଚିତ୍ର ଷଷ୍ଠ ଅଧ୍ୟାୟ ରେ ଉପସ୍ଥାପିତ ହୋଇଛି । ଗଣନା କରାଯାଇଥିବା ଜମି ହରାଉଥିବା ପରିବାରଗୁଡିକର ତାଲିକା ଅନୁସୂଚି – ୨ ରେ ପ୍ରଦାନ କରାଯାଇଛି ।

### ୫.୧.୧ ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡ଼ିକର ଜନସଂଖ୍ୟାର ପାର୍ଶ୍ୱଚିତ୍ର

ମଝିକା ଗ୍ରାମରେ ପ୍ରଭାବିତ ପରିବାରଗୁଡ଼ିକର ଜନସଂଖ୍ୟା ସମ୍ବନ୍ଧିତ ଓ ସାମାଜିକ ଆର୍ଥିକ ବୈଶିଷ୍ଟ୍ୟକୁ ନିମ୍ନରେ ପ୍ରଦାନ କରାଗଲା । ଐତିହାସିକ କାଳରୁ ଯେତେବେଳେ ପରିବାର ସମୁହର ସାମାଜିକ ଓ ଆର୍ଥିକ ସ୍ଥିତିକୁ ବିଶ୍ଳେଷଣ କରାଯାଇଛି ସେତେବେଳେ ସେମାନଙ୍କର ଜାତି ଓ ଧର୍ମକୁ ବିଚାରକୁ ନିଆଯାଇଛି । ପ୍ରକୃତ ପକ୍ଷରେ, ପ୍ରକଳ୍ପ ହେତୁ ଜମି ଅଧିଗ୍ରହଣ ହେଲେ କେବଳ ହିନ୍ଦୁ ପରିବାରମାନେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହେବେ । ଏହାର ବିଶେଷ ବିବରଣୀ କୁ ନିମ୍ନ ସାରଣୀ ରେ ଦର୍ଶାଯାଇଛି।

**ସାରଣୀ ୫.୧ ଧର୍ମ ଓ ସାମାଜିକ ଗୋଷ୍ଠୀ ଆଧାରରେ ପ୍ରଭାବିତ ପରିବାର ଗୁଡ଼ିକର ସଂରଚନା**

| କ୍ର ସଂ | ଗ୍ରାମର ନାମ | | ହିନ୍ଦୁ | | | | | ମୁସଲମାନ | ସର୍ବମୋଟ |
|---|---|---|---|---|---|---|---|---|---|
| | | | ଅନୁସୂଚୀତ ଜାତି | ଅନୁସୂଚୀତ ଜନଜାତି | ଅନ୍ୟାନ୍ୟ ପଛୁଆ ବର୍ଗ | ସାଧାରଣ ବର୍ଗ | ମୋଟ | | |
| ୧ | ମଝିକା | ସଂ | ୦ | ୦ | ୧୨୫ | ୦ | **୧୨୫** | ୦ | ୧୨୫ |
| | **ମୋଟ** | % | **୦.୦୦** | **୦.୦୦** | **୧୦୦.୦୦** | **୦.୦୦** | **୧୦୦.୦୦** | ୦ | ୦ |

*ଉତ୍ସ- କ୍ଷେତ୍ର ସର୍ବେକ୍ଷଣ*

ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ କରାଯାଇଥିବା ୧୨୫ ଟି ପରିବାରର ତଥ୍ୟ ରୁ ଜଣାଯାଏ ଯେ, ସେମାନଙ୍କ ମଧ୍ୟରୁ ସମସ୍ତ ପରିବାର ହିନ୍ଦୁ ସଂପ୍ରଦାୟର ଏବଂ ସମସ୍ତ ୧୨୫ (୧୦୦%) ପରିବାର ଅନ୍ୟାନ୍ୟ ପଛୁଆ ବର୍ଗର ପରିବାର । ପ୍ରଭାବିତ ପରିବାର ମଧ୍ୟରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି, ସାଧାରଣ ବର୍ଗର ପରିବାର କେହି ନାହାନ୍ତି । ଯେହେତୁ

ସମସ୍ତ ପ୍ରଭାବିତ ପରିବାର ସାମାଜିକ-ଅର୍ଥନୈତିକ ଦୃଷ୍ଟିରୁ ପଛୁଆ ବର୍ଗର ହୋଇଥିବାରୁ ଜମିଅଧିଗ୍ରହଣ ସେମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ।

### ୫.୧.୨ ଲିଙ୍ଗଗତ ପାର୍ଶ୍ୱଚିତ୍ର

ଲିଙ୍ଗ ବିଭାଜନ ସମ୍ବନ୍ଧୀୟ ତଥ୍ୟ ସମାଜରେ ପୁରୁଷ ଏବଂ ମହିଳାଙ୍କ ଅଂଶଗ୍ରହଣକାରୀ ଅଂଶ ଜାଣିବା ପାଇଁ ଏକ ସହାୟକ ସୂଚକ, ଯାହା ମାନବ ବିକାଶ ସୂଚକାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ । ଏହି ଅଧ୍ୟୟନରେ ମଝିକା ଗ୍ରାମରୁ ୧୨୫ ଟି ପ୍ରଭାବିତ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି । ନିମ୍ନ ସାରଣୀରେ ଏକ ସାରାଂଶ ଚିତ୍ର ଦିଆଯାଇଛି |

**ସାରଣୀ -୫.୨ ପ୍ରଭାବିତ ପରିବାର ମୁଖ୍ୟମାନଙ୍କର ଲିଙ୍ଗଗତ ସଂରଚନା**

| ଗ୍ରାମ | ଏକକ | ଉତ୍ତରଦାତା | | ପରିବାର ମୁଖ୍ୟ | | ମୋଟ |
|---|---|---|---|---|---|---|
| | | ପୁରୁଷ | ମହିଳା | ପୁରୁଷ | ମହିଳା | |
| ମଝିକା | ସଂଖ୍ୟା | ୧୧୩ | ୧୨ | ୯୭ | ୨୮ | ୧୨୫ |
| | % | ୯୦.୪୦ | ୯.୬୦ | ୭୭.୬୦ | ୨୨.୪୦ | ୧୦୦.୦୦ |

ପରିବାର ମୁଖ୍ୟଙ୍କ ଲିଙ୍ଗ ବର୍ଗୀକରଣ ଦର୍ଶାଏ ଯେ, ପ୍ରଭାବିତ ପରିବାର ମୁଖ୍ୟମାନଙ୍କ ମଧ୍ୟରୁ ୯୭(୭୭.୬୦%) ପୁରୁଷ ଏବଂ ୨୮ (୨.୪୦%) ଜଣ ମହିଳା ଅଟନ୍ତି । ଏହା ସୂଚିତ କରେ ଯେ, ଅଧ୍ୟୟନ କରାଯାଇଥିବା ଅଞ୍ଚଳରେ ଥିବା ପ୍ରଭାବିତ ପରିବାରଗୁଡିକ ମଧ୍ୟରେ ପୁରୁଷମୁଖ୍ୟ ପରିବାର ଅଧିକ ଅଟନ୍ତି । କିନ୍ତୁ ଉତ୍ତରଦାତାମାନଙ୍କ ମଧ୍ୟରେ ମାତ୍ର ୯.୬୦% (୧୨ ଜଣ) ମହିଳା ସର୍ବେକ୍ଷଣ କରୁଥିବା ଦଳର ସଦସ୍ୟ ମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ ଏବଂ ସର୍ବେକ୍ଷଣରେ ଭାଗ ନେଇଥିଲେ । ଏହା ଆହୁରିମଧ୍ଯ ଅବଗତ ହେଲା ଯେ ଓବିସି ସମ୍ପ୍ରଦାୟ କ୍ଷେତ୍ରରେ ମହିଳା ମୁଖ୍ୟ ପରିବାର ଅଧିକ ।

**ସାରଣୀ – ୫.୩ ପ୍ରଭାବିତ ପରିବାର ଗୁଡ଼ିକର ଜନସଂଖ୍ୟାରେ ଲିଙ୍ଗଗତ ବିତରଣ**

| କ୍ର ସଂ | ଗ୍ରାମ | ଏକକ | ଅନୁସୂଚିତ ଜାତି | | ଅନୁସୂଚିତ ଜନଜାତି | | ଅନ୍ୟାନ୍ୟ ପଛୁଆ ବର୍ଗ | | ସାଧାରଣ ବର୍ଗ | | ମୋଟ | ହାରାହାରି ପରିବାରର ଲୋକସଂଖ୍ୟା | ଲିଙ୍ଗା ଅନୁପାତ |
|---|---|---|---|---|---|---|---|---|---|---|---|---|---|
| | | | ପୁ | ମ | ପୁ | ମ | ପୁ | ମ | ପୁ | ମ | | | |
| ୧ | ମଝିକା | ସଂଖ୍ୟା | ୦ | ୦ | ୦ | ୦ | ୩୧୧ | ୨୭୪ | ୦ | ୦ | ୫୮୫ | ୪.୬୮ | ୮୮୧ |
| | | % | ୦ | ୦ | ୦ | ୦ | ୫୩.୧୬ | ୪୬.୮୪ | ୦ | ୦ | ୧୨୫ | ୪.୬୮ | ୮୮୧ |

*ଉତ୍ସ- କ୍ଷେତ୍ର ସର୍ବେକ୍ଷଣ*

**ଚିତ୍ର - ୫.୧ ପ୍ରଭାବିତ ପରିବାର ଗୁଡ଼ିକର ଜନସଂଖ୍ୟାରେ ଲିଙ୍ଗଗତ ବିତରଣ ପ୍ରତିଶତ ରେ**



ଜନସଂଖ୍ୟାର ଲିଙ୍ଗ ବର୍ଗୀକରଣରୁ ଏହା ଅବଗତ ହେଲା ଯେ, ପ୍ରଭାବିତ ପରିବାରର ମୋଟ ଜନସଂଖ୍ୟା ୫୮୫ ଅଟେ । ସେଥିମଧ୍ୟରୁ ୩୧୧ ଅର୍ଥାତ (୫୩.୧୬%) ପୁରୁଷ ଏବଂ ୨୭୪ (୪୬.୮୪%) ମହିଳା ଅଟନ୍ତି । ପରିବାରର ହାରାହାରି ଆକାର ୪.୬୮ ଏବଂ ଲିଙ୍ଗ ଅନୁପାତ ୮୮୧ ଅଟେ । ଜାତି ଅନୁଯାୟୀ ଲିଙ୍ଗ ଭିତ୍ତିରେ ଲୋକସଂଖ୍ୟାର ସବିଶେଷ ବିବରଣୀ ଉପର ସାରଣୀରେ ଉପସ୍ଥାପିତ ହୋଇଛି ।

### ୫.୧.୩ ବୟସ ସଂରଚନା

ଜନସଂଖ୍ୟାରେ ବୟସ ଅନୁଯାୟୀ ବିତରଣ ହେଉଛି ଜନସଂଖ୍ୟା ପାର୍ଶ୍ୱଚିତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ କାରଣ ଏହା ଉତ୍ପାଦନକାରୀ ଜନସଂଖ୍ୟା ଅନୁପାତ ଏବଂ ନିର୍ଭରଶୀଳତା ଭାରକୁ ପ୍ରକାଶ କରିଥାଏ | ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ବୟସ ବିତରଣର ବିବରଣୀ ନିମ୍ନରେ ବର୍ଣ୍ଣିତ ହୋଇଛି । ବୟସ ଗଠନ ଜନସଂଖ୍ୟାର ଅବଦାନକୁ ତଥା ବିଭିନ୍ନ ଅର୍ଥନୈତିକ ଏବଂ ସାମାଜିକ କାର୍ଯ୍ୟକଳାପ ଉପରେ ଜନସଂଖ୍ୟାର ନିର୍ଭରଶୀଳତାକୁ ବୁଝାଏ । ନିମ୍ନ ସାରଣୀରେ ପ୍ରଭାବିତ ଜନସଂଖ୍ୟାର ବୟସ ବର୍ଗରେ ବିତରଣ କୁ ଦର୍ଶାଯାଇଛି । ୧୯-୪୫ ଏବଂ ୪୬-୬୦ ବର୍ଷର ବୟସ ଶ୍ରେଣୀଗୁଡିକ ଅର୍ଥନୈତିକ ଭାବରେ ଉତ୍ପାଦନକାରୀ ବୋଲି ଅନୁମାନ କରାଯାଏ ଏବଂ ଏହି ବୟସ ବର୍ଗର ଲୋକମାନେ ସାଧାରଣତଃ ସମାଜ, ପରିବାର ଏବଂ ଚତୁର୍ପାର୍ଶ୍ୱରେ ରେ ଅବଦାନ ପାଇଁ ରୋଜଗାର କରନ୍ତି ।

**ସାରଣୀ – ୫.୪ ପ୍ରଭାବିତ ପରିବାର ଲୋକମାନଙ୍କର ବୟସ ଅନୁଯାୟୀ ବର୍ଗୀକରଣ**

| ବୟସ ବର୍ଗ | ଏକକ | ପ୍ରଭାବିତ ପରିବାର (୧୨୫) | | |
|---|---|---|---|---|
| | | ପୁରୁଷ | ମହିଳା | ମୋଟ |
| ୦ ରୁ ୬ | ସଂଖ୍ୟା | ୧୩ | ୯ | ୨୨ |
| | % | ୨.୨୨ | ୧.୫୪ | ୩.୭୬ |
| ୬ ରୁ ୧୮ | ସଂଖ୍ୟା | ୩୧ | ୨୩ | ୫୪ |
| | % | ୫.୩୦ | ୩.୯୩ | ୯.୨୩ |
| ୧୯ ରୁ ୪୫ | ସଂଖ୍ୟା | ୧୫୪ | ୧୪୨ | ୨୯୬ |
| | % | ୨୬.୩୨ | ୨୪.୨୭ | ୫୦.୬୦ |
| ୪୬ ରୁ ୬୦ | ସଂଖ୍ୟା | ୮୯ | ୮୧ | ୧୭୦ |
| | % | ୧୫.୨୧ | ୧୩.୮୫ | ୨୯.୦୬ |
| ୬୦ଏବଂ ଊର୍ଦ୍ଧ୍ୱ | ସଂଖ୍ୟା | ୨୪ | ୧୯ | ୪୩ |
| | % | ୪.୧୦ | ୩.୨୫ | ୭.୩୫ |
| ମୋଟ | ସଂଖ୍ୟା | ୩୧୧ | ୨୭୪ | ୫୮୫ |
| | % | ୫୩.୧୬ | ୪୬.୮୪ | ୧୦୦.୦୦ |

*ଉତ୍ସ- କ୍ଷେତ୍ର ସର୍ବେକ୍ଷଣ*

**ଚିତ୍ର – ୫.୨ ବିଭିନ୍ନ ବୟସ ଅନୁଯାୟୀ ଲୋକସଂଖ୍ୟା ର ବିଭାଜନ**

ସଂଖ୍ୟାରେ




ପ୍ରତିଶତରେ



ସାରଣୀରୁ ଏହା ସ୍ପଷ୍ଟ ହୋଇଛି ଯେ, ସର୍ବାଧିକ ୨୯୬(୫୦.୬୦%) ଜଣ ବ୍ୟକ୍ତି ଉତ୍ପାଦନକାରୀ ବୟସ ବର୍ଗ (୧୯-୪୫ବର୍ଷ) ମଧ୍ୟରେ ଏବଂ ଦ୍ୱିତୀୟ ସର୍ବାଧିକ ବ୍ୟକ୍ତି ଉତ୍ପାଦନକାରୀ ବୟସ ବର୍ଗ ୪୬-୬୦ ବର୍ଷ ମଧ୍ୟରେ ୧୭୦ (୧୫.୨୧%) ଜଣ ବ୍ୟକ୍ତି ଅଛନ୍ତି । ଅନ୍ୟ ବୟସ ଶ୍ରେଣୀ ମଧ୍ୟରେ ୨୨ (୩.୭୬%) ଜଣ ବ୍ୟକ୍ତି ୦ ରୁ ୬ ବର୍ଷ ବୟସ ବର୍ଗ ମଧ୍ୟରେ, ୫୪ (୯.୨୩%) ଜଣ ବ୍ୟକ୍ତି ୬ ରୁ ୧୮ ବର୍ଷ ବୟସ ମଧ୍ୟରେ, ୪୩ (୭.୩୫%) ଜଣ ବ୍ୟକ୍ତି ୬୦ ରୁ ଉର୍ଦ୍ଧ୍ୱ ବୟସ ବର୍ଗ ମଧ୍ୟରେ ମିଳନ୍ତି ।  ବୟସ ଶ୍ରେଣୀ ବିଶ୍ଳେଷଣରୁ ଏହା ଜଣାପଡିଛି ଯେ କାର୍ଯ୍ୟକ୍ଷମ ଅର୍ଥାତ ୧୯-୬୦ ବର୍ଷ ବୟସ ବର୍ଗ ମଧ୍ୟରେ ଜନସଂଖ୍ୟାର ପ୍ରାୟ ୭୫% ବ୍ୟକ୍ତି ଅଛନ୍ତି ଯାହାକି ସେମାନଙ୍କ ଉପରେ ୨୫% ନିର୍ଭରଶୀଳତାର ଭାର ଦର୍ଶାଇଥାଏ ଯାହା ବହୁତ କମ ଅଟେ । ଜନସଂଖ୍ୟାର କାର୍ଯ୍ୟକ୍ଷମ ବୟସ ବର୍ଗ ଉପରେ କମ୍ ନିର୍ଭରଶୀଳତା ଭାର ପ୍ରଦର୍ଶିତ କରିଥାଏ, ଏଥିରୁ ଅବଗତହେଉଛି ଯେ, ଜମିଅଧିଗ୍ରହଣ ପ୍ରଭାବିତ ପରିବାରକୁ ଏକ କଷ୍ଟଦାୟକ ପରିସ୍ଥିତିରେ ପକାଇବ ନାହିଁ | ତଥାପି ପ୍ରଭାବିତ ଜନସଂଖ୍ୟାକୁ ସୁରକ୍ଷା ଦେବା ପାଇଁ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ସେହିପରି ଭାବରେ ପ୍ରସ୍ତୁତ ହେବା ଆବଶ୍ୟକ |

## ୫.୧.୪  ସାକ୍ଷରତା ଏବଂ ଶିକ୍ଷାଗତ ଯୋଗ୍ୟତା ସ୍ଥିତି

ସମୁଦାୟ ପ୍ରଭାବିତ ୫୮୫ ଜନସଂଖ୍ୟା ମଧ୍ୟରେ ୧୩ ପୁରୁଷ ଏବଂ ୯ ଜଣ ମହିଳା ସମୁଦାୟ ୨୨ ଜଣ ବ୍ୟକ୍ତିଙ୍କର ବିଦ୍ୟାଳୟକୁ ଯିବା ବୟସ ହୋଇନାହିଁ ଅର୍ଥାତ ସେମାନଙ୍କ ବୟସ (୦-୬ ବର୍ଷ) ବୟସ ମଧ୍ୟରେ । ଅବଶିଷ୍ଟ ୨୯୮ ଜଣ ପୁରୁଷ ଏବଂ ୨୬୫ ଜଣ ମହିଳା ସମୁଦାୟ ୫୬୩ ବୟସ୍କ ବ୍ୟକ୍ତି ଅଟନ୍ତି ଏବଂ ଶିକ୍ଷାର ସ୍ଥିତି ନିର୍ଣ୍ଣୟ କରିବା ପାଇଁ ଆକଳନ କରାଯାଇଛି | ପ୍ରଭାବିତ ବର୍ଗରେ ସର୍ବାଧିକ ଲୋକ ଅର୍ଥାତ ୧୭୯ (୩୧.୭୯%) ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଛନ୍ତି ଏବଂ ତା ପଛକୁ ୧୩୦ (୨୩.୦୯%) ହାଇସ୍କୁଲ ସ୍ତର ପର୍ଯ୍ୟନ୍ତ, ୭୪ (୧୩.୧୪%) ମାଟ୍ରିକ ପାସ କରିଛନ୍ତି , ୪୬ (୧୦.୫୩%) ଯୁକ୍ତ ଦୁଇ ଏବଂ ୪୬ (୧୦.୫୩%) ସ୍ନାତକ ପାସ କରିଛନ୍ତି | ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ନିରକ୍ଷରତା ସ୍ତର ୧୪ (୨.୪୯%) ଏବଂ ସାମାନ୍ୟ ସାକ୍ଷରଙ୍କ ସଂଖ୍ୟା ୧୨ (୨.୧୩%) ବୋଲି ଜଣାପଡିଛି |

**ସାରଣୀ - ୫.୫ ଶିକ୍ଷାର ସ୍ତରକୁ ବିଚାରକୁ ନେଇ ସଦସ୍ୟମାନଙ୍କ ର ବିତରଣ**

| ଶିକ୍ଷାର ସ୍ତର | ପୁରଷ | | ମହିଳା | | ମୋଟ | |
|---|---|---|---|---|---|---|
| | **ସଂଖ୍ୟା** | % | **ସଂଖ୍ୟା** | % | **ସଂଖ୍ୟା** | % |
| **ନିରକ୍ଷର** | ୫ | ୦.୮୯ | ୯ | ୧.୬୦ | ୧୪ | ୨.୪୯ |
| **ସାମାନ୍ୟ ସାକ୍ଷର** | ୫ | ୦.୮୯ | ୭ | ୧.୨୪ | ୧୨ | ୨.୧୩ |
| **ପ୍ରାଥମିକ** | ୮୮ | ୧୫.୬୩ | ୯୧ | ୧୬.୧୬ | ୧୭୯ | ୩୧.୭୯ |
| **ହାଇସ୍କୁଲ** | ୫୪ | ୯.୫୯ | ୭୬ | ୧୩.୫୦ | ୧୩୦ | ୨୩.୦୯ |
| **ମାଟ୍ରିକ ପାସ** | ୪୨ | ୭.୪୬ | ୩୨ | ୫.୬୮ | ୭୪ | ୧୩.୧୪ |
| **ଯୁକ୍ତ ୨** | ୨୮ | ୪.୯୭ | ୧୮ | ୩.୨୦ | ୪୬ | ୮.୧୭ |
| **ଗ୍ରାଜୁଏଟ** | ୫୯ | ୧୦.୪୮ | ୨୨ | ୩.୯୧ | ୮୧ | ୧୪.୩୯ |
| **ପୋଷ୍ଟ ଗ୍ରାଜୁଏଟ** | ୧୭ | ୩.୦୨ | ୧୦ | ୧.୭୮ | ୨୭ | ୪.୮୦ |
| **ମୋଟ** | **୨୯୮** | **୫୨.୯୩** | **୨୬୫** | **୪୭.୦୭** | **୫୬୩** | **୧୦୦** |

ଲିଙ୍ଗ ଭିତ୍ତିରେ ଶିକ୍ଷାର ସ୍ତରର ଶ୍ରେଣୀକରଣ ଦର୍ଶାଏ ଯେ ପୁରୁଷ ସଦସ୍ୟଙ୍କ ମଧ୍ୟରେ ସର୍ବାଧିକ ଅର୍ଥାତ୍ ୧୫.୬୩% (୮୮ ଜଣ) ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷାଲାଭ କରିଛନ୍ତି ତା ପଛକୁ ୧୦.୪୮% (୫୯ ଜଣ) ସ୍ନାତକ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଛନ୍ତି ଏବଂ ୯.୫୯% (୫୪ ଜଣ) ହାଇସ୍କୁଲ୍ ଷ୍ଟାଣ୍ଡାର୍ଡ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଛନ୍ତି  | ମହିଳା ସଦସ୍ୟଙ୍କ ମଧ୍ୟରେ ସର୍ବାଧିକ ଅର୍ଥାତ୍ ୧୬.୧୬% (୯୧ ଜଣ) ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷିତ ଏବଂ ତା ପଛକୁ ୧୩.୫୦% (୭୬ ଜଣ) ହାଇସ୍କୁଲ୍ ଷ୍ଟାଣ୍ଡାର୍ଡ

ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଛନ୍ତି ଏବଂ ୫.୬୮% (୩୨ ଜଣ) ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଭାବିତ ଜନସଂଖ୍ୟାର ସାକ୍ଷରତା ଏବଂ ଶିକ୍ଷା ସ୍ତରର ବିବରଣୀ ସାରଣୀ ଏବଂ ଗ୍ରାଫରେ ଚିତ୍ରିତ ହୋଇଛି |

**ଚିତ୍ର – ୫.୩ ଲୋକସଂଖ୍ୟାର ଶିକ୍ଷାଗତ ଯୋଗ୍ୟତାର ସ୍ଥିତି (ସମସ୍ତ ସଂଖ୍ୟା ଶତକଡାରେ)**




## ୫.୧.୫ ବୃତ୍ତି ଅନୁଯାୟୀ ଲୋକସଂଖ୍ୟାର ବିତରଣ

ସାଧାରଣ କାର୍ଯ୍ୟକଳାପ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ ବିଷୟରେ ଆଲୋଚନା କରିବାର ଆବଶ୍ୟକତା ଅଛି, ଯାହାକି ଜୀବିକା ଉପରେ ଆଲୋଚନା କରିବା ପୂର୍ବରୁ ବିଭିନ୍ନ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ ହାର ଏବଂ ରୋଜଗାରର ସ୍ଥିତି ବିଷୟରେ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥାଏ ।

**ସାରଣୀ - ୫.୬ ବୃତ୍ତି ଅନୁଯାୟୀ ଲୋକମାନଙ୍କର ବିତରଣ**

| କାର୍ଯ୍ୟକଳାପ | ସଂଖ୍ୟା | % |
|---|---|---|
| ଛୋଟ ପିଲା | ୨୨ | ୩.୭୬ |
| ଛାତ୍ର | ୮୯ | ୧୫.୨୧ |
| ଗୃହିଣୀ | ୧୩୨ | ୨୨.୫୬ |
| କୌଣସି ନିଯୁକ୍ତି ନାହିଁ | ୫୩ | ୯.୦୬ |
| ବୃଦ୍ଧ | ୨୬ | ୪.୪୪ |
| ଅବସର ପ୍ରାପ୍ତ | ୧୭ | ୨.୯୧ |
| ନିଯୁକ୍ତି ପ୍ରାପ୍ତ | ୨୪୬ | ୪୨.୦୫ |
| ଅନ୍ୟାନ୍ୟ | ୦ | ୦.୦୦ |
| ମୋଟ | ୫୮୫ | ୧୦୦.୦୦ |

*ଉତ୍ସ- କ୍ଷେତ୍ର ସର୍ବେକ୍ଷଣ*

ସର୍ବେକ୍ଷଣ ରୁ ଅବଗତ ଯେ, ସାଧାରଣ କାର୍ଯ୍ୟକଳାପ ସ୍ଥିତି ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ ଦର୍ଶାଏ ଯେ, ୫୮୫ ଜଣ ଜନସଂଖ୍ୟା ମଧ୍ୟରୁ ମୋଟ ଜନସଂଖ୍ୟାର ମାତ୍ର ୪୨.୦୫% କୌଣସି ନା କୌଣସି ନିଯୁକ୍ତି କାର୍ଯ୍ୟରେ ନିୟୋଜିତ ଅଛନ୍ତି ଯାହାର କି ବୟସ ଉତ୍ପାଦନକାରୀ ଗୋଷ୍ଠୀ, ଅର୍ଥାତ୍ ୧୮ ରୁ ୬୦ ବର୍ଷ ବୟସ ମଧ୍ୟରେ | ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ସମ୍ପୂର୍ଣ୍ଣ ବେକାରୀମାନଙ୍କ ସଂଖ୍ୟା ୯.୦୬% | ଏହା ବ୍ୟତୀତ ୨୨.୫୬% ଲୋକ ଗୃହିଣୀ ଏବଂ ୧୫.୨୧% ବ୍ୟକ୍ତି ଛାତ୍ର ଅଟନ୍ତି | ଯେଉଁମାନେ ଅର୍ଥନୈତିକ କାର୍ଯ୍ୟକଳାପରେ ଜଡିତ ଅଛନ୍ତି ଏବଂ ସେମାନେ ପରିବାରର ଆୟରେ ଯୋଗଦାନ ଦେଉଛନ୍ତି ସେମାନଙ୍କ ସଂଖ୍ୟା ୨୪୬(୪୨.୦୫%) | ରୋଜଗାରର ନମୁନାକୁ ବିଶ୍ଳେଷଣ କରିବାବେଳେ ଏହା ଅବଗତ ହେଲା ଯେ, ପ୍ରଭାବିତ ବର୍ଗର ଅର୍ଥନୈତିକ ସକ୍ରିୟ ଜନସଂଖ୍ୟା ମଧ୍ୟରୁ ସର୍ବାଧିକ ସଂଖ୍ୟକ ଅର୍ଥାତ ୯୫(୩୮.୬୨%) ବ୍ୟକ୍ତି ଚାଷ କାର୍ଯ୍ୟରେ ନିୟୋଜିତ, ୮

(୩.୨୫%) କୃଷି ସହଯୋଗୀ କାର୍ଯ୍ୟକଳାପରେ ନିୟୋଜିତ ଏବଂ ୨୬ (୧୦.୫୭%) କୃଷି ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି | ଏହାର ଅର୍ଥ ହେଉଛି ୫୦% ରୁ ଅଧିକ ପରିବାର କୃଷି କାର୍ଯ୍ୟରେ ନିୟୋଜିତ ଅଛନ୍ତି | ଏହି ସମ୍ବନ୍ଧରେ ସବିଶେଷ ତଥ୍ୟ ନିମ୍ନ ସାରଣୀରେ ପ୍ରଦାନ କରାଯାଇଛି

**ଚିତ୍ର -୫.୪ ବୃତ୍ତି ଅନୁଯାୟୀ ଜନସଂଖ୍ୟା ବିତରଣ**

| ସାରଣୀ ୫.୭ ଜୀବିକା ଅନୁଯାୟୀ ଜନସଂଖ୍ୟାର ବିଭାଜନ | | | |
|---|---|---|---|
| କ୍ର ସଂ | ପେଶା/ବୃତ୍ତି | ସଂଖ୍ୟା | % |
| ୧ | ଚାଷ କାର୍ଯ୍ୟ | ୯୫ | ୩୮.୬୨ |
| ୨ | କୃଷି ସହଯୋଗୀ କାର୍ଯ୍ୟ | ୮ | ୩.୨୫ |
| ୩ | କୃଷି ଶ୍ରମିକ | ୨୬ | ୧୦.୫୭ |
| ୪ | ଦିନ ମଜୁରିଆ | ୬୮ | ୨୭.୬୪ |
| ୫ | ଚାକିରି | ୨୫ | ୧୦.୧୬ |
| ୬ | ବ୍ୟବସାୟ | ୨୦ | ୮.୧୩ |
| ୭ | କୁଶଳୀ କାରିଗର | ୦ | ୦.୦୦ |
| ୮ | ପେଷାଦାର ବ୍ୟକ୍ତି | ୪ | ୧.୬୩ |
| | ମୋଟ | ୨୪୬ | ୧୦୦.୦୦ |

*ଉତ୍ସ- କ୍ଷେତ୍ର ସର୍ବେକ୍ଷଣ*




## ୫.୧.୬ ଆୟ, ଦାରିଦ୍ର୍ୟତା ଓ ଋଣଗ୍ରସ୍ତତା

ଗୋଟିଏ ପରିବାରର ଆୟ ଦାରିଦ୍ର୍ୟତା ଓ ଋଣର ଅବସ୍ଥା ତାହାର ଆର୍ଥିକ ସ୍ଥିତିର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୂଚକ। ଲୋକମାନଙ୍କର ବୃତ୍ତି ଆୟ, ଦାରିଦ୍ର୍ୟ ଅବସ୍ଥା ଓ ଋଣ ଗ୍ରସ୍ତତା ଆଦିର ସୂଚନାମାନ ପ୍ରଭାବିତ ପରିବାର ଗୁଡ଼ିକ ନିମନ୍ତେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ |

| ସାରଣୀ ୫.୮: ଆୟ ଶ୍ରେଣୀ ଅନୁସାରେ ପରିବାର ଗୁଡ଼ିକର ବିଭକ୍ତିକରଣ | | |
|---|---|---|
| ଆୟ ଟଙ୍କାରେ | ସଂଖ୍ୟା | % |
| ୬୦,୦୦୦ ପର୍ଯ୍ୟନ୍ତ | ୧୫ | ୧୨.୦୦ |
| ୬୧,୦୦୦-୧,୦୦,୦୦୦ | ୨୮ | ୨୨.୪୦ |
| ୧,୦୧,୦୦୦-୧,୫୦,୦୦୦ | ୨୩ | ୧୮.୪୦ |
| ୧,୫୧,୦୦୦-୨,୫୦,୦୦୦ | ୩୮ | ୩୦.୪୦ |
| ୨,୫୧,୦୦୦-୫,୦୦,୦୦୦ | ୧୯ | ୧୫.୨୦ |
| ୫,୦୦,୦୦୦ ରୁ ଅଧିକ | ୨ | ୧.୬୦ |
| ମୋଟ | ୧୨୫ | ୧୦୦ |

*ଉତ୍ସ- କ୍ଷେତ୍ର ସର୍ବେକ୍ଷଣ*

ପ୍ରଭାବିତ ପରିବାରର ପାରିବାରିକ ଆୟର ବିତରଣ ଦର୍ଶାଏ ଯେ ସର୍ବାଧିକ ସଂଖ୍ୟକ ପରିବାରର ଅର୍ଥାତ ୩୮ (୩୦.୪୦%) ପରିବାରର ଆୟ ବାର୍ଷିକ ଟଙ୍କା ୧,୫୧,୦୦୦ ରୁ ଟଙ୍କା ୨,୫୦,୦୦୦ ମଧ୍ୟରେ ରହିଛି | ଦ୍ୱିତୀୟ ସର୍ବାଧିକ ୨୮ (୨୨.୪୦%) ପରିବାରର ଆୟ ଟଙ୍କା ୬୧,୦୦୦ ରୁ ଟଙ୍କା ୧,୦୦,୦୦୦ ମଧ୍ୟରେ ଆୟ କରୁଛନ୍ତି ଏବଂ ତୃତୀୟ ସର୍ବାଧିକ

୨୩(୧୮.୪୦%) ପରିବାର ବାର୍ଷିକ ଟଙ୍କା ୧,୦୧,୦୦୦ ରୁ ଟଙ୍କା ୧,୫୦,୦୦୦ ମଧ୍ୟରେ ଆୟ କରୁଛନ୍ତି । ୧୯ (୧୫.୨୦%) ପରିବାରର ଆୟ ୨,୫୧,୦୦୦ ରୁ ଟଙ୍କା ୫,୦୦,୦୦୦ ମଧ୍ୟରେ ଆୟ କରୁଛନ୍ତି । ମାତ୍ର ୧୫ (୧୨.୦୦%) ପରିବାର ଆୟ ଟଙ୍କା ୬୦,୦୦୦ ରୁ କମ ଅଟେ ।

**ଚିତ୍ର ୫.୫ଆୟ ପରିସର ଅନୁଯାୟୀ ପରିବାରର ବିତରଣ**




ବାର୍ଷିକ ଆୟ ୬୦,୦୦୦ ରୁ କମ୍ ଆୟ କରୁଥିବା ପରିବାରଗୁଡିକ ୨୦୧୬ ମସିହାରେ ରଙ୍ଗରାଜନ୍ କମିଟି ଦ୍ଵାରା ପ୍ରସ୍ତୁତ ହୋଇଥିବା ଦାରିଦ୍ର୍ୟ ଆକଳନ ଅନୁଯାୟୀ ଦାରିଦ୍ର ସୀମାରେଖା ତଳେ ରହୁଥିବା ଗରିବ ବର୍ଗ ପରିବାର ଭାବରେ ଚିହ୍ନଟ କରାଯାଇପାରେ । ରଙ୍ଗରାଜନ୍ କମିଟି ଅନୁଯାୟୀ ୨୦୧୬ ମସିହାରେ ଗ୍ରାମାଞ୍ଚଳରେ ବାସ କରୁଥିବା ପରିବାର ମୁଣ୍ଡପିଛା ଦୈନିକ ୩୨ ଟଙ୍କା ରୁ କମ୍ ଏବଂ ସହରାଞ୍ଚଳରେ ୪୭ ଟଙ୍କା ରୁ କମ୍ ଖର୍ଚ୍ଚ କରୁଥିଲେ ସେମାନଙ୍କୁ BPL ବର୍ଗର ପରିବାର ଭାବରେ ଚିହ୍ନଟ କରାଯାଇଥିଲା । ଏହାର ଅର୍ଥ ହେଉଛି ଗ୍ରାମାଞ୍ଚଳରେ ଓଡିଶାର ହାରାହାରି ପରିବାରରେ ୫ ଜଣ ସଭ୍ୟ ଥିଲେ ଏବଂ ଦିନକୁ ୧୬୦ ଟଙ୍କାରୁ କମ୍ ଖର୍ଚ୍ଚ କରନ୍ତି କିମ୍ବା ମାସକୁ ୪୮୦୦ ଟଙ୍କାରୁ କମ କରୁଥିଲେ ବିପିଏଲ୍ ବର୍ଗର ପରିବାର ଭାବରେ ତାଲିକାଭୁକ୍ତ ହୋଇଥିଲେ । ସାରଣୀ ୫.୮ ଓ ଚିତ୍ରରେ ଏ ସଂକ୍ରାନ୍ତିୟ ସୂଚନା ପ୍ରଦାନ କରାଯାଇଛି।

ଗାଁର ପ୍ରଭାବିତ ପରିବାରର ଘରୋଇ ସ୍ତରର ଆୟରୁ ଏହା ଅନୁମାନ କରାଯାଇପାରେ ଯେ ପ୍ରାୟ ୧୫(୧୨.୦୦%) ପରିବାର ଦାରିଦ୍ର ସୀମାରେଖା ତଳେ ଅଛନ୍ତି | କହିବା ବାହୁଲ୍ୟ ଯେ, ଯଦି ସେମାନଙ୍କ ଜୀବନଧାରଣର ଉନ୍ନତି ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷ ପର୍ଯ୍ୟାପ୍ତ ନୀତି ହସ୍ତକ୍ଷେପ ଗ୍ରହଣ ନକରନ୍ତି ତେବେ ଏହି ପରିବାରଗୁଡିକ ଭୂମିହୀନତା ଏବଂ ଖାଦ୍ୟ ନିରାପତ୍ତାର ଶିକାର ହୋଇପାରନ୍ତି । ଜମି ଅଧିଗ୍ରହଣ ସେମାନଙ୍କୁ ଦୁର୍ବଳତା ମଧ୍ୟରେ ରଖିପାରେ | ସାମାଜିକ ପ୍ରଭାବ ପ୍ରଶମନ ଯୋଜନା ପ୍ରସ୍ତୁତ କରିବା ସମୟରେ ସେମାନଙ୍କ ଉପରେ ବିଶେଷ ଧ୍ୟାନ ଦେବା ଉଚିତ୍ |

## ୫.୧.୭ ଋଣ

ସାରଣୀରୁ ଏହା ଦେଖାଯାଏ ଯେ ୧୨୫ ଟି ପ୍ରଭାବିତ ପରିବାର ମଧ୍ୟରୁ ୯୨ (୭୩.୬୦%) ପରିବାର ସେମାନଙ୍କ ଆବଶ୍ୟକତା ନିମନ୍ତେ ଋଣ କରିଛନ୍ତି । ଉପର ସାରଣୀରେ ଦେଖାଯାଇଥିବା ପରି ଆୟ ଏବଂ ବ୍ୟୟ ଢାଞ୍ଚାରୁ; ଏହା ଲକ୍ଷ୍ୟ କରାଯାଇପାରେ ଯେ ପ୍ରାୟ ସମସ୍ତ ପରିବାର ଉପଭୋକ୍ତା ଅଭାବ ପରିବାର ବର୍ଗରେ ନାହାଁନ୍ତି, ତଥାପି ସେମାନେ ଋଣଗ୍ରସ୍ତ ଅଟନ୍ତି ।

**ସାରଣୀ ୫.୯ ଋଣର ଉତ୍ସ**

| ଋଣର ଉତ୍ସ | ପରିବାର | % |
|---|---|---|
| ବ୍ୟାଙ୍କ | ୧୨ | ୯.୬୦ |
| ସମବାୟ ସମିତି | ୧୪ | ୧୧.୨୦ |
| ବନ୍ଧୁବାନ୍ଧବ /ସାଙ୍ଗସାଥି | ୭ | ୫.୬୦ |
| ସ୍ୱୟଂ ସହାୟକ ଦଳ | ୫୯ | ୪୭.୨୦ |
| କୌଣସି ଋଣ ନେଇନାହାନ୍ତି | ୩୩ | ୨୬.୪୦ |
| ମୋଟ | ୧୨୫ | ୧୦୦.୦୦ |

*ଉତ୍ସ- କ୍ଷେତ୍ର ସର୍ବେକ୍ଷଣ*

ଏହି ଘଟଣାକୁ ଏହା ପଛରେ କିଛି କାରଣ ମାଧ୍ୟମରେ ବର୍ଣ୍ଣନା କରାଯାଇପାରେ । ଏହା ପୂର୍ବରୁ ପରିବାରର ଗତ ବର୍ଷର ଆୟ ଏବଂ ବ୍ୟୟ ସମ୍ପର୍କିତ ତଥ୍ୟ ପ୍ରଦାନ କରାଯାଇଛି, କିନ୍ତୁ ଋଣ ତଥ୍ୟ ବର୍ଷ ବର୍ଷ ଧରି ଜମା ହୋଇଥିବା ଋଣର ତଥ୍ୟ ଅଟେ । ଦ୍ୱିତୀୟତଃ, ଅଧିକ ଆୟ କରୁଥିବା ପରିବାରଗୁଡିକର ଅଧିକ ପରିଶୋଧ କରିବାର କ୍ଷମତା ଅଛି । ତେଣୁ, ଏହି ପରିବାରଗୁଡିକ ପାଇଁ ଉଭୟ ଆନୁଷ୍ଠାନିକ ତଥା ଅଣଆନୁଷ୍ଠାନିକ ଉତ୍ସରୁ ସହଜରେ ଋଣ ଉପଲବ୍ଧ ହୋଇଥାଏ । ଏହା ମଧ୍ୟ ଜଣାପଡିଛି ଯେ, ଅଧିକାଂଶ କ୍ଷେତ୍ରରେ ପରିବାର ର ମୁଖ୍ୟ କିମ୍ବା ତାଙ୍କ ପତି ଋଣ କରିଛନ୍ତି ।

ସର୍ବେକ୍ଷଣରୁ ଏହା ଜଣାପଡିଛି ଯେ ପରିବାରମାନେ ବ୍ୟାଙ୍କ, ଏନଜିଓ, ଋଣଦାତା ଏବଂ ସ୍ୱୟଂ ସହାୟକ ଦଳ ଭଳି ବିଭିନ୍ନ ଉତ୍ସ ପାଇଁ ଋଣ ନେଇଛନ୍ତି। ସର୍ବାଧିକ ସଂଖ୍ୟକ ବ୍ୟକ୍ତି ଅର୍ଥାତ୍ ୫୯ (୪୭.୨୦%) ପରିବାର ସ୍ୱୟଂ ସହାୟକ ଦଳ ରୁ ଋଣ ନେଇଛନ୍ତି । ତା ପଛକୁ ୧୪ (୧୧.୨୦%) ଜଣ ସମବାୟ ସମିତି ରୁ ରୁ ଋଣ ନେଇଛନ୍ତି । କେବଳ ୧୨ (୯.୬୦%)ଟି ପରିବାର ବ୍ୟାଙ୍କରୁ ଋଣ ନେଇଛନ୍ତି । ଏହା ବ୍ୟତୀତ ଏହି ୭ (୫.୬୦%) ପରିବାର ନିଜ ବନ୍ଧୁ ଏବଂ ସମ୍ପର୍କୀୟଙ୍କ ଠାରୁ ଋଣ ନେଇଛନ୍ତି । ସର୍ବେକ୍ଷଣରୁ ଏହା ଅବଗତ ହେଲା ଯେ, ପରିବାରମାନେ ବିଭିନ୍ନ ଉଦ୍ଦେଶ୍ୟରେ ଋଣ ନେଇଛନ୍ତି ।ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି ଯେ ଅଧିକାଂଶ ଅର୍ଥାତ୍ ୭୧ (୭୭.୧୭%) ପରିବାର କୃଷି ଏବଂ କ୍ଷୁଦ୍ର ବ୍ୟବସାୟରେ ବିନିଯୋଗ ନିମନ୍ତେ ଉତ୍ପାଦନକାରୀ ବିନିଯୋଗ ପାଇଁ ଋଣ ନେଇଛନ୍ତି, ୩(୩.୨୬%) ପରିବାର ଜରୁରୀକାଳୀନ ଆବଶ୍ୟକତା ପୂରଣ ପାଇଁ ଋଣ ନେଇଛନ୍ତି। ସାମାଜିକ କାର୍ଯ୍ୟ କରିବା ପାଇଁ ବିବାହ ଏବଂ ବ୍ରତଘର ନିମନ୍ତେ ୭(୭.୬୧%) ଟି ପରିବାର ଋଣ ଦେଇଛନ୍ତି | ଋଣ କରିଥିବା ପରିବାର ଏବଂ ସେମାନଙ୍କର ଉଦ୍ଦେଶ୍ୟ ସାରଣୀ ସଂଖ୍ୟା – ୫.୧୧ ରେ ପ୍ରଦାନ କରାଯାଇଛି |

**ସାରଣୀ ୫.୧୧ ଋଣ ର ଉଦ୍ଦେଶ୍ୟ**

| ଉଦ୍ଦେଶ୍ୟ | ସଂଖ୍ୟା | % |
|---|---|---|
| ଉତ୍ପାଦନ କାର୍ଯ୍ୟରେ ବିନିଯୋଗ | ୭୧ | ୭୭.୧୭ |
| ସ୍ଥାୟୀ ଆସବାବପତ୍ର କ୍ରୟ | ୫ | ୫.୪୩ |
| ଜରୁରୀ ଆବଶ୍ୟକତା ପୂରଣ ନିମନ୍ତେ | ୩ | ୩.୨୬ |
| ପିଲାମାନଙ୍କ ବିବାହ ଓ ବ୍ରତଘର ନିମନ୍ତେ | ୭ | ୭.୬୧ |
| ପୁରୁଣା ଋଣ ପରିଶୋଧ ନିମନ୍ତେ | ୬ | ୬.୫୨ |
| **ମୋଟ** | **୯୨** | ୧୦୦.୦୦ |

*ଉତ୍ସ- କ୍ଷେତ୍ର ସର୍ବେକ୍ଷଣ*

**ସାରଣୀ ୫.୧୦ କିଏ ଋଣ କରିଛନ୍ତି**

| ପରିବାର ସଦସ୍ୟ | ସଂଖ୍ୟା | % |
|---|---|---|
| ପରିବାର ମୁଖ୍ୟ | ୧୭ | ୧୮.୪୮ |
| ସହଧର୍ମିଣୀ | ୨୮ | ୩୦.୪୩ |
| ପୁଅ | ୧୨ | ୧୩.୦୪ |
| ବୋହୁ | ୩୫ | ୩୮.୦୪ |
| ମୋଟ | **୯୨** | **୧୦୦.୦୦** |

*ଉତ୍ସ- କ୍ଷେତ୍ର ସର୍ବେକ୍ଷଣ*

## ୫.୧.୮ ବୈବାହିକ ସ୍ଥିତି

ସର୍ବେକ୍ଷଣ କରାଯାଇଥିବା ପ୍ରଭାବିତ ଜନସଂଖ୍ୟାର ବୈବାହିକ ସ୍ଥିତି ସମ୍ପର୍କରେ ଅବଗତ ହେଲା ଯେ, ସମୁଦାୟ ଜନସଂଖ୍ୟାରୁ ଅର୍ଦ୍ଧାଧିକ ବ୍ୟକ୍ତି ବିବାହିତ । ସମୁଦାୟ ୫୮୫ ଜଣ ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ବିବାହିତ ବ୍ୟକ୍ତିଙ୍କ ସଂଖ୍ୟା ୪୧୨(୭୦.୪୩%) ଅଟେ |




**ଚିତ୍ର ୫.୬ ବୈବାହିକ ସ୍ଥିତି ଆଧାରରେ ପ୍ରଭାବିତ ଜନସଂଖ୍ୟାର ବିତରଣ**

**ସାରଣୀ – ୫.୧୨ ବୈବାହିକ ସ୍ଥିତି ଆଧାରରେ ପ୍ରଭାବିତ ଜନସଂଖ୍ୟା ର ବିତରଣ**

| ବୈବାହିକ ସ୍ଥିତି | ସଂଖ୍ୟା | % |
|---|---|---|
| ବିବାହିତ | ୪୧୨ | ୭୦.୪୩ |
| ଅବିବାହିତ | ୧୫୪ | ୨୬.୩୨ |
| ଛାଡ଼ପତ୍ର | ୦ | ୦.୦୦ |
| ଅଲଗା ରହୁଥିବା | ୦ | ୦.୦୦ |
| ବିଧବା/ବିପତ୍ନୀକ | ୧୯ | ୩.୨୫ |
| | ୫୮୫ | ୧୦୦.୦୦ |

*ଉତ୍ସ- କ୍ଷେତ୍ର ସର୍ବେକ୍ଷଣ*

ଅବିବାହିତ, ଯେଉଁଥିରେ ବିବାହ ବୟସରୁ କମବୟସ ବ୍ୟକ୍ତି ମଧ୍ୟ ଅନ୍ତର୍ଭୁକ୍ତ, ସେମାନଙ୍କ ସଂଖ୍ୟା ୧୫୪ (୨୬.୩୨%) ଅଟେ | ଯେଉଁମାନେ ଆନୁଷ୍ଠାନିକ ଛାଡପତ୍ର ବିନା ନିଜ ଜୀବନସାଥୀଙ୍କଠାରୁ ଅଲଗା ରହୁଛନ୍ତି ସେପରି ବ୍ୟକ୍ତି ପ୍ରଭାବିତ ପରିବାର ମଧ୍ୟରେ ନାହାନ୍ତି । ପ୍ରଭାବିତ ବର୍ଗରେ ସମୁଦାୟ ଜନସଂଖ୍ୟାର ୧୯(୩.୨୫%) ବିଧବା ଏବଂ ବିପତ୍ନୀକଙ୍କୁ ନେଇ ଗଠିତ |

## ୫.୧.୯ ଦୁସ୍ଥ ବ୍ୟକ୍ତିମାନଙ୍କ ସ୍ଥିତି

ଜନସଂଖ୍ୟା ମଧ୍ୟରେ ଥିବା ଦୁସ୍ଥ ଅବସ୍ଥାକୁ ମଧ୍ୟ ବିଶ୍ଳେଷଣ କରାଯାଇଥିଲା, ଏହା ଜଣାପଡିଥିଲା ଯେ, ପ୍ରକଳ୍ପ ପ୍ରଭାବିତ ୧୨୫ ଟି ପରିବାରମଧ୍ୟରୁ ୨୨.୪୦% (୨୮) ଟି ପରିବାର ମହିଳାମୁଖ୍ୟ ପରିବାର, ୧୨.୦୦% (୧୫) ଟି ପରିବାର ବି ପି ଏଲ ପରିବାର ଯାହାର ଆୟ ୬୦୦୦୦ ଟଙ୍କା ରୁ କମ ଅଟେ ଅଛନ୍ତି | ସର୍ଭେ ହୋଇଥିବା ପରିବାର ମଧ୍ୟରେ କୌଣସି ଅନୁସୂଚିତ ଜାତି (ଏସସି) ଅନୁସୂଚିତ ଜନଜାତି (ଏସଟି) ପରିବାର ନାହାନ୍ତି । ଜମି ଅଧିଗ୍ରହଣ ଘଟଣାରେ ଏହି ପରିବାରଗୁଡିକ ଆର୍ଥିକ ସଙ୍କଟରେ ଅଧିକ ଆକ୍ରାନ୍ତ ହୋଇପାରନ୍ତି ଏବଂ ଆଇନର ବ୍ୟବସ୍ଥାର ମଧ୍ୟରେ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଆବଶ୍ୟକ | ସୌଭାଗ୍ୟବଶତଃ କୌଣସି ପରିବାର ଭିନ୍ନକ୍ଷମ, କାମ ଅନ୍ୱେଷଣରେ ଦେଶାନ୍ତର ଯାଉଥିବା ବ୍ୟକ୍ତି କିମ୍ବା ଏଚ୍.ଆଇ.ଭି. ଏଡସ ଆକ୍ରାନ୍ତ ବ୍ୟକ୍ତି ନାହାନ୍ତି ।

**ସାରଣୀ ୫.୧୩: ପ୍ରଭାବିତ ପରିବାର ମଧ୍ୟରେ ଦୁସ୍ଥତର ସ୍ଥିତି**

| | | |
|---|---|---|
| ମୋଟ ପରିବାର | ୧୨୫ | ୧୦୦% |
| ମହିଳା ମୁଖ୍ୟ ପରିବାର | ୨୮ | ୨୨.୪୦ |
| ଏସ ଟି ପରିବାର | ୦ | ୦.୦୦ |
| ଏସ ସି ପରିବାର | ୦ | ୦.୦୦ |
| ଭିନ୍ନକ୍ଷମ ପରିବାର | ୦ | ୦.୦୦ |
| ବିପିଏଲ କାର୍ଡ ଧାରକ | ୧୫ | ୧୨.୦୦ |
| ସମୁଦାୟ ଦୁସ୍ଥ ପରିବାର | ୪୩ | ୩୪.୪୦ |

## ୫.୨. ବାସକରୁଥିବା ପରିବେଶର ଗୁଣବତ୍ତା

ଜୀବନର ଗୁଣବତ୍ତା, ବାସକରୁଥିବା ଅଞ୍ଚଳର ପରିବେଶ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ, ଏହା ଏକ ବ୍ୟକ୍ତି କିମ୍ବା ଗୋଷ୍ଠୀ ଦ୍ୱାରା ଅନୁଭୂତ ହୋଇଥିବା ସ୍ୱାସ୍ଥ୍ୟର ସ୍ଥିତି, ଆରାମ ଏବଂ ସୁଖ ଦାୟକ ଜୀବନର ମାନକର ସୂଚକ ଅଟେ । ଏଥିରେ ଗୃହର ଅବସ୍ଥା, ଆରାମଦାୟକ ଜୀବନଯାପନ ପାଇଁ ଘରୋଇ ସାମଗ୍ରୀର ଅଧିକାର, ସ୍ୱାସ୍ଥ୍ୟ, ପରିମଳ, ଶିକ୍ଷା, ଶକ୍ତି ଏବଂ ଅନ୍ୟାନ୍ୟ ନାଗରିକ ସୁବିଧା, ସାମାଜିକ ସୁରକ୍ଷା, ଧାର୍ମିକ ବିଶ୍ୱାସ ଏବଂ ପରିବେଶ ପରି ସୂଚକ ଅନ୍ତର୍ଭୁକ୍ତ । ଉପରୋକ୍ତ ସୂଚକାଙ୍କ ଉପରେ ଆଧାର କରି ପ୍ରଭାବିତ ପରିବାର ଦ୍ୱାରା ଅନୁସରଣ କରାଯାଉଥିବା ଜୀବନ ଗୁଣର ଏକ ବିସ୍ତୃତ ଆଲୋଚନା ନିମ୍ନରେ ଅନୁଚ୍ଛେଦରେ ଉପସ୍ଥାପିତ ହୋଇଛି ।

### ୫.୨.୧ ବାସଗୃହର ଅବସ୍ଥା, ମୌଳିକ ସୁବିଧା ର ଉପଲବ୍ଧତା ଏବଂ ସମ୍ପତ୍ତିର ସ୍ଥିତି

ଜମି ଅଧିଗ୍ରହଣ ପାଇଁ ସାମାଜିକ-ଅର୍ଥନୈତିକ ଅଧ୍ୟୟନରେ ଗୃହ ନିର୍ମାଣର ଢାଞ୍ଚା ଏବଂ ମୌଳିକ ସୁବିଧାଗୁଡ଼ିକର ଆକଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ | ଏହିପରି, ପ୍ରଭାବିତ ପରିବାରର ଗୃହର ଗଠନ, ଏହାର ବ୍ୟବହାର, ଗୃହ ସ୍ଥିତିର ଦିଗ ଏବଂ ମୌଳିକ ସୁବିଧା ଉପଲବ୍ଧତା ଇତ୍ୟାଦି ସର୍ବେକ୍ଷଣ ସମୟରେ ବ୍ୟକ୍ତିଗତ ଭାବରେ ଦୃଷ୍ଟିରଖାଯାଇଛି ଏବଂ ଯାଞ୍ଚ କରାଯାଇଛି ଏବଂ ଏହି ବିଭାଗରେ ବିଶ୍ଳେଷଣ କରାଯାଇଛି | ଉପରୋକ୍ତ ସୂଚକାଙ୍କ ଉପରେ ଆଧାର କରି ପ୍ରଭାବିତ ପରିବାର ଦ୍ୱାରା ଅନୁସରଣ କରାଯାଇଥିବା ଚଳଣି ବିଷୟରେ ଏକ ବିସ୍ତୃତ ଆଲୋଚନା ନିମ୍ନ ଅନୁଚ୍ଛେଦରେ ଉପସ୍ଥାପିତ ହୋଇଛି | ଅଧ୍ୟୟନ ଅନୁସନ୍ଧାନରୁ ଜଣାପଡିଛି ଯେ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାରର ନିଜସ୍ୱ ଘର ଅଛି ଯାହା ବିଭିନ୍ନ ପ୍ରକାରର ଏବଂ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ | ନିମ୍ନ ସାରଣୀରେ ପ୍ରଭାବିତ ପରିବାରଗୁଡିକର ମାଲିକାନା ଥିବା ଏହି ଘରଗୁଡିକର ନିର୍ମାଣ ବିବରଣୀ ଦର୍ଶାଯାଇଛି | ଏହା ସୂଚିତ କରେ ଯେ, ୧୨୫ ଟି ପ୍ରଭାବିତ ପରିବାର ମଧ୍ୟରୁ ଅଧିକାଂଶ ୧୧୭ (୯୩.୬୦%) ପରିବାରରେ କଂକ୍ରିଟ ଛାତ ଅଛି, ତା'ପଛକୁ ୫ (୪.୦୦%)

**ସାରଣୀ ୫.୧୫: ଗୃହ ମଧ୍ୟରେ ଉପଲବ୍ଧ ନାଗରିକ ସୁବିଧା**

| ନାଗରିକ ସୁବିଧା (ପରିବାର) | | ସଂଖ୍ୟା | % |
|---|---|---|---|
| ବିଦ୍ୟୁତ ସଂଯୋଗ | | ୧୨୩ | ୯୮.୪୦ |
| **ପାନୀୟ ଜଳର ଉତ୍ସ** | ଜଳଯୋଗାଣ ବ୍ୟବସ୍ଥା | ୧୦୬ | ୮୪.୮୦ |
| | ଖୋଲାକୂଅ | ୦ | ୦.୦୦ |
| | ନଳକୂପ | ୧୯ | ୧୫.୨୦ |
| ଗାଧୁଆଘର | ଘରଭିତରେ | ୫୨ | ୪୧.୬୦ |
| | ଖୋଲା ସ୍ଥାନରେ | ୪୩ | ୩୪.୪୦ |
| | ଘର ଅଗଣାରେ | ୩୦ | ୨୪.୦୦ |
| ଶୌଚାଳୟ | ଘରଭିତରେ | ୩୯ | ୩୧.୨୦ |
| | ଖୋଲା ସ୍ଥାନରେ | ୮୬ | ୬୮.୮୦ |
| ଗୃହପାଳିତ ପଶୁମାନଙ୍କ ନିମନ୍ତେ ଗୁହାଳ | ଘରର କାନ୍ଥ କୁ ଲାଗି କରି | ୧୩ | ୧୦.୪୦ |
| | ସଂପୂର୍ଣ୍ଣ ଅଲଗା | ୧୫ | ୧୨.୦୦ |

**ସାରଣୀ ୫.୧୪ ଗୃହନିର୍ମାଣର ଢାଞ୍ଚା**

| ନିର୍ମାଣର ପ୍ରକାର | | ମୋଟ ୧୨୫ ପରିବାର | |
|---|---|---|---|
| | | ସଂଖ୍ୟା | % |
| **ଛାତ** | **କଂକ୍ରିଟ୍** | ୧୧୭ | ୯୩.୬୦ |
| | **ଆଜବେଷ୍ଟସ** | ୩ | ୨.୪୦ |
| | **ଟାଇଲ** | ୫ | ୪.୦୦ |
| **ଚଟାଣ** | **ଟାଇଲ / ମୋଜାଇକ** | ୫ | ୪.୦୦ |
| | **ସିମେଣ୍ଟ** | ୧୧୯ | ୯୫.୨୦ |
| | **ମାଟି** | ୧ | ୦.୮୦ |
| **କାନ୍ଥ** | **ଇଟା** | ୧୦୫ | ୮୪.୦୦ |
| | **ପଥର ଖଣ୍ଡ** | ୨୦ | ୧୬.୦୦ |

***ଉତ୍ସ- କ୍ଷେତ୍ର ସର୍ବେକ୍ଷଣ***

ପ୍ରଭାବିତ ପରିବାରର ହାତ ତିଆରି ଟାଇଲ ଛାତ ଏବଂ ୩(୨.୪୦%) ପ୍ରଭାବିତ ପରିବାରରେ ଆଜବେଷ୍ଟସ ଘର ଦେଖିବାକୁ ମିଳିଛି | ସେହିଭଳି, ଚଟାଣ ସ୍ଥିତି ବିଷୟରେ ଅଧିକାଂଶ ଘର ଯଥା ୧୧୯ (୯୫.୨୦%) ପରିବାରରେ ସିମେଣ୍ଟ ଚଟାଣ ଅଛି । ତା'ପଛକୁ ୫(୪.୦୦%) ଘରର ଚଟାଣ ଟାଇଲ ଏବଂ ମୋଜାଇକ ରେ ନିର୍ମାଣ କରାଯାଇଛି ଏବଂ ମାତ୍ର (୦.୮୦%) ଘରର ଚଟାଣ ମାଟି ଅଛି | କାନ୍ଥର ଅବସ୍ଥା ସମ୍ବନ୍ଧରେ ଏହା ଜଣାପଡିଛି ଯେ ୮୪.୦୦% (୧୦୫) ଟି ଘରର କାନ୍ଥ ଇଟା ଏବଂ ସିମେଣ୍ଟରେ ନିର୍ମିତ ଏବଂ ଅବଶିଷ୍ଟ ୨୦ (୧୬%) ଘର ପଥର ଖଣ୍ଡରେ ନିର୍ମିତ ।

ଅଧିକାଂଶ ପରିବାରର ୯୮.୪୦% ଘର ଅର୍ଥାତ ୧୨୫ ରୁ ୧୨୩ ଟି ଘର କୁ ବିଦ୍ୟୁତ୍ ସଂଯୋଗ ଅଛି ଯାହା ଆଧୁନିକ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା | ଘର ଭିତରେ ଗାଧୁଆ ଘର ୫୨(୪୧.୬୦%) ଟି ପରିବାରରେ ଏବଂ ଘର ଅଗଣାରେ ଗାଡୁଆ ଘର ୩୦ (୨୪%) ପରିବାରରେ ଅଛି । ଭିତରେ ଶୌଚାଳୟ ୩୯ (୩୧.୨୦%) ଟି ପରିବାରରେ ଉପଲବ୍ଧ, ଅନେକ ଲୋକ ଗାଁ ପୋଖରୀ କିମ୍ବା ନଳକୂଅ ନିକଟରେ ଦୈନନ୍ଦିନ ପରିମଳ କାର୍ଯ୍ୟ କରୁଛନ୍ତି | ଏହି ଅଞ୍ଚଳରେ ଏବେବି ଖୋଲାରେ ମଳତ୍ୟାଗ କରୁଛନ୍ତି । ସମସ୍ତ ପରିବାର ପଶୁପାଳନ କରନ୍ତି ନାହିଁ କେତେକ ପରିବାର ଗାଈ, ଛେଳି ଏବଂ କୁକୁଡା ଆଦି ପାଳନ କରିଥାନ୍ତି । ୨୮ ଟି ପରିବାର ପଶୁ ପାଳନ କରନ୍ତି ତାଙ୍କର ଗୁହାଳ ଅଛି । ୧୩ ଟି ଘରେ ଗୁହାଳ ଘରର କାନ୍ଥକୁ ଲାଗି ନିର୍ମାଣ କରାଯାଇଛି | ୧୫ ଟି ଅର୍ଥାତ ୧୨.୦୦% ପରିବାରର ପଶୁମାନଙ୍କ ପାଇଁ ଅଲଗା ଗୁହାଳ ଘର ଅଛି |

**ସମ୍ପତ୍ତିର ମାଲିକାନା ସ୍ଥିତି:**

ଘରୋଇ ସମ୍ପତ୍ତିର ମାଲିକାନା ମଧ୍ୟ ପ୍ରଭାବିତ ପରିବାରର ଜୀବନର ଗୁଣବତ୍ତା ସମ୍ପର୍କରେ ଅବଗତ ହେବାର ଏକ ସୂଚକ ଅଟେ । ଏହାକୁ ଦୃଷ୍ଟିରେ ରଖି, ବର୍ତ୍ତମାନର ଅଧ୍ୟୟନରେ ପ୍ରଭାବିତ ପରିବାରଗୁଡିକର ମାଲିକାନାରେ ଥିବା ସମ୍ପତ୍ତି ଉପରେ ତଥ୍ୟ ସଂଗ୍ରହ କରିବାକୁ ଏକ ପ୍ରୟାସ କରାଯାଇଥିଲା ଏବଂ ବିଶ୍ଳେଷଣ କରାଯାଇଥିବା ତଥ୍ୟ ସାରଣୀ ୫.୧୬ ରେ ଉପସ୍ଥାପିତ ହୋଇଛି | ତଥ୍ୟରୁ ଜଣାପଡିଛି ଯେ, ସର୍ବନିମ୍ନ ଜୀବନଧାରଣର ମାନ ବଜାୟ ରଖିବା ପାଇଁ ଆବଶ୍ୟକ ଆଧୁନିକ ସରଞ୍ଜାମ ଯେପରିକି, ଟେଲିଭିଜନ୍, ପଙ୍ଖା, ଦୁଇ ଚକିଆଗାଡି ଅଧିକାଂଶ ପଛୁଆବର୍ଗ ପରିବାର ନିକଟରେ ଅଛି । ଅନ୍ୟ ପରିବାର ନିକଟରେ ଏପରି ଆଧୁନିକ ସରଞ୍ଜାମର ଅଭାବ ରହିଛି | କୌତୁହଳର ବିଷୟ ହେଉଛି, ସାଇକେଲ, ଦୁଇ ଚକିଆ ଯାନ, ମୋବାଇଲ୍ ଫୋନ୍ ଅଧିକାଂଶ ପରିବାର ନିକଟରେ ଉପଲବ୍ଧ | କେବଳ ୫ (୪.୦୦%) ଟି ପରିବାର ନିକଟରେ ଚାରି ଚକିଆ ଯାନ ପରି ବିଳାସପୂର୍ଣ୍ଣ ଜିନିଷ ଏବଂ ୩୬ (୨୮.୮୦%) ଟି ପରିବାର ନିକଟରେ ରେଫ୍ରିଜରେଟର ଅଛି |

**ସାରଣୀ ସଂଖ୍ୟା ୫.୧୬: ପ୍ରଭାବିତ ପରିବାରର ମାଲିକାନାରେ ଥିବା ଘରୋଇ ସମ୍ପତ୍ତିର ବିତରଣ (ମୋଟ ପରିବାର - ୧୨୫)**

| କ୍ର ସଂଖ୍ୟା | ସମ୍ପତ୍ତି | କେତୋଟି ପରିବାର ନିକଟରେ ଉପଲବ୍ଧ | ସମୁଦାୟ ପରିବାରର କେତେ ପ୍ରତିଶତ |
|---|---|---|---|
| ୧ | ଟିଭି | ୧୦୩ | ୮୨.୪୦ |
| ୨ | ଟେପ୍ ରେକର୍ଡର | ୦ | ୦.୦୦ |
| ୩ | ରେଡିଓ | ୧୨ | ୯.୬୦ |
| ୪ | ରେଫ୍ରିଜରେଟର | ୩୬ | ୨୮.୮୦ |
| ୫ | ଟେଲିଫୋନ୍ /ମୋବାଇଲ୍ | ୧୧୯ | ୯୫.୨୦ |
| ୬ | ସାଇକେଲ | ୬୮ | ୫୪.୪୦ |
| ୭ | ଦୁଇ ଚକିଆ ଯାନ | ୧୧ | ୮.୮୦ |
| ୮ | ତିନି ଚକିଆ ଯାନ | ୮୪ | ୬୭.୨୦ |
| ୯ | ଚାରି ଚକିଆ ଯାନ | ୫ | ୪.୦୦ |
| ୧୦ | ବାସନ | ୧୨୫ | ୧୦୦.୦୦ |
| ୧୧ | ଅଳଙ୍କାର | ୧୧୭ | ୯୩.୬୦ |

### ୫.୨.୨ ସ୍ୱାସ୍ଥ୍ୟର ସ୍ଥିତି ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଆଚରଣ

